ବର୍ଷ-୨୫, ସଂଖ୍ୟା-୩୧୩
ଭୁବନେଶ୍ୱର
୨୫, ନଭେମ୍ବର, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 313
Bhubaneswar
25, November, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ବଲିଉଡର ହି'ମ୍ୟାନଙ୍କ ପରଲୋକ



**ମୁମ୍ବାଇ,୨୪।୧୧(ଏଜେନ୍ସି):** ବଲିଉଡର ହି'ମ୍ୟାନ ଆଉ ନାହାନ୍ତି। ଆଜି ମୁମ୍ବାଇ ସ୍ଥିତ ବାସଭନବରେ ମହାନ ଅଭିନେତା ଧର୍ମେନ୍ଦ୍ରଙ୍କ ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ବେଶ କିଛି ଦିନ ହେବ ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବିଭିନ୍ନ ପ୍ରକାରର ଖବର ଆସୁଥିଲା। ଏପରି କି ସେ ଚଳିତ ମାସରେ ବେଶ କିଛି ଦିନ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଏହି ସମୟରେ ତାଙ୍କ ମୃତ୍ୟୁକୁ ନେଇ ଗୁଜବ ମଧ୍ୟ ପ୍ରକାଶ ପାଇଥିଲା। ତେବେ ଧର୍ମେନ୍ଦ୍ର ସୁସ୍ଥ ହୋଇ ଘରକୁ ଫେରିଥିଲେ। ସୋମବାର କିନ୍ତୁ ସେ ତାଙ୍କ ମୁମ୍ବାଇ ସ୍ଥିତ ବାସଭବନରେ ଥିବା ବେଳେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଆଜି ସକାଳେ ହଠାତ ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ସ୍ୱତନ୍ତ୍ର ଡାକ୍ତରୀ ଟିମ ତାଙ୍କ ଘରେ ପହଞ୍ଚି ଧର୍ମେନ୍ଦ୍ରଙ୍କ ଚିକିତ୍ସା କରିଥିଲେ। କିନ୍ତୁ ସେମାନଙ୍କ ସବୁ ପ୍ରକାରର ଉଦ୍ୟମ ସତ୍ତ୍ୱେ ସେ ସମସ୍ତଙ୍କୁ ଛାଡ଼ି ପରପାରିକୁ ଚାଲି ଯାଇଛନ୍ତି।

ଧର୍ମେନ୍ଦ୍ରଙ୍କ ବିୟୋଗରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀଙ୍କ ସମେତ ଦେଶର ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

ବଲିଉଡର ଏହି ମହାନ କଳାକାରଙ୍କ ବିୟୋଗ ପୂରା ଦେଶ ତଥା ସିନେମା ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ଦୀର୍ଘ ୬ ଦଶନ୍ଧି ଧରି ଧର୍ମେନ୍ଦ୍ର ବଲିଉଡରେ ସକ୍ରିୟ ରହିବା ସହ ୩୦୦ରୁ ଅଧିକ ସିନେମାରେ ଅଭିନୟ କରିଥିଲେ। ତାଙ୍କ ଦେହାନ୍ତ ଖବର ପରେ ଏବେ ମୁମ୍ବାଇ ସ୍ଥିତ ଧର୍ମେନ୍ଦ୍ରଙ୍କ ବାସଭବନରେ ତାଙ୍କ ଅନ୍ତିମ ଦର୍ଶନ ପାଇଁ ସେଲିବ୍ରେଟିଙ୍କ ଭିଡ଼ ହେବାରେ ଲାଗିଛି। ଭିଡ଼କୁ ଦୃଷ୍ଟିରେ ରଖି ଧର୍ମେନ୍ଦ୍ରଙ୍କ ବାସଭବନର ୫୦ ମିଟିର ପରିଧି ମଧ୍ୟରେ ବ୍ୟାରିକେଡ କରିଛି।

ଡିସେମ୍ବର ୮ରେ ୯୦ ବର୍ଷରେ ପାଦ ଦେବାକୁ ଯାଉଥିବା ଧର୍ମେନ୍ଦ୍ର ନିକଟରେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିଥିଲେ। ଏଥିପାଇଁ ତାଙ୍କୁ ମୁମ୍ବାଇର ବ୍ରିଚ କ୍ୟାଣ୍ଡୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାୟ ଗୋଟିଏ ସପ୍ତାହରୁ ଅଧିକ ଦିନ ହେବ ହସ୍ପିଟାଲରେ ଥିବା ଧର୍ମେନ୍ଦ୍ରଙ୍କ ଅବସ୍ଥା ଜଟିଳ ହେବାରୁ ତାଙ୍କର ଚିକିତ୍ସା ଭେଣ୍ଟିଲେଟର ସହାୟତାରେ କରାଯାଇଥିଲା। କିଛି ଦିନର ଚିକିତ୍ସା ପରେ ସେ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ।

ଏହାପୂର୍ବରୁ ଏପ୍ରିଲ ମାସରେ ସେ ନିଜ ଆଖିର ଅପରେସନ ମଧ୍ୟ କରିଥିଲେ। ବୟସ ଅଧିକ ହୋଇ ଯାଇଥିବାରୁ ସେ ନିୟମିତ ଅସୁସ୍ଥ ହେଉଥିବା ଖବର ତାଙ୍କ ଫ୍ୟାନ୍ସଙ୍କୁ ବିଚଳିତ କରିଥିଲା। ୧୯୬୦ରେ ଦିଲ ଭି ତେରା ହମ ଭି ତେରା ଫିଲ୍ମ ମାଧ୍ୟମରେ ଧର୍ମେନ୍ଦ୍ର ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ଅନପ, ବନ୍ଦିନୀ, ଅନୁପମା ଓ ଆୟା ସାୱନ ଝୁମ କେ ମାଧ୍ୟମରେ ସେ ବଲିଉଡରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଥିଲେ। ସେ ରେକର୍ଡ ବ୍ରେକିଂ ଶୋଲେ, ଧରମବୀର, ଚୁପକେ ଚୁପକେ, ମେରା ଗାଁଓ ମେରା ଦେଶ ଓ ଡ୍ରିମ ଗାର୍ଲ ପରି ସୁପରହିଟ ଫିଲ୍ମ ଦର୍ଶକଙ୍କୁ ଭେଟିଥିଲେ।

ତାଙ୍କୁ ଶେଷଥର ପାଇଁ ବାତୋଁ ମେଁ ଏସା ଉଲଝା ଜିୟାରେ ଦେଖିବାକୁ ମିଳିଥିଲା। ଏଥିରେ ଶାହିଦ କପୁର ଓ କୃତି ସାନନ ପ୍ରମୁଖ ଅଭିନୟ କରିଥିଲେ। ନିକଟରେ ତାଙ୍କର ଆଗାମୀ ଫିଲ୍ମ ଏକ୍କିସର ଟ୍ରେଲର ରିଲିଜ ହୋଇଛି। ଏଥିରେ ଧର୍ମେନ୍ଦ୍ରଙ୍କ ଭୂମିକାକୁ ବେଶ ପସନ୍ଦ କରାଯାଉଛି।

ଫିଲ୍ମଟି ଡିସେମ୍ବର ୨୫ରେ ରିଲିଜ ହେବ। ଏହି ସିନେମା ଜରିଆରେ ଅମିତାଭ ବଚ୍ଚନଙ୍କ ନାତି ଅଗସ୍ତ୍ୟ ନନ୍ଦା ଡେବ୍ୟୁ କରିବେ। ତେଣୁ ପୂରା ବଲିଉଡର ନଜର ଏହି ସିନେମା ଉପରେ ରହିଛି।

୧୯୩୫ ଡିସେମ୍ବର ୮ରେ ପଞ୍ଜାବ ଲୁଧିଆନାରେ ଜନ୍ମଗ୍ରହଣ କରିଥିଲେ ଧର୍ମେନ୍ଦ୍ର। ତାଙ୍କ ପୂରା ନାଁ ଧର୍ମେନ୍ଦ୍ର ଦେଓଲ। ଶିଖ ପରିବାରରେ ତାଙ୍କ ଜନ୍ମ ହୋଇଥିଲା। ଶିକ୍ଷାଗତ ଯୋଗ୍ୟତା କହିଲେ ଧର୍ମେନ୍ଦ୍ର ଦ୍ୱାଦଶ ଶ୍ରେଣୀ ଯାଏ ପଢ଼ିଛନ୍ତି। ଅଭିନୟ ପ୍ରତି ସେ ରୁଚି ରଖିଥିବାରୁ ସମୟକ୍ରମେ ସେ ବଲିଉଡର କିମ୍ବଦନ୍ତୀ ପାଲଟି ଯାଇଥିଲେ।

ରୋମାଣ୍ଟିକ୍ ଠାରୁ ଆରମ୍ଭ କରି ଆକ୍ସନ ଫିଲ୍ମରେ ଧର୍ମେନ୍ଦ୍ର ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ୧୯୬୦ ମସିହାରେ ରିଲିଜ ହୋଇଥିବା 'ଦିଲ୍ ଭି ତେରା ହମ୍ ଭି ତେରା' ତାଙ୍କୁ ପରିଚିତ କରିଥିଲା। ଆଉ ତା' ପରଠାରୁ ଧର୍ମେନ୍ଦ୍ରଙ୍କୁ ମିଳିଥିଲା ଗୋଟିଏ ପରେ ଗୋଟିଏ ଫିଲ୍ମ ଅଫର। ୧୯୬୬ରେ ଧର୍ମେନ୍ଦ୍ର ବଲିଉଡକୁ ଦେଇଥିଲେ ବ୍ଲକବଷ୍ଟର ଫିଲ୍ମ 'ଫୁଲ୍ ଔର ପଥର'।

ଆଉ ସେଇଠୁ ଧର୍ମେନ୍ଦ୍ର ପାଇଥିଲେ ରୋମାଣ୍ଟିକ୍ ହିରୋର ଫେମ। ହେଲେ ତାଙ୍କର ହାଇଟ୍ ଆଉ ହ୍ୟାଣ୍ଡସମ୍ ଲୁକ୍ ପାଇଁ ପରବର୍ତ୍ତୀ ସମୟରେ ତାଙ୍କୁ ମିଳିଥିଲା ଆକ୍ସନ ଫିଲ୍ମର ଅଫର। ଆକ୍ସନ ଫିଲ୍ମରେ ମଧ୍ୟ ସେ ଅତି ସୁନ୍ଦର ଅଭିନୟର ଚାତୁରି ଦେଖାଇଥିଲେ।

ସେହିଭଳି ୧୯୭୦ ମସିହାରେ ରାଖୱାଲା, ୧୯୭୧ ମସିହାରେ ମେରା ଗାଁ ମେରା ଦେଶ ଓ ୧୯୭୩ ମସିହାରେ 'ଜଗନୁ' ଭଳି ଚଳଚ୍ଚିତ୍ରରେ ବେଶ୍ ସୁନ୍ଦର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଥିଲେ ଧର୍ମେନ୍ଦ୍ର। ଖାଲି ସେତିକି ନୁହେଁ, ୧୯୭୦ରୁ ୧୯୮୦ ଭିତରେ ଧର୍ମେନ୍ଦ୍ର ଅନେକ ବଡ଼ ବଡ଼ ଅଭିନେତା ଓ ଅଭିନେତ୍ରୀଙ୍କ ସହ ଅଭିନୟ କରିଥିଲେ।

୧୯୭୫ରେ ସିନେମା 'ଶୋଲେ'ରେ ଅଭିନୟ କରି ଧର୍ମେନ୍ଦ୍ର ଦର୍ଶକଙ୍କ ହୃଦୟରେ ବୀରୁ ଭାବେ ରାଜ୍ କରିଥିଲେ। ନିଜର ଜୀବନ୍ତ ଅଭିନୟ ପାଇଁ ତାଙ୍କୁ ବର୍ଷ ବର୍ଷ ଧରି ଶ୍ରେଷ୍ଠ ଅଭିନେତାର ପୁରସ୍କାର ମିଳିଥିଲା। ଚାରି ଚାରିଟି ଫିଲ୍ମ ଫେୟାର ଆୱାର୍ଡ ପାଇଥିଲେ ଧର୍ମେନ୍ଦ୍ର। ୧୯୭୨ ମସିହାରେ ତାଙ୍କୁ ବେଷ୍ଟ ଆକ୍ଟର ଆୱାର୍ଡ ମିଳିଥିଲା। ୧୯୯୭ରେ ଧର୍ମେନ୍ଦ୍ର ପାଇଥିଲେ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ। ୨୦୧୨ରେ ତାଙ୍କୁ ଭାରତ ସରକାର ପଦ୍ମଭୂଷଣ ସମ୍ମାନରେ ସେ ସମ୍ମାନୀତ କରିଥିଲେ।

ଫିଲ୍ମ ଦୁନିଆରେ ସଫଳତା ହାସଲ କରିବା ପରେ ଧର୍ମେନ୍ଦ୍ର ରାଜନୀତି ପ୍ରତି ମଧ୍ୟ ଆକୃଷ୍ଟ ହୋଇଥିଲେ। ୨୦୦୪ରେ ସେ ବିଜେପି ଟିକେଟରେ ରାଜସ୍ଥାନର ବିକାନେରରୁ ସାଂସଦ ବନିଥିଲେ। ହେଲେ ପରବର୍ତ୍ତୀ ଅବସ୍ଥାରେ ସେ ରାଜନୀତିରୁ ଦୂରେଇ ଯାଇଥିଲେ। ପୁଣି ସେ ସିନେମା କରିବା ଜାରି ରଖିଥିଲେ।

ଧର୍ମେନ୍ଦ୍ର ୧୯୫୪ରେ ପ୍ରଥମେ ପ୍ରକାଶ କୌରଙ୍କୁ ବିବାହ କରିଥିଲେ। ମାତ୍ର ୧୯ ବର୍ଷ ଓ ସିନେମା ଦୁନିଆରେ ପ୍ରବେଶ କରିବା ପୂର୍ବରୁ ପ୍ରକାଶ କୌରଙ୍କ ହାତ ଧରିଥିଲେ। ସନ୍ନି ଦେଓଲ ଓ ବବି ଦେଓଲ ଦେଉଛନ୍ତି ପ୍ରକାଶ କୌରଙ୍କ ପୁଅ। ବିଜେତା ଓ ଅଜେଇତା ନାମରେ ତାଙ୍କର ଦୁଇ ଜଣ ଝିଅ ମଧ୍ୟ ରହିଛନ୍ତି।

ପରବର୍ତ୍ତୀ ଅବସ୍ଥାରେ ଫିଲ୍ମରେ ଅଭିନୟ କରିବା ସମୟରେ ଧର୍ମେନ୍ଦ୍ର ଡ୍ରିମଗର୍ଲ ହେମା ମାଲିନୀଙ୍କ ପ୍ରେମରେ ପଡ଼ିଥିଲେ।

# ଭୁବନେଶ୍ୱର ଆସିବ ଶଙ୍କର



**ବ୍ରହ୍ମପୁର,୨୪।୧୧(ମହାଭାରତ):** ଓଡ଼ିଶା ପୋଲିସ ସବ୍-ଇନ୍ସପେକ୍ଟର ଭର୍ତ୍ତି ପରୀକ୍ଷା ସ୍କାମର ମୁଖ୍ୟ ଅଭିଯୁକ୍ତ ଶଙ୍କର ପ୍ରୁଷ୍ଟି ଏବଂ ତାଙ୍କର ଅନ୍ୟ ସହଯୋଗୀମାନଙ୍କୁ ସୋମବାର ବ୍ରହ୍ମପୁର ସର୍କଲ ଜେଲରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସିବିଆଇର ତଦନ୍ତକାରୀ ଦଳ ଏହି ଅଭିଯୁକ୍ତମାନଙ୍କୁ ଅଧିକ ଜେରା କରିବା ପାଇଁ ରାଜ୍ୟ ରାଜଧାନୀକୁ ଆଣିବାର ଯୋଜନା କରିଛି। ମୁଖ୍ୟ ଯୋଜନାକାରୀ ଶଙ୍କର ପ୍ରୁଷ୍ଟି, ସୁରଜ ନାୟକ ଏବଂ ଅରବିନ୍ଦ ଦାସଙ୍କ ସମେତ ମୋଟ ୧୨ ଜଣ ଅଭିଯୁକ୍ତ ବ୍ରହ୍ମପୁର ସର୍କଲ ଜେଲରେ ଥିଲେ।

ଚଳିତ ବର୍ଷ ଅକ୍ଟୋବର ୫ ଏବଂ ୬ ତାରିଖରେ ହେବାକୁ ଥିବା ଏସ୍ଆଇ ଭର୍ତ୍ତି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଏଥିରେ ଜଡ଼ିତ ଏକ ଗୋଷ୍ଠୀ ପ୍ରାର୍ଥୀମାନଙ୍କୁ ୨୫ ଲକ୍ଷରୁ ଅଧିକ ଟଙ୍କାରେ ନିର୍ଦ୍ଦିଷ୍ଟ ପ୍ରଶ୍ନରେ କୋଚିଂ ଦେଇଥିଲେ। ଫାଇଭ୍ସ୍ଟ କମ୍ପାନୀର ମାଲିକ ଶଙ୍କର ପ୍ରୁଷ୍ଟିଙ୍କୁ ମୁଖ୍ୟ ଯୋଜନାକାରୀ ଭାବରେ ଚିହ୍ନଟ କରାଯାଇଛି। ସେ ନଭେମ୍ବର ୧ ତାରିଖରେ ଇଣ୍ଡୋ-ନେପାଳ ସୀମାରୁ ଧରାପଡ଼ିଥିଲେ।

କେନ୍ଦ୍ରର ଅନୁମୋଦନ ପରେ ନଭେମ୍ବର ୧୨ ତାରିଖରେ ସିବିଆଇ ଏହି ମାମଲାର ତଦନ୍ତ ଭାର ଗ୍ରହଣ କରିଛି। ବର୍ତ୍ତମାନ ସୁଦ୍ଧା ୧୨୫ରୁ ଅଧିକ ବ୍ୟକ୍ତି ଏହି ମାମଲାରେ ଗିରଫ ହୋଇସାରିଛନ୍ତି। ନଭେମ୍ବର ୨୦ ତାରିଖରେ ଶଙ୍କରର ଜାମିନ ଆବେଦନ ଖାରଜ ହୋଇଥିଲା।

ସୂତ୍ର ଅନୁଯାୟୀ, ବ୍ରହ୍ମପୁରରେ ସିବିଆଇ ଦଳର ସଦସ୍ୟଙ୍କ ମଧ୍ୟରେ ସୁରକ୍ଷା ଏବଂ ସ୍ଥାନୀୟ ରାଜନୈତିକ ଚାପକୁ ନେଇ କିଛିଟା ଉତ୍ତେଜନା ରହିଥିଲା। ନଭେମ୍ବର ୧୩ରେ ଶଙ୍କରଙ୍କ ନିକଟତମ ସହଯୋଗୀ ସାଗର କୁମାର ଗୌଡ଼ଙ୍କୁ ଗିରଫ କରାଯିବା ପରେ ସ୍ଥାନୀୟ ପ୍ରତିରୋଧର ଆଶଙ୍କା ରହିଛି। ସିବିଆଇର ତଦନ୍ତ ଓଡ଼ିଶା ବାହାରେ ଥିବା ଏହି ନେଟୱର୍କର ସମ୍ପର୍କକୁ ଖୋଜୁଛି।

# କ୍ୟାବିନେଟ ବୈଠକରେ ୩ ପ୍ରସ୍ତାବକୁ ମଞ୍ଜୁରୀ



**ଭୁବନେଶ୍ୱର,୨୪।୧୧ (ମହାଭାରତ):** ଏଣିକି ବର୍ଷକୁ ଥରେ ବଦଳରେ ଏକାଧିକ ଥର ନିଯୁକ୍ତି ପରୀକ୍ଷା ହେବ। 'ମିଳିତ ସ୍ନାତକସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ-୨୦୨୨'ରେ ଏକ ବଡ଼ ସଂଶୋଧନ ସହ ପଦବୀ ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଛି। ରାଜ୍ୟ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଏଣିକି ବର୍ଷକୁ ଥରେ ବଦଳରେ ଏକାଧିକ ଥର ନିଯୁକ୍ତି ପରୀକ୍ଷା ହେବ। 'ମିଳିତ ସ୍ନାତକସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ-୨୦୨୨'ରେ ଏକ ବଡ଼ ସଂଶୋଧନ ସହ ପଦବୀ ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ନିଯୁକ୍ତି ସହ ଜଡ଼ିତ ସାଧାରଣ ପ୍ରଶାସନ ବିଭାଗର ୩ଟି ପ୍ରସ୍ତାବକୁ ଆଜି କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। କ୍ୟାବିନେଟ୍ ନିଷ୍ପତ୍ତି ଫଳରେ ରାଜ୍ୟରେ ଚାକିରି ଆଶାୟୀଙ୍କୁ ଅଧିକ ସୁବିଧା ମିଳିବ। ବର୍ଷକୁ ଥରେ ନୁହେଁ ଏକାଧିକ ଥର ହେବ ନିଯୁକ୍ତି ପରୀକ୍ଷା।

ରାଜ୍ୟ ସରକାରଙ୍କ ଅଧୀନସ୍ଥ ଖ-ବର୍ଗ ଓ ଗ-ବର୍ଗର ବିଭିନ୍ନ ପଦବୀରେ ନିଯୁକ୍ତି ପାଇଁ ଥିବା 'ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ- ୨୦୨୨ଡ଼'ରେ ସଂଶୋଧନକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ପୂର୍ବରୁ ଓଡ଼ିଶା ଷ୍ଟାଫ ସିଲେକ୍ସନ ଆୟୋଗ (ଓଏସଏସସି) କେବଳ ପ୍ରତିବର୍ଷ ଥରେ ମାତ୍ର ବିଜ୍ଞପ୍ତି ପ୍ରକାଶ କରି ମିଳିତ ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିଲେ। ମାତ୍ର ବର୍ତ୍ତମାନର ସଂଶୋଧନ ଅନୁଯାୟୀ, ପ୍ରଥମ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଯଦି ସେହି କ୍ୟାଲେଣ୍ଡର ବର୍ଷରେ ଆୟୋଗ ପାଖରେ ଅଧିକ ପଦବୀ ନିଯୁକ୍ତି ପାଇଁ ରିକ୍ୟୁଜିସନ୍ ଆସେ, ସରକାରଙ୍କ ଅନୁମୋଦନ କ୍ରମେ ଆୟୋଗ ଆଉ ଏକ ବିଜ୍ଞପ୍ତି ପ୍ରକାଶ କରିପାରିବେ। ଏହି ନିଷ୍ପତ୍ତି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ମିଳିତ ସ୍ନାତକ ସ୍ତର ନିଯୁକ୍ତି ନିୟମାବଳୀରେ (ଗ୍ରୁପ-ବି, ଗ୍ରୁପ-ସି) ଆହୁରି ୪ ଗୋଟି ନୂତନ ପଦବୀକୁ ସାମିଲ କରିବାକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି।

# ଉନ୍ନତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ

**ଭୁବନେଶ୍ୱର,୨୪।୧୧(ମହାଭାରତ):** ଆଜି ଥିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୫ତମ ପାଳି। ଆଜି କେନ୍ଦୁଝରରୁ ସିଧାସଳଖ ଆସି ଭୁବନେଶ୍ୱର ୟୁନିଟ-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରିମଣ୍ଡଳର ୮ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ମାଧ୍ୟମରେ ସାଧାରଣ ଲୋକଟିଏ ତା'ର ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇପାରୁଛି। ସରକାରଙ୍କ ପକ୍ଷରୁ ସମସ୍ତ ଅଭିଯୋଗ ଗୁଡିକୁ ସମାନ ଗୁରୁତ୍ୱ ଦେଇ ତା'ର ସମାଧାନ କରାଯାଉଛି। ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗର ଗୁରୁତ୍ୱକୁ ଦେଖି ସିଧାସଳଖ ସମ୍ପୃକ୍ତ ଅଧିକାରୀଙ୍କୁ ମଧ୍ୟ ଏହାର ଆଶୁ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଉଛି।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୪ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୨,୯୫୦ଟି ଅଭିଯୋଗ ମଧ୍ୟରୁ ୧୨,୩୭୧ଟି ଅଭିଯୋଗର ସମାଧାନ କରାଯାଇଛି। ଯାହା ଶତକଡ଼ା ୯୬ ପ୍ରତିଶତ ଅଟେ। ବାକି ରହିଥିବା ୫୭୯ଟି ଅଭିଯୋଗ ପ୍ରକ୍ରିୟା ମଧ୍ୟରେ ରହିଛି। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିୟମିତ ପ୍ରୟାସ ଯୋଗୁ ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଇଛି। ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ସକାଳେ ଆସି ବାହାରେ ଅପେକ୍ଷା କରିଥିବା ୩୪ଜଣ ଭିନ୍ନକ୍ଷମ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ।



ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ଏବଂ ସହାୟତା ପ୍ରଦାନ କରିବା ପାଇଁ ଆମେ ବଦ୍ଧପରିକର। ସେ ଆହୁରି କହିଥିଲେ ଆମର ଜିଲ୍ଲା ସ୍ତରରେ ମଧ୍ୟ ନିୟମିତ ଭାବେ ଜିଲ୍ଲାପାଳଙ୍କ ଦ୍ୱାରା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଜିଲ୍ଲା ସ୍ତରରେ ଆସୁଥିବା ଅଭିଯୋଗ ଗୁଡିକୁ ସେଠାରେ ସମାଧାନ କରିବା ପାଇଁ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ଗତ ଜିଲ୍ଲାପାଳ ଓ ଏସ୍‌ପି ସମ୍ମିଳନୀରେ ନିର୍ଦ୍ଦେଶ ଦିଆଯାଇଛି। ଏହା ଦ୍ୱାରା ଅଧିକାଂଶ ସମସ୍ୟାଗୁଡିକ ସ୍ଥାନୀୟ ପ୍ରଶାସନ ଦ୍ୱାରା ସମାଧାନ ହୋଇପାରିବ। ଲୋକମାନଙ୍କୁ ସେମାନଙ୍କର ସମସ୍ୟା ନେଇ ଭୁବନେଶ୍ୱର ଆସିବାକୁ ପଡିବ ନାହିଁ।

ଆଜି ଆସିଥିବା ଅଭିଯୋଗକାରୀ ମାନଙ୍କ ମଧ୍ୟରେ ଜଣେ ମହିଳା ହିତାଧିକାରୀ

# ଆଜିଠୁ ଖୋଲିବ ମଣ୍ଡି



**ଭୁବନେଶ୍ୱର,୨୪।୧୧ (ମହାଭାରତ):** ଆସନ୍ତାକାଲିଠୁ ରାଜ୍ୟରେ ଆରମ୍ଭ ହେବ ଧାନକିଣା। ଗତବର୍ଷ ତୁଳନାରେ ଚଳିତ ବର୍ଷ ଧାନ ଟାର୍ଗେଟ ଅଧିକ ରଖିଛନ୍ତି ରାଜ୍ୟ ସରକାର। ଖରିଫ୍ ଧାନ କିଣିବେ ରାଜ୍ୟ ସରକାର। ମଣ୍ଡିରୁ ଯେମିତି ଚାଷୀଙ୍କ ଧାନ ଠିକ୍ ସମୟରେ ଉଠିବ ତା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ଠିକ୍ ସମୟରେ ଗାଡି ପହଞ୍ଚାଇବା ପାଇଁ ମିଲ୍ ମାଲିକଙ୍କୁ କଡା ନିର୍ଦ୍ଦେଶ ଦିଆଯାଇଛି। ଧାନ କିଣା ଉପରେ ତୀକ୍ଷଣ ନଜର ରଖିବାକୁ ଅଧିକାରୀମାନଙ୍କୁ କୁହାଯାଇଛି। କିନ୍ତୁ କଟନି ଛଟନିକୁ ନେଇ ସମବାୟ ମନ୍ତ୍ରୀ ଦେଇଥିବା ପ୍ରତିକ୍ରିୟା ନୂଆ ବିବାଦ ସୃଷ୍ଟି କରିଛି। ଯାହାକୁ ନେଇ ଘେରିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ମଣ୍ଡି ଖୋଲିବା ପୂର୍ବରୁ ମାର୍କେଟ ଧାନ ୟାର୍ଡରେ ଭର୍ତ୍ତି। ମଣ୍ଡିରେ ଗଦା ହୋଇଛି ପ୍ରାୟ ପ୍ରାୟ ୧୫ହଜାରରୁ ଅଧିକ ଧାନ ବସ୍ତା। ଏଥିରୁ ସ୍ପଷ୍ଟ ହେଉଛି ଧାନ ବିକିବା ପାଇଁ କେମିତି ଅପେକ୍ଷା କରିଛନ୍ତି ଚାଷୀ। କିନ୍ତୁ ସମୟ ଗଡି ଚାଲିଥିବାରୁ ଆସୁଥିବା ବର୍ଷା ଓ ଅଭାବୀ ବିକ୍ରିକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ସମ୍ବଲପୁର କୁଚିଣ୍ଡା ଅଂଚଳର ସ୍ଥିତି ଆହୁରି ଖରାପ। ଜିଲ୍ଲାରେ ୨୮ ତାରିଖରେ ଖୋଲିବାକୁ ଧାର୍ଯ୍ୟ ହୋଇଥିଲେ ବି ମଣ୍ଡି ଗୁଡିକର ଭିତ୍ତିଭୂମି ଦୁର୍ବଳ ଅବସ୍ଥାରେ ରହିଛି। ଧାନ ସଂଗ୍ରହ ପାଇଁ ମଣ୍ଡି ଗୁଡିକୁ ଏପର୍ଯ୍ୟନ୍ତ ବ୍ୟବସ୍ଥିତ କରାଯାଇନି।

# ଚିଡ଼ିଆଖାନା ଏନକ୍ଲୋଜରର ଶିଳାନ୍ୟାସ କଲେ ଧର୍ମେନ୍ଦ୍ର

**ସମ୍ବଲପୁର,୨୪।୧୧(ମହାଭାରତ):** ସମ୍ବଲପୁର ଚିଡ଼ିଆଖାନାର ନୈସର୍ଗିକ ସୁନ୍ଦରତା ଅତ୍ୟନ୍ତ ଆକର୍ଷଣୀୟ । ଏହାକୁ ଛୋଟରୁ 'ମିଡ୍ ସାଇଜ୍ ବା ମଧ୍ୟମ ଧରଣର ଚିଡ଼ିଆଖାନାରେ ବିକଶିତ କରିବା ପାଇଁ ଡବଲ ଇଞ୍ଜିନ ସରକାର ବିଗତ ଦିନମାନଙ୍କରେ ନିଷ୍ପତି ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟବରାଦରେ ଏହି ଶ୍ରୀବୃଦ୍ଧି କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ସୋମବାର ସମ୍ବଲପୁର ଚିଡ଼ିଆଖାନାରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ସମ୍ବଲପୁର ଚିଡ଼ିଆଖାନାର ବାଘ ଖୁଆଡ଼(ଏନକ୍ଲୋଜୋର), ମଗର ଖୁଆଡ଼ ଓ ଘଡ଼ିଆଲ ଖୁଆଡ଼ର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ସେ କହିଛନ୍ତି ଯେ 'ସମ୍ବଲପୁର ଜୁ' କୁ ଓଡ଼ିଶାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ଓ ଆକର୍ଷଣ କେନ୍ଦ୍ର ଭାବେ ପରିଣତ କରିବା ଆମର ଲକ୍ଷ୍ୟ ରହିଛି । ଏହି 'ସ୍ମଲ୍ ଜୁ'କୁ 'ମିଡ୍ ସାଇଜ୍ ଜୁ'ରେ ପରିଣତ କରିବା ପାଇଁ ନୀତିଗତ ନିଷ୍ପତି ନିଆଯାଇଛି । ଏଥିପାଇଁ ଆବଶ୍ୟକ ୩୫ ହେକ୍ଟର ଜମି ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ବିଭାଗରୁ ଏକତ୍ରୀକରଣ କରାଯାଇ ସମ୍ବଲପୁର ଜୁ' ଅଥରିଟି ଗଠନ ପାଇଁ ଯୋଜନା କରାଯାଉଛି । ବର୍ତମାନ ଏହି ଚିଡ଼ିଆଖାନାରେ କଲରାପତରିଆ ବାଘ ଅଛନ୍ତି ଏବଂ ଦର୍ଶକମାନେ ଗ୍ଲାସ୍ ହାଉସ୍ ମାଧ୍ୟମରେ ସେମାନଙ୍କୁ ଦେଖିବାର ସୁଯୋଗ ପାଉଛନ୍ତି । ଏଠାରେ ନୂତନ ଗ୍ଲାସ୍ ଖୁଆଡ଼ ନିର୍ମାଣ ପରେ କର୍ତୃପକ୍ଷ ଏଠାକୁ ଦୁଇ ଯୋଡ଼ା ବା ୪ଟି ରୟାଲ୍ ବେଙ୍ଗଲ ଟାଇଗର ଆଣିବାକୁ ଯୋଜନା କରିଛନ୍ତି । ବର୍ତମାନ ୭୦ରୁ ଅଧିକ ପଶୁପକ୍ଷୀ ଥିବା ଏହି ଚିଡ଼ିଆଖାନାରେ ଆଗାମୀ ଦିନରେ ଅଧିକ ପକ୍ଷୀଙ୍କ ରହିବା ପାଇଁ ବ୍ୟବସ୍ଥା କରାଯିବ । ଆଜିର ପଦକ୍ଷେପ ଜୀବଜନ୍ତୁ ସଂରକ୍ଷଣ ଦିଗରେ ଆମର ଦୃଢ଼ ସଂକଳ୍ପର ପ୍ରତୀକ ଅଟେ । ପ୍ରାଣୀ ଉଦ୍ୟାନର ଉନ୍ନତିକରଣ ଦ୍ୱାରା ଏହା ଜାତୀୟ ସ୍ତରରେ ଏକ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଗଣିତ ହେବ । ବାଘ, ମୁଗର ଏବଂ ଘଡ଼ିଆଳ ଭଳି ବିରଳ ଜୀବଜନ୍ତୁଙ୍କୁ ଦେଖିବା ପାଇଁ ଅନେକ ପର୍ଯ୍ୟଟକ ଆକୃଷ୍ଟ ହେବେ ।



ଶ୍ରୀ ପ୍ରଧାନ କହିଛନ୍ତି, ପ୍ରାଣୀ ଉଦ୍ୟାନ ହେଉଛି ପରିବେଶ ଶିକ୍ଷାର ଏକ ଖୋଲା ବିଦ୍ୟାଳୟ । ଛାତ୍ରଛାତ୍ରୀ ଏବଂ ସାଧାରଣ ଜନତା ଏହି ଏନକ୍ଲୋଜରଗୁଡ଼ିକ ମାଧ୍ୟମରେ ପ୍ରାଣୀ ଜଗତ ବିଷୟରେ ନିକଟରୁ ଜାଣିପାରିବେ । ନୂତନ ଭାବେ ନିର୍ମିତ ଏନକ୍ଲୋଜରଗୁଡ଼ିକ ଜୀବଜନ୍ତୁଙ୍କୁ ବଞ୍ଚାଇବାର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରିବ । ଏହା ଦ୍ୱାରା ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଲେ ସ୍ଥାନୀୟ ବ୍ୟବସାୟ ଓ ଅର୍ଥନୀତି ମଜଭୁତ ହେବ । ଅନେକ ଯୁବବର୍ଗଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହା ସହ ସମ୍ବଲପୁର ଜିଲ୍ଲାର ହୀରାକୁଦ, ଦେବ୍ରିଗଡ଼, ଉଷାକୋଠୀ ଓ ଭୀମମଣ୍ଡଳୀର ରକ୍ ଆର୍ଟ ଅଞ୍ଚଳରେ ମଧ୍ୟ ପର୍ଯ୍ୟଟକଙ୍କ ସୁବିଧା ବୃଦ୍ଧି କରି ଜିଲ୍ଲାର ହସ୍ତତନ୍ତ, ବୟନଶିଳ୍ପ, କାରିଗରୀ, ଖାଦ୍ୟପେୟ ଏବଂ ମା' ସମଲେଶ୍ୱରୀଙ୍କ ମନ୍ଦିରକୁ ସୋକେସ୍ କରାଯିବାର ଯୋଜନା ରହିଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



ଖବର

# ମୃତ୍ୟୁ ପରେ ଭାଇରାଲ ହେଉଛି ଧର୍ମେନ୍ଦ୍ରଙ୍କ ଶେଷ ପୋଷ୍ଟ



ଧର୍ମେନ୍ଦ୍ର ଆଉ ଆମ ମଧ୍ୟରେ ନାହାନ୍ତି। ତାଙ୍କ ୯୦ ତମ ଜନ୍ମଦିନର କିଛି ଦିନ ପୂର୍ବରୁ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସୁପରଷ୍ଟାରଙ୍କ ପ୍ରଶଂସକମାନେ ଏହି ଦୁଃଖଦ ଖବରକୁ ଗ୍ରହଣ କରିପାରୁନାହାନ୍ତି। ସେ ବୟସଜନିତ ସମସ୍ୟା ସହିତ ସଂଘର୍ଷ କରୁଥିଲେ ଏବଂ ତାଙ୍କ ଦେହାନ୍ତ ହୋଇଛି। ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ଅନେକ ପ୍ରମୁଖ ତାରକା ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ସମୟରେ, ଧର୍ମେନ୍ଦ୍ରଙ୍କ ପ୍ରଶଂସକମାନେ ତାଙ୍କର ଶେଷ ପୋଷ୍ଟରେ ତାଙ୍କର ଶେଷ ବାର୍ତ୍ତା ପଢ଼ି ଭାବପ୍ରବଣ ହୋଇପଡୁଛନ୍ତି। ସେ ହସ୍ପିଟାଲରେ ଭର୍ତ୍ତି ହେବା ପୂର୍ବରୁ ସେପ୍ଟେମ୍ବର ୨୬ ତାରିଖରେ ତାଙ୍କର ଶେଷ ପୋଷ୍ଟ କରିଥିଲେ। ଏହି ପୋଷ୍ଟ ତାଙ୍କର କୋମଳ ହୃଦୟ ଏବଂ ସମ୍ବେଦନଶୀଳତାକୁ ପ୍ରତିଫଳିତ କରେ।ବଲିଉଡର ହି-ମ୍ୟାନ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ନଭେମ୍ବର ୨୪ ତାରିଖରେ ହୋଇଛି। ଏବେ, ତାଙ୍କର ଶେଷ ଭାବପ୍ରବଣ ପୋଷ୍ଟ ପ୍ରଶଂସକଙ୍କ ହୃଦୟକୁ ସ୍ପର୍ଶ କରୁଛି। କିମ୍ବଦନ୍ତୀ ଅଭିନେତାଙ୍କ ଶେଷ ପୋଷ୍ଟ କବିତାରେ ପରିପୂର୍ଣ୍ଣ। ସେ ତାଙ୍କ ଫଟୋ କ୍ୟାପସନରେ ଲେଖିଛନ୍ତି, ଆଜିକାଲି, ସମୟର ଦୁଃଖରୁ ଦୂରରେ, ଦୁନିଆର ଦୁଃଖରୁ ଦୂରରେ ମୁଁ ମୋର ନିଜ ନିଶାରେ ମତ୍ତ। ଲୋକମାନେ ପୋଷ୍ଟ ଉପରେ ମନ୍ତବ୍ୟ ଦେଉଛନ୍ତି ଏବଂ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।ମୃତ୍ୟୁର ଗୋଟିଏ ସପ୍ତାହ ପୂର୍ବରୁ ଏହି ସୁପରଷ୍ଟାରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶ୍ୱାସକ୍ରିୟା ସମସ୍ୟା ଯୋଗୁଁ ଅକ୍ଟୋବର ୩୧ ତାରିଖରେ ଅଭିନେତାଙ୍କୁ ବ୍ରିଚ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଝିଅ, ଇଶା ଦେଓଲ, ପୂର୍ବରୁ ତାଙ୍କ ଅବସ୍ଥା ବିଷୟରେ ଅନଲାଇନରେ ପ୍ରସାରିତ ଗୁଜବକୁ ଖଣ୍ଡନ କରିଥିଲେ। ନଭେମ୍ବର ୧୨ ତାରିଖରେ ହସ୍ପିଟାଲରୁ ଡିସଚାର୍ଜ ହେବା ପରଠାରୁ ଧର୍ମେନ୍ଦ୍ର ଘରେ ଡାକ୍ତରୀ ଯାଞ୍ଚ କରୁଥିଲେ।

## ଚନ୍ଦନ ତେଲ, ପାଉଡର୍‌ର ରହିଛି ୫ଟି ଲାଭ

ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଚନ୍ଦନ ବହୁତ ଭଲ । ଚନ୍ଦନ ପାଉଡର ଓ ତେଲରେ ୧୨୫ ପ୍ରକାର ତତ୍ତ୍ୱ ରହିଛି,ଯାହା ତ୍ୱଚାକୁ ସୁନ୍ଦର କରିବା ପାଇଁ ସାହାଯ୍ୟ କରିଥାଏ । ତେଣୁ ସମସ୍ତ ପ୍ରକାର ବିୟୁଟି ପ୍ରଡକ୍ଟରେ ଚନ୍ଦନକୁ ଉପଯୋଗ କରାଯାଇଥାଏ । ତେବେ ଆସନ୍ତୁ ଜାଣିବା ଚନ୍ଦନ ତେଲ ଓ ପାଉଡର ବ୍ୟବହାର କଲେ, କେଉଁସବୁ ଲାଭ ମିଳିଥାଏ ।

■ ଚନ୍ଦନ ପ୍ରାକୃତିକ ଭାବରେ ଥଣ୍ଡା ପ୍ରଦାନ କରିଥାଏ । ତେଣୁ ଏହାର ଲେପ ମୁହଁରେ ଲଗାଇଲେ, ତ୍ୱଚାରେ ହେଉଥିବା ଜଳାପୋଡା ଭଲ ହୋଇଥାଏ । ଏହାର ବାସ୍ନାରେ ମାନସିକ ଶାନ୍ତି ମିଳିଥାଏ ।

■ ଯେଉଁମାନେ କଥା କଥାରେ ରାଗି ଯାଇଥାନ୍ତି, ସେମାନଙ୍କୁ ଚନ୍ଦନ ଟିକା ଲଗାଇବା ପାଇଁ ପରାମର୍ଶ ଦିଆଯାଇଥାଏ । କାରଣ ଆମ ଶରୀରରେ ଥିବା ୭ଟି ଚକ୍ର ମଧ୍ୟରୁ ଗୋଟିଏ ଶକ୍ତିଶାଳୀ ଚକ୍ର ଦୁଇ ଆଇବ୍ରୋ ମଝିରେ ରହିଛି । ତେଣୁ ସେହି ସ୍ଥାନରେ ଚନ୍ଦନ ଲଗାଇଲେ ମନ ଓ ମସ୍ତିଷ୍କ ଶାନ୍ତ ରହିଥାଏ ।

■ ଆଖିର ଆଖପାଖ ତ୍ୱଚାକୁ ସୁନ୍ଦର କରିବା ପାଇଁ ଏହାର ଚାରିପଟେ ଚନ୍ଦନ ଓ ମହୁର ଲେପ ଲଗାନ୍ତୁ ।

■ ଡ୍ରାଏନେସ୍ ଯୋଗୁ ତ୍ୱଚାରେ କୁଞ୍ଚନ ପଡିବା ସହ ତ୍ୱଚା ଢିଲା ହୋଇଯାଏ । ଚନ୍ଦନ ଡ୍ୟାମେଜ ସେଲକୁ ରିପାୟାର କରିବାର କାର୍ଯ୍ୟ କରିଥାଏ । ଏହାର ବାସ୍ନା ବ୍ରେନ୍ ସେଲକୁ ରିଲାକ୍ସ କରିଥାଏ ।

■ ଚନ୍ଦନ ପାଉଡରରେ ଆଣ୍ଟି-ବ୍ୟାକ୍ଟେରିଆ ଗୁଣ ରହିଛି । ତେଣୁ ଏହାକୁ ଲଗାଇବା ଦ୍ୱାରା ସ୍କିନରେ ବ୍ୟାକ୍ଟେରିଆ ସକ୍ରିୟ ହୁଅନ୍ତି ନାହିଁ । ଏହି ପାଉଡର ମୁହଁର ତ୍ୱଚାକୁ ଅଏଲ ଫ୍ରି ମଧ୍ୟ ରଖୁଥିବାରୁ ବ୍ରଣ ସମସ୍ୟା ଦେଖା ଦିଏ ନାହିଁ ।

## ରାମାୟଣ : ଭରତଙ୍କ ସ୍ୱପ୍ନ

ବାଲ୍ମିକୀ ରାମାୟଣରେ ଥିବା ବର୍ଣ୍ଣନା ଅନୁଯାୟୀ ଭଗବାନ ରାମଚନ୍ଦ୍ର ବନବାସ ଯିବା ସମୟରେ ତାଙ୍କୁ ୨୭ ବର୍ଷ ହୋଇଥିଲା । ରାଜା ଦଶରଥ ଶ୍ରୀରାମଙ୍କୁ ବନବାସ ପଠାଇବାକୁ ଚାହୁଁନଥିଲେ । ମାତ୍ର ସେ ବଚନବଦ୍ଧ ଥିଲେ । ଶ୍ରୀରାମଙ୍କୁ ଅଟକାଇବାର କୌଣସି ଉପାୟ ନପାଇ ଦଶରଥ କହିଥିଲେ ଯେ ମୋତେ ବନ୍ଦୀ କରି ତୁମେ ନିଜେ ରାଜା ହୋଇଯାଅ । ହେଲେ ରାମ ବନବାସ ଚାଲିଗଲେ। ଏହାପରେ



ଦଶରଥଙ୍କ ମୃତ୍ୟୁ ଘଟିଲା। ପିତାଙ୍କ ମୃତ୍ୟୁର ଆଭାସ ଭରତ ପୂର୍ବରୁ ସ୍ୱପ୍ନ ମାଧ୍ୟମରେ ଜାଣିପାରିଥିଲେ । ସ୍ୱପ୍ନରେ ସେ ଦଶରଥଙ୍କୁ କଳା ବସ୍ତ୍ର ପରିଧାନ କରିଥିବା ଦେଖିଥିଲେ । ତାଙ୍କ ଉପରେ ହଳଦିଆ ରଙ୍ଗର ସ୍ତ୍ରୀ ଲୋକମାନେ ପ୍ରହାର କରୁଥିଲେ । ଭରତ ସ୍ୱପ୍ନରେ ଦେଖିଲେ ଯେ ରାଜା ଦଶରଥ ଲାଲ୍ ରଙ୍ଗର ଫୁଲ ମାଳପକାଇ ଲାଲ ଚନ୍ଦନ ଲଗାଇ ଗଧ ଟାଣୁଥିବା ରଥରେ ବସି ଦକ୍ଷିଣ ଦିଗ (ଯମଙ୍କ ଦିଗ) ଆଡ଼କୁ ଯାଉଥିଲେ ।

# ପିଅନ୍ତୁ ତୁଳସୀ ପାଣି : ମିଳେ ଆଶ୍ଚର୍ଯ୍ୟଜନକ ଲାଭ





ଦିନସାରା କାମବ୍ୟସ୍ତତା ମଧ୍ୟରେ ଶରୀରକୁ ଶକ୍ତିର ଆବଶ୍ୟକତା ରହିଛି। ଏହି କାରଣରୁ ବିଶେଷଜ୍ଞ ସକାଳେ ଖାଲି ପେଟରେ ଏପରି କିଛି ଖାଦ୍ୟପାନୀୟ ସେବନ କରିବା ପାଇଁ ପରାମର୍ଶ ଦେଇଥାଆନ୍ତି , ଯାହା ଶରୀରକୁ ଶକ୍ତି ସହ ପୋଷଣ ପ୍ରଦାନ କରିଥାଏ। ସକାଳେ ଉଠିବା ପରେ ଚା’ କିମ୍ବା କଫି ପିଇବା ଅଭ୍ୟାସ ବଦଳାଇ ଦିଅନ୍ତୁ। ବାସ୍ତବରେ ଏପରି କିଛି ସ୍ୱାସ୍ଥ୍ୟକର ପାନୀୟ ରହିଛି, ଯାହାକୁ ଚା’ କିମ୍ବା କଫି ବଦଳରେ ପିଇପାରିବେ।ସକାଳେ ଉଠିବା ପରେ ସର୍ବ ପ୍ରଥମେ ଉଷୁମ ପାଣି ପିଇବା ଉଚିତ। କିଛି ଲୋକେ ସକାଳେ ଉଠି ପାଣିରେ ଲେମ୍ବୁ ରସ ଓ ମହୁ ମିଶାଇ ପିଅନ୍ତି। ବାସ୍ତବରେ ନିଜ ଆବଶ୍ୟକତା ଅନୁଯାୟୀ, ସ୍ୱାସ୍ଥ୍ୟକର ପାନୀୟ ନିଜ ଇଚ୍ଛା ଅନୁଯାୟୀ ଚୟନ କରିପାରିବେ। ତେବେ ଏଭଳି କିଛି ସ୍ୱାସ୍ଥ୍ୟକର ପାନୀୟ ବିଷୟରେ ଜାଣନ୍ତୁ ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସହାୟକ ହେବା ସହ ପାଚନକୁ ସୁସ୍ଥ ରଖିଥାଏ। ସେଭଳି ସ୍ୱାସ୍ଥ୍ୟଉପକାରୀ ଏକ ଜିନିଷ ହେଉଛି ତୁଳସୀ। ଏହାକୁ ଚେରମୂଳୀର ରାଣୀ ବୋଲି ମଧ୍ୟ କୁହାଯାଏ। ତୁଳସୀପତ୍ରକୁ ପାଣିରେ ଭିଜାଇ ଏହାର ପାଣି ପିଇବା ଦ୍ୱାରା କୋଷ୍ଠକାଠିନ୍ୟ,ଏସିଡିଟି, ଛାତି ଓ ଗଳାରେ ହେଉଥିବା ଜଳାପୋଡା ସମସ୍ୟାକୁ ଦୂର କରିଥାଏ। ଏହା ଶରୀରକୁ ଶୀତଳତା ପ୍ରଦାନ କରିଥାଏ। ସେହିପରି ପାନମଧୁରୀକୁ ଅନେକ ଖାଦ୍ୟ ପ୍ରସ୍ତୁତି ସହ ଅନ୍ୟାନ୍ୟ ବହୁ ଜିନିଷ ପାଇଁ ମଧ ବ୍ୟବହାର କରାଯାଏ। ଏହାସହ ଏହାକୁ ପାଣିରେ ବତୁରାଇ ଏହି ପାଣି ମଧ ପିଇପାରିବେ। ସ୍ୱାଦରେ ଏହା ହାଲକା ମିଠାୟ ଏଥିରେ ଆଣ୍ଟି-ଇନଫ୍ଲେମେଟରୀ ଗୁଣ ମଧ ରହିଛି। ଏହା ପାଚନ ତନ୍ତ୍ରକୁ ସୁସ୍ଥ ରଖିବାରେ ବେଶ ସହାୟକ ହୋଇଥାଏ। ଏସିଡିଟି ସମସ୍ୟା ମଧ ଦୂର କରିଥାଏ। ତୁଳସୀ ମଞ୍ଜି ଓ ପାନମଧୁରୀ କେବଳ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ନିୟମିତ ସକାଳେ ଏହି ଦୁଇଟି ଜିନିଷକୁ ପାଣିକୁ ବତୁରାଇ ପିଇବା ଦ୍ୱାରା କେଶ ଘନ ଓ ମଜଭୁତ ହୋଇଥାଏୟ ତ୍ୱଚରେ ମଧ ଏହାର ଉତ୍ତମ ପ୍ରଭାବ ଦେଖାଯାଏ। ଏକ ଚାମଚ ପାନମଧୁରୀ କିମ୍ବା ତୁଳସୀ ମଞ୍ଜି ନିଅନ୍ତୁ। ରାତିରେ ଏହାକୁ ଏକ ଗ୍ଲାସ ପାଣିରେ ମିଶାଇ ରଖନ୍ତୁ। ପରଦିନ ସକାଳେ ଉଠିବା ପରେ ଖାଲି ପେଟରେ ପିଅନ୍ତୁ।

## ରାଜାଙ୍କୁ ଦୀର୍ଘଜୀବୀ କଲେ ସୂର୍ଯ୍ୟଦେବ

ବହୁବର୍ଷ ପୂର୍ବେ ଭାରତ ବର୍ଷର ଏକ ରାଜ୍ୟରେ ରାଜା ରାଜ୍ୟବର୍ଦ୍ଧନ ରାଜୁତି କରୁଥିଲେ । ସେ ଅତ୍ୟନ୍ତ ଧର୍ମାତ୍ମା ତଥା ପ୍ରଜା ହିତୈଷୀ ରାଜା ଥିଲେ । ଥରେ ରାଣୀ ରାଜାଙ୍କ



ମୁଣ୍ଡରେ ତେଲ ମାଲିସ୍ କରିବା ବେଳେ ଏକ ପାଚିଲା କେଶ ଦେଖିବାକୁ ପାଇଲେ । ରାଣୀଙ୍କ ମନ ଦୁଃଖ ହେଲା । ରାଜା ଏକଥା ଜାଣିବା ପରେ ରାଣୀଙ୍କୁ କହିଲେ, ଏହା ତ’ ଜୀବନର ନିୟମ । ଜନ୍ମ ହେଲା ପରେ ଶୈଶବ, ଯୁବାବସ୍ଥା ପରେ ବାର୍ଦ୍ଧକ୍ୟ ଆସିଥାଏ । ଏଥିରେ ଚିନ୍ତା କରିବାର କ’ଣ ଅଛି । ଏହାପରେ ଦିନେ ରାଜା ଘୋଷଣା କଲେ, ମୁଁ ବହୁଦିନ ଧରି ନିଷ୍ଠାର ସହ ରାଜ୍ୟ ପାଳନ କରିଛି । ଏବେ ସମୟ ଆସିଗଲାଣି । ମୋତେ ରାଜ ସିଂହାସନ ଛାଡ଼ି ବନବାସ କରିବାକୁ ହେବ । ରାଜା ରାଜ୍ୟବର୍ଦ୍ଧନଙ୍କୁ ପ୍ରଜାମାନେ ଅତି ଭଲ ପାଉଥିଲେ । ସେମାନେ ତାଙ୍କୁ ଛାଡ଼ିବାକୁ ରାଜି ହେଲେ ନାହିଁ । ଏହି ସମୟରେ ଗନ୍ଧର୍ବ ସୁଦାମାଙ୍କ ପରାମର୍ଶ କ୍ରମେ ରାଜ୍ୟବାସୀ ଭଗବାନ ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନା କଲେ । ସୂର୍ଯ୍ୟଦେବ ପ୍ରସନ୍ନ ହେବାରୁ ରାଜ୍ୟବାସୀ ତାଙ୍କ ଠାରେ ରାଜାଙ୍କ ଦୀର୍ଘ ଜୀବନ କାମନା କଲେ । ସୂର୍ଯ୍ୟଦେବ ତଥାସ୍ତୁ କହିଲେ । ମାତ୍ର ରାଜା ଏକଥା ଜାଣିବା ପରେ କହିଲେ, ସେତେବେଳକୁ ରାଣୀଙ୍କର ମୃତ୍ୟୁ ଘଟିସାରିଥିବ । ବନ୍ଧୁବାନ୍ଧବ, ସଖା ସହୋଦର, ପ୍ରଜା ସମସ୍ତେ ଆରପାରିକୁ ଚାଲିଯାଇଥିବେ । ଏତେଦିନ ବଞ୍ଚି ମୁଁ କ’ଣ କରିବି ? ସେ ପୁଣି ଥରେ ତପସ୍ୟା କରିବାରୁ ସୂର୍ଯ୍ୟଦେବ ପ୍ରସନ୍ନ ହୋଇ ରାଜାଙ୍କ ସମେତ ସମସ୍ତ ପ୍ରଜାଙ୍କୁ ଦୀର୍ଘଜୀବୀ ହେବାର ବରଦାନ ଦେଲେ ।

ନଗରନକ୍ସା
ମହାନଗରର ନିଜ ଭାଷା



# ଜନଜାତିଙ୍କ ସ୍ୱାଭିମାନ ଓ ଅସ୍ମିତାର ପ୍ରତୀକ ଲକ୍ଷ୍ମଣ ନାୟକ



**ଭୁବନେଶ୍ୱର,୨୪।୧୧ (ମହାଭାରତ):** ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଭାରତର ସ୍ୱାଧୀନତା ସଂଗ୍ରାମର ଚିତ୍ର ଓ ଚରିତ୍ର ଅଧ୍ୟୟନ ଓ ଅନୁଶୀଳନ କଲାବେଳେ ଆଦିବାସୀମାନଙ୍କର ମହାନ୍ ଅବଦାନକୁ ଅସ୍ୱୀକାର କରିପାରିବା ନାହିଁ । ୧୯୨୧ ମସିହାରେ ମହାତ୍ମାଗାନ୍ଧୀ ଯେତେବେଳେ ଅସହଯୋଗ ଡାକରା ଦେଲେ, ସେତେବେଳେ ଲକ୍ଷ୍ମଣ ନାଏକଙ୍କ ଆହ୍ୱାନକ୍ରମେ କୋୟା ଓ ବଣ୍ଡା ଆଦିବାସୀମାନେ ଲୁଚିଛପି ବ୍ରିଟିଶ ମାନଙ୍କ ଉପରେ ସଶସ୍ତ୍ର ଆକ୍ରମଣ କରିଥିଲେ । ତାଙ୍କରି ଉଦ୍ୟମ ଫଳରେ କୋରାପୁଟ ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମର ବହ୍ନି ଜଳି ଉଠିଥିଲା । ଲକ୍ଷ୍ମଣ ବ୍ରିଟିଶ ସରକାରଙ୍କ ଅସହଯୋଗ କରିବା ପାଇଁ ଆଦିବାସୀମାନଙ୍କ ନେତୃତ୍ୱ ନେଇଥିଲେ ।୧୯୪୨ ମସିହା ଅଗଷ୍ଟ ୨୧ ତାରିଖରେ ସେ ମାଥିଲିରେ ଏକ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନର ନେତୃତ୍ୱ ନେଇଥିଲେ, ଯେଉଁଠାରେ ପୋଲିସ ବିକ୍ଷୋଭକାରୀଙ୍କ ଉପରେ ଗୁଳି ଚଳାଇଥିଲା ।ଏଥିପାଇଁ ନାୟକଙ୍କୁ ମିଥ୍ୟା ହତ୍ୟା ଅଭିଯୋଗରେ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ଫାଶୀ ଦଣ୍ଡ ଦିଆଯାଇଥିଲା । କହିବାକୁ ଗଲେ ସେ ଥିଲେ କୋରାପୁଟ ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ମହାନାୟକ। ଜନଜାତିଙ୍କ ସ୍ୱାଭିମାନ ଓ ଅସ୍ମିତାର ଅନନ୍ୟ ପ୍ରତୀକ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇ ଆମେ ସମସ୍ତେ ଗର୍ବିତ।

ବିଶିଷ୍ଟ ଶିକ୍ଷାବିତ୍ ଏବଂ ସ୍ତମ୍ଭକାର ଡ. ବାସନ୍ତୀ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ ମାଲକାନଗିରି ଅଞ୍ଚଳର ଆଦିବାସୀ ମାନଙ୍କ ମଧ୍ୟରେ ସେ ଜଣେ ଲୋକନାୟକ ଭାବରେ ଜଣାଶୁଣା । କୋରାପୁଟ ଜିଲ୍ଲାର ସରଳ, ନିରୀହ, ନିଷ୍କପଟ ଆଦିବାସୀମାନେ ବର୍ବର ଇଂରେଜମାନଙ୍କ ଦ୍ୱାରା ଅନ୍ୟାୟ ଓ ଅତ୍ୟାଚାରରେ ଶୋଷିତ ହେଉଥିଲେ। ସେତେବେଳେ ମହାଜନମାନେ ଆଦିବାସୀମାନଙ୍କୁ ଶୋଷଣ କରୁଥିଲେ ଏବଂ ସେମାନଙ୍କୁ ବେଠି ଖଟାଉ ଥିଲେ । ଏହିସବୁ କାର୍ଯ୍ୟ ଲକ୍ଷ୍ମଣ ନାଏକଙ୍କୁ ବିଶେଷ ବିବ୍ରତ କରିଥିଲା । ସେ ନିଜ ଦେଶୀୟ ଭାଷାରେ ହୃଦୟସ୍ପର୍ଶୀ ଭାଷଣ ଦେଇ ଦେଶପ୍ରେମ ଓ ସ୍ୱାଧୀନତା ବହ୍ନିକୁ ପ୍ରଜ୍ୱଳିତ କରିଥିଲେ। ପରେ ସେ ଆଦିବାସୀମାନଙ୍କୁ ସଙ୍ଗଠିତ କରି ଅନ୍ଧବିଶ୍ୱାସ, ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସେ ସରକାରଙ୍କୁ ବିରୋଧ କରିଥିବାରୁ ତାଙ୍କୁ ରାଜଦ୍ରୋହୀ ବୋଲି ଘୋଷଣା କରାଯାଇ ଶେଷରେ ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆ ଯାଇଥିଲା। ଦେଶମାତୃକାର ରକ୍ଷା ପାଇଁ ବୀର ଲକ୍ଷ୍ମଣଙ୍କୁ ଏ ଜାତି ଚିରକାଳ ମନେ ରଖୁବ ବୋଲି ଡ଼. ମହାନ୍ତି ପ୍ରକାଶ କରିଥିଲେ ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ଼. ଅରବିନ୍ଦ ଢ଼ାଲି ଯୋଗଦେଇ କହିଲେ ଯେ ସ୍ୱାଧୀନତା ସଂଗ୍ରାମରେ ଲକ୍ଷ୍ମଣ ନାଏକଙ୍କ ଭୂମିକା ଓଡ଼ିଶାର ଜନଜାତିଙ୍କ ସ୍ୱାଭିମାନକୁ ଋଦ୍ଧିମନ୍ତ କରିଛି । ଶହୀଦ ଲକ୍ଷ୍ମଣ ନାଏକ ପରାଧୀନତା, ଜନଜାତିଙ୍କୁ ଶୋଷଣ, ଅତ୍ୟାଚାର ଏବଂ ନିର୍ଯାତନା ବିରୋଧରେ ସଂଗ୍ରାମ କରିଥିଲେ ବୋଲି ଦର୍ଶାଇ ତାଙ୍କର ଦେଶପ୍ରୀତି ଉତ୍ତରପିଢ଼ିଙ୍କ ଅନୁପ୍ରେରିତ କରୁଥିବ ବୋଲି ଉଲ୍ଲେଖ କରିଥିଲେ।

ସୂଚନା ଓ ଲୋକସଂପର୍କ ବିଭାଗର ଉପ ନିର୍ଦ୍ଦେଶକ (କ୍ଷେତ୍ର ) ସୁଚେତା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଅବସରରେ କହିଲେ ଯେ ମାଲକାନଗିରି ଅଞ୍ଚଳର ଆଦିବାସୀମାନଙ୍କ ମଧ୍ୟରେ ସେ ଜଣେ ଲୋକନାୟକ ଭାବରେ ଜଣାଶୁଣା। ସମାଜରେ ସମାନ ଅଧିକାର ଓ ନ୍ୟାୟ ପାଇଁ ତାଙ୍କ ଲଢ଼ାଇ ସଦା ଶ୍ରଦ୍ଧାର ସହ ଉଚ୍ଚାରିତ ହୁଏ।

ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ତଥା ସହିଦ ଲକ୍ଷ୍ମଣ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଅର୍ପଣ ପରେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା। ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ଉପ ସଭାପତି ଇଂ ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଲୋକ ସମ୍ପର୍କ ଅଧିକାରୀ. ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ, ଜୟଦେବ ଭବନର ଉପ ନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଏମ୍‌ସିର ସ୍ୱଚ୍ଛ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨୪।୧୧ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବି ଏମ୍ ସି) ର ସ୍ୱଚ୍ଛ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସହରକୁ ନିତ୍ୟ ନୈମିତ୍ତିକ ସ୍ୱଚ୍ଛ ରଖି ଏହାର ମାନ ମର୍ଯ୍ୟାଦା ବଢାଇବାର ଗୁରୁ ଦାୟିତ୍ୱ ତୁଲାଇଥିବା ସମସ୍ତ ବର୍ଗର ସ୍ୱଚ୍ଛ କର୍ମୀଙ୍କ ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ ଥିଲା । ଏହି ଉତ୍ସବ ଖାସ୍ କରି ସ୍ୱଚ୍ଛ କର୍ମୀଙ୍କ ତ୍ୟାଗ, ସେବା, ମର୍ଯ୍ୟାଦା ଏବଂ ସେମାନଙ୍କ ମାନବିକ ମୂଲ୍ୟବୋଧକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆୟୋଜନ ହୋଇଥିଲା । ମହାନଗର ନଗର ନିଗମର ୬୭ ଗୋଟି ୱାର୍ଡରୁ ପ୍ରାୟ ପାଞ୍ଚ ହଜାର ଜଣ ସ୍ୱଚ୍ଛ କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ।

ବିଶିଷ୍ଟ ଅତିଥି ଭାବେ ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ଶ୍ରୀ ସୁଶାନ୍ତ କୁମାର ରାଉତ, ମେୟର ଶ୍ରୀମତୀ ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣା, ପରିମଳ ଷ୍ଟାଣ୍ଡିଂକମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ବିବିଧ କର୍ପୋରେଟର ଏବଂ ଟିମ୍ ବି ଏମ୍ ସି ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ।

ଏହି ଅବସରରେ ବିଭିନ୍ନ ୱାର୍ଡରୁ ଚୟନ ହୋଉଥିବା ୮୫ ଜଣ ସ୍ୱଚ୍ଛ କର୍ମୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏହା ସାଙ୍ଗକୁ ୧୧ ଜଣ ଗରିମା କର୍ମୀଙ୍କୁ ସେଫଟି କିଟ୍ ବଣ୍ଟନ କରାଯାଇଥିଲା। ଆଜି ଯଦି ଭୁବନେଶ୍ୱରର ସ୍ୱଚ୍ଛତା ରାଙ୍କିଙ୍ଗ ସମାନ ପ୍ରକାରର ସହର ମଧ୍ୟରେ ସାରାଦେଶରେ ହେଇଥିବା ସ୍ୱଚ୍ଛ ସର୍ବେକ୍ଷଣ ରେ ୯ମ ସ୍ଥାନରେ ରହିଥାଏ, ଏହାର ଶ୍ରେୟ ଯାଉଛି ଆମ ସ୍ୱଚ୍ଛ କର୍ମୀଙ୍କୁ ବୋଲି କହିଛନ୍ତି ମେୟର। ସବୁ ସମୟରେ, ଅସମୟରେ, ଭଲ ସମୟରେ ବା ପର୍ବ ପର୍ବାଣୀରେ କର୍ମର ସାରଥି ସାଜିଥାନ୍ତି ଆମ ସ୍ୱଚ୍ଛ କର୍ମୀ। କିଛି ସମୟ ପାଇଁ ଆମେ ଆପଣଙ୍କ ସହଯୋଗ ଚାହୁଁ ଆଉ କିଛି ସମୟରେ ଅଭିଯୋଗ ମଧ ଶୁଣୁ। ଏହା ଏକ ପାରିବାରିକ ରୀତି । ମେୟରଙ୍କ ଠାରୁ ଆରମ୍ଭ ହୋଇ କର୍ମୀଙ୍କ ଯାଏଁ ଥିବା ସମସ୍ତେ ସହରର ସ୍ୱଚ୍ଛତା ରକ୍ଷା କରିବାର ଦାୟିତ୍ୱ ନେଇଛନ୍ତି ।କିନ୍ତୁ ଆପଣଙ୍କୁ ବାଦ୍ ଦେଲେ ଏହା ସମ୍ଭବ ନୁହଁ । ଭୁବନେଶ୍ୱର ସହରକୁ ଘରର ମର୍ଯ୍ୟାଦା ଦେଇଛନ୍ତି ଆପଣ; କହିଥିଲେ ମେୟର ।

# ବାଣିଜ୍ୟ ମେଳାରେ ଓଡିଶା ପାଭିଲିୟନର ବ୍ୟବସାୟିକ ସଫଳତା

**ଭୁବନେଶ୍ୱର,୨୪।୧୧ (ମହାଭାରତ):** ଚଳିତ ନଭେମ୍ବର ୧୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ପରିସରରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଖୋଲାଯାଇଥିବା ଓଡିଶା ପାଭିଲିୟନ ଦେଶ ବିଦେଶର ବୃହତ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ସହିତ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିବାରେ ସଫଳ ହୋଇଛି। ଚଳିତ ବର୍ଷର ବିଷୟବସ୍ତୁ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ସାର୍ଥକତାକୁ ପ୍ରତିପାଦନ କରିବାକୁ ଯାଇ, ସ୍ୱଦେଶୀ ଜ୍ଞାନକୌଶଳରେ ଉତ୍ପାଦିତ ଓଡିଶାର କୃଷିଜାତ ସାମଗ୍ରୀ ଠାରୁ ଆରମ୍ଭ କରି ବୟନ ଓ ହସ୍ତଶିଳ୍ପ ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ, ଦେଶ ବିଦେଶର ବଡ଼ବଡ଼ ବ୍ୟବସାୟୀ ସମେତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ଗୁଡ଼ିକର ଦୃଷ୍ଟି ଆକର୍ଷଣ କରୁଛି ।ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଏବଂ 'ଆତ୍ମନିର୍ଭର ଭାରତ' ଆହ୍ୱାନ ଏବଂ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ 'ଓଡିଶା ଭିଜନ ୨୦୩୬' ପାଇଁ ଶିଳ୍ପାୟନ ଓ ପୁଞ୍ଜି ବିନିଯୋଗ ମାର୍ଗଦର୍ଶନର ପ୍ରତିଫଳନ ସ୍ୱରୂପ, ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ପ୍ରଥମ ପାଞ୍ଚ ଦିନ ଅର୍ଥାତ ୧୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ ବ୍ୟବସାୟିକ ଅବଧିରେ ଓଡିଶା ପାଭିଲିୟନ ଏହି ସଫଳତା ହାସଲ କରିଛି। ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଏହି ବ୍ୟବସାୟିକ ଅବଧିରେ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ତରଫରୁ ଓଡିଶା ପାଭିଲିୟନରେ ଅଂଶଗ୍ରହଣ କରିଥିବା ବରଗଡ଼ର ଗୌମୟ ପେଂଟସ ଇତିମଧ୍ୟରେ ତ୍ରିପୁରାର ଶିଳ୍ପ ବିଭାଗ, ରୋହତକ ହରିୟାନାର ଅରିହନ୍ତ ପେଂଟସ, ନୂଆଦିଲ୍ଲୀର ଏ.ଏଲ୍.ଏମ୍. ଏଂଟରପ୍ରାଇଜେସ ଓ ଆର.କେ.ଜି.ଡି. ଏଣ୍ଟରପ୍ରାଇଜେସ ସହିତ ବାର୍ତାଳାପ କରିଥିବା ବେଳେ, ନୂଆଦିଲ୍ଲୀର ହରମିତ ସିଂହଙ୍କ ସହିତ ଓଡିଶା ରାଜ୍ୟ ତାଳଗୁଡ ସମବାୟ ସଂଘ ଲିମିଟେଡ ସହିତ ବ୍ୟବସାୟିକ ଆଲୋଚନା କରିଛନ୍ତି। ସେହିପରି, ବ୍ରହ୍ମପୁରର ଇଲେଟ କ୍ରଞ୍ଚିସ ଭାରତୀୟ ବିମାନ ବନ୍ଦର କର୍ତୃପକ୍ଷ, ପାୱାର ଗ୍ରୀଡ୍ କର୍ପୋରେସନ, ନୂଆଦିଲ୍ଲୀର ଅଶୋକା ହୋଟେଲ ଓ ନଟ୍ ସେକ୍ ସହିତ ବାର୍ତାଳାପ କରିଛନ୍ତି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଅଂଶଗ୍ରହଣ କରିଥିବା ମୟୂରଭଞ୍ଜ ଜିଲ୍ଲାର ଯଶିପୁର କୃଷି ଉତ୍ପାଦକ ସଂଘର ଷ୍ଟଲ କେରଳ ରାଜ୍ୟ ସହିତ ଏବଂ ଓରମାସ ତରଫରୁ ତୁମ୍ବା ହସ୍ତଶିଳ୍ପକୁ ନେଇ ମେଳାରେ ଅଂଶଗ୍ରହଣ କରିଥିବା ରାୟଗଡ଼ାର ପ୍ରେରଣା ସ୍ୱୟଂ ସହାୟକ ଗୋଷ୍ଠୀ ନୂଆଦିଲ୍ଲୀର ରୁଦ୍ରଶୀଳ ପ୍ରୋଡ଼କ୍ଟ ସହିତ ବାର୍ତାଳାପ କରିଛନ୍ତି ।

# ଶ୍ରୀଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର

**ଭୁବନେଶ୍ୱର,୨୪।୧୧ (ମହାଭାରତ):** ଶ୍ରୀ ଜଗନ୍ନାଥ ସେବା ଟ୍ରଷ୍ଟ, ମୂଷାବଣି ଓ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ମିଳିତ ଆନୁକୁଲ୍ୟରେ ମୂଷାବଣି ସ୍ଥିତ ଟ୍ରଷ୍ଟ ସଭାଗୃହରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର ଡାକ୍ତର ଗୋରାଚାନ୍ଦ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସେବା ଟ୍ରଷ୍ଟର ସୁଶାନ୍ତ ମାନା, ବନବିହାରୀ ପଟ୍ଟନାୟକ, ଅକ୍ଷୟ ବ୍ରହ୍ମା ଓ ନ୍ୟାସୀ ମଣ୍ଡଳ ସଭାପତି ସୀତା ବଲ୍ଲଭ ମହାପାତ୍ର, ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର , ସମ୍ପାଦକ ରାମ ନାରାୟଣ ମିଶ୍ର ଓଡ଼ିଶା ବାହାରେ ରହି ଯାଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଶ୍ରୀଜଗନ୍ନାଥ ଉପାସନା ଓ ସଂସ୍କୃତି କିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିଛି ତାହା ବିଶଦ ଭାବେ ବର୍ଣ୍ଣନା କରିଥିଲେ। ଆଦିକବି ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ରଚିତ ସାହିତ୍ୟ ସମ୍ଭାରରେ ଶ୍ରୀ ଜଗନ୍ନାଥ କଥା ଓ ସଂସ୍କୃତି ଭରପୂର ହୋଇ ରହିଛି ଓ ବିଚ୍ଛିନ୍ନାଞ୍ଚଳରେ ଶ୍ରୀ ଜଗନ୍ନାଥ ଉପାସନା ଓ ଯାନିଯାତ୍ରା ପାଳନ ଦ୍ୱାରା ଓଡ଼ିଆମାନେ ବାନ୍ଧି ହୋଇ ରହିଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ମୂଷାବଣିଠାରେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟକୁ ନ୍ୟାସୀ ମଣ୍ଡଳର କର୍ମକର୍ତ୍ତା ବୁଲି ଦେଖିଥିଲେ। ଆଲୋଚନାରେ ନିରଞ୍ଜନ ମହାପାତ୍ର, ଆରତି କର, ରଞ୍ଜନ ଶତପଥୀ, ମମତା ପଟ୍ଟନାୟକ, କୈଳାଶ ରଥ, ଦିନେଶ ସାଓ, ଶିଖା କର, ପ୍ରଫେସର ଶରତ ଚନ୍ଦ୍ର ରଥ, ବିଜୟ ମହାନ୍ତି, ମୁରାରୀ ମୋହନ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଅଳିଆରୁ ଖତ ପ୍ରସ୍ତୁତ କରିବ ବିଏମ୍‌ସି




**ଭୁବନେଶ୍ୱର,୨୪।୧୧ (ମହାଭାରତ):** ଓଡିଶା ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱର ମହାନଗର ନିଗମର ଭରତପୁର ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରରେ ଇନସେକଟିକାର ଅତ୍ୟାଧୁନିକ ବ୍ଲାକ୍ ସୋଲଜର ଫ୍ଲାଏ ଭିତ୍ତିକ ବର୍ଜ୍ୟ ପ୍ରକ୍ରିୟା କରଣ ସୁବିଧା ପରିଦର୍ଶନ କରିଛନ୍ତି।

ପରିଦର୍ଶନ ସମୟରେ ମନ୍ତ୍ରୀ ବିଏସଏଫ ଲାର୍ଭା ବ୍ୟବହାର କରି ଜୈବ ଅଳିଆକୁ ଉଚ୍ଚ-ମୂଲ୍ୟର ଆଉଟପୁଟ (ନିଷ୍କର୍ଷ ଖତ ବା ଜୈବିକ ସାର)ରେ କରିବାର ଅଭିନବ ପ୍ରକ୍ରିୟାଗୁଡ଼ିକର ସମୀକ୍ଷା କଲେ।

ଓଦା ଅଳିଆରୁ ଉନ୍ନତମାନର ଜୈବିକ ସାର ପ୍ରକ୍ରିୟା କରଣର ଏହା ଏକ ସ୍ୱତନ୍ତ୍ର ଉପାୟ। ଏହି ଉପାୟରେ ଓଦା ଅଳିଆକୁ ଗୁଣ୍ଡ କରିଦେଇ ଏକପ୍ରକାରର କୀଟର ପ୍ରୟୋଗରେ ଅଳିଆର ପରିମାଣ କରିଥାଏ ଏବଂ ପରବର୍ତ୍ତୀ ପ୍ରକ୍ରିୟାରେ ସ୍ୱତନ୍ତ୍ର ସାର ବାହାରିଥାଏ, ଯାହା ମାଟିର ଉର୍ବରତା ବଢ଼ାଇବାରେ ସହଯୋଗୀ ହୋଇଥାଏ। ଏହି ପ୍ରକ୍ରିୟାର ପରୀକ୍ଷାମୂଳକ ପ୍ରୟୋଗକୁ ପରିଚାଳନା କରିବା ପାଇଁ ବିଏମ୍‌ସି ଏବଂ ଏମ୍‌ଏସ୍ ଇନସେକଟିକା ବାୟୋ ଟେକ୍ ପ୍ରାଇଭେଟ୍ ଲିମିଟେଡ ସହିତ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏକବର୍ଷ ପାଇଁ ହୋଇଥିବା ରାଜିନାମା ଅନୁସାରେ ଉକ୍ତ ସଂସ୍ଥା ଏହି ପରିଚାଳନା ଦାୟିତ୍ୱରେ ରହିଛି।

ଡକ୍ଟର ମହାପାତ୍ର ପୌର ଆବର୍ଜନା ପରିଚାଳନାକୁ ଉନ୍ନତମାନର କରିବା, ଲ୍ୟାଣ୍ଡଫିଲ୍ ବୋଝ ହ୍ରାସ କରିବା ଏବଂ ପ୍ରୋଟିନ-ସମୃଦ୍ଧ ଖାଦ୍ୟ ଏବଂ ଜୈବ ମାଟି ବୃଦ୍ଧିକାରୀ ଭଳି ସ୍ଥାୟୀ ଉପଉତ୍ପାଦ ସୃଷ୍ଟି କରିବା ପାଇଁ ପ୍ରଯୁକ୍ତିର ସମ୍ଭାବନାକୁ ସମୀକ୍ଷା କରି ଖୁସି ପ୍ରକଟ କଲେ। ଏହା ସାଙ୍ଗକୁ ସହରାଞ୍ଚଳ ପରିମଳରେ ଉନ୍ନତ ବୃତ୍ତାକାର-ଅର୍ଥନୀତି ସମାଧାନ ପ୍ରଚଳନ କରିବାରେ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ଏବଂ ଇନସେକଟିକା ମଧ୍ୟରେ ସହଭାଗୀତାକୁ ପ୍ରଶଂସା କରିଥିଲେ। ମନ୍ତ୍ରୀ କହିଥିଲେ ଯେ ଏହି ପ୍ରକାରର ପ୍ରଯୁକ୍ତିବିଦ୍ୟା-ଚାଳିତ ପଦକ୍ଷେପ ଗୁଡ଼ିକ ବୈଜ୍ଞାନିକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ, ପରିବେଶଗତ ପରିଚାଳନା ଏବଂ ସବୁଜ ଜୀବିକା ସୃଷ୍ଟି ପ୍ରତି ରାଜ୍ୟର ପ୍ରତିବଦ୍ଧତା ସହିତ ସମନ୍ୱିତ।

ଏନ ଗଣେଶବାବୁ ଡେପୁଟି କମିଶନର ବିଏମସି, ଅରୁଣ କୁମାର ଦାସ, ପ୍ରତିଷ୍ଠାତା ଏବଂ ସିଇଓ, ଡକ୍ଟର ଚିନ୍ମୟୀ ଆଚାର୍ଯ୍ୟ, ଗବେଷଣା ଏବଂ ବିକାଶ ମୁଖ୍ୟ, ଇନସେକ୍ଟିକା ବାୟୋଟେକ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନେ ଗସ୍ତ ସମୟରେ ଉପସ୍ଥିତ ଥିଲେ।

# କାଶିଆ ମାଇନ୍ସକୁ କଳିଙ୍ଗ ଏକ୍ସିଲେନ୍ସ ସେଫ୍ଟି ଆୱାର୍ଡ

**ଭୁବନେଶ୍ୱର,୨୪।୧୧ (ମହାଭାରତ):** ଜିନ୍ଦଲ ଷ୍ଟିଲର କାଶିଆ ମାଇନ୍ସକୁ କଳିଙ୍ଗ ଏକ୍ସିଲେନ୍ସ ଆୱାର୍ଡରେ ସମ୍ମାନିତ କରାଯାଇଛି। ୨୦୨୪ରେ ନିରାପତ୍ତା କ୍ଷେତ୍ରରେ



ଉଲ୍ଲେଖନୀୟ ପ୍ରଦର୍ଶନ ଓ ଅବଦାନ ପାଇଁ ପ୍ଲାଟିନମ ବର୍ଗରେ ଏହି ସମ୍ମାନ ମିଳିଛି। ଆଇକ୍ୟୁଇଏମଏସ ପକ୍ଷରୁ ଆୟୋଜିତ ଷୋଡ଼ଶ ଜାତୀୟ ନିରାପତ୍ତା ସମ୍ମେଳନ ୨୦୨୫ରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଓ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା ଏହି ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

ପୁରସ୍କାର ଗ୍ରହଣ କରିବା ଅବସରରେ ଜିନ୍ଦଲ ଷ୍ଟିଲ- ବିକେଟିଆର କ୍ଲଷ୍ଟର ମୁଖ୍ୟ ପ୍ରମୋଦ କୁମାର ପାତ୍ର ଏହି ସମ୍ମାନ ପାଇଁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ସମସ୍ତ ନିରାପତ୍ତା ନିୟମର କଠୋର ଅନୁପାଳନ ଜିନ୍ଦଲ ଷ୍ଟିଲର ଅଭିନ୍ନ କର୍ମସଂସ୍କୃତି। ଏକ ସୁରକ୍ଷିତ ଓ ନିରାପଦ କାର୍ଯ୍ୟକ୍ଷେତ୍ରକୁ ସୁନିଶ୍ଚିତ କରିବା ସହିତ ନିରାପତ୍ତାର ଉଚ୍ଚମାନକକୁ ବଜାୟ ରଖିବା ପାଇଁ ଜିନ୍ଦଲ ଷ୍ଟିଲ ସର୍ବଦା ପ୍ରତିଶ୍ରୁତିବଦ୍ଧ।

ଜିନ୍ଦଲ ଷ୍ଟିଲ ସର୍ବଦା ନିରାପତ୍ତାକୁ ନିରନ୍ତର ଭାବେ ପ୍ରାଥମିକତା ଦେଇଆସିଛି। ନିୟମିତ ସୁରକ୍ଷା ସମୀକ୍ଷା, କର୍ମଚାରୀଙ୍କୁ ତାଲିମ, ଅତ୍ୟାଧୁନିକ ସୁରକ୍ଷା ପ୍ରଯୁକ୍ତି କୌଶଳର ପ୍ରୟୋଗ ଦ୍ୱାରା ନିରାପତ୍ତାକୁ ସୁନିଶ୍ଚିତ କରାଯାଉଛି। ଯେକୌଣସି ଅପ୍ରତ୍ୟାଶିତ ଘଟଣାକୁ ମୁକାବିଲା କରିବା ପାଇଁ ମଜଭୁତ ଆପତକାଳୀନ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି। ଏହାଦ୍ୱାରା ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ ହୋଇପାରିଛି।

# ଡାଟା ଇକୋ-ସିଷ୍ଟମ ସୃଷ୍ଟି ପାଇଁ ପ୍ରଶିକ୍ଷଣ

**ଭୁବନେଶ୍ୱର,୨୪।୧୧ (ମହାଭାରତ):** ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଅଧୀନସ୍ଥ ଅର୍ଥନୀତି ଏବଂ ପରିସଂଖ୍ୟାନ ବିଭାଗ ଦ୍ୱାରା ଜାତୀୟ ତଥ୍ୟ ଆର୍କାଇଭ (ଏନଏଡିଏ) ପ୍ଲାଟଫର୍ମ ବ୍ୟବହାର କରାଯାଇ ତଥ୍ୟର ସୁବ୍ୟବସ୍ଥିତ ଭାବେ ସଂରକ୍ଷଣ କରି ରଖିବା(ଡାଟା କାଟାଲଗିଂ) ସଂପର୍କରେ ଦ୍ୱିତୀୟ ପର୍ଯ୍ୟାୟରେ ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୧୭ରୁ ୨୧ନଭେମ୍ବର ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଥିଲା। ସରକାରୀ ତଥ୍ୟ (ଡାଟା) ବ୍ୟବହାରକାରୀମାନଙ୍କୁ ଅଧିକ ବ୍ୟବସ୍ଥିତ ଓ ସହଜରେ ଉପଲବ୍ଧ ହେବା ଲକ୍ଷ୍ୟ ରଖି ଏହାକୁ ସୁସଂଗଠିତ ଭାବେ ରଖିବା ଏବଂ ପ୍ରଦାନ କରିବାରେ ରାଜ୍ୟର କ୍ଷମତା ବୃଦ୍ଧି କରିବା ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ଥିଲା। ଏହି ପାଞ୍ଚଦିନ ମଧ୍ୟରେ, ଅଂଶ ଗ୍ରହଣକାରୀମାନେ ଅନ୍ତର୍ଜାତୀୟ ବିଶେଷଜ୍ଞ ସୋମନାଥ ଶମ୍ଭୁଦାସଙ୍କ ସହଯୋଗରେ ତଥ୍ୟ ସଂରକ୍ଷଣ ସଂପର୍କିତ ଅଭ୍ୟାସ ଓ କାର୍ଯ୍ୟକରିଥିଲେ। ଶମ୍ଭୁଦାସ ଓଡ଼ିଶା ରାଜ୍ୟ ପରିସଂଖ୍ୟାନ ନିର୍ଦ୍ଦେଶାଳୟରେ ଥିବା ଡାଟା ସମୂହ ସଂପର୍କରେ ବିଶ୍ଳେଷଣ କରିବା ସହିତ ସଂରକ୍ଷଣ ସଂପର୍କରେ ପ୍ରଶିକ୍ଷଣ ଦେଇଥିଲେ।

ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣକାରୀ ମାନେ ତଥ୍ୟ ସମୂହକୁ ଏନଏଡିଏ ପ୍ରଣାଳୀ ଅନୁସାରେଡକୁମେଣ୍ଟ କରିବା, ସର୍ବେକ୍ଷଣ ପଦ୍ଧତିର ବର୍ଣ୍ଣନା, ଆବଶ୍ୟକ ସୂଚନା ସହ ଜାତୀୟ ନମୁନା ସର୍ବେକ୍ଷଣ (ଏନଏସ୍ଏସ), ମୂଲ୍ୟ ତଥ୍ୟ (ପ୍ରାଇସ୍ ଷ୍ଟାଟିଷ୍ଟିକ୍ସ), ବାର୍ଷିକ ଶିଳ୍ପ ସର୍ବେକ୍ଷଣ,କ୍ଷୁଦ୍ର ଜଳସେଚନ ଗଣନାଏବଂ ଜଳାଶୟ ଗଣନା ଆଦି ବିଭନ୍ନ ପ୍ରକାର ମାଇକ୍ରୋ ତଥ୍ୟ ପ୍ରକାଶନ ପାଇଁ ମେଟାଡେଟା ପ୍ରସ୍ତୁତି ସମ୍ପର୍କରେ ଶିକ୍ଷାଲାଭ କରିଥିଲେ। ଏହି ପଦକ୍ଷେପ ରାଜ୍ୟର ପରିସଂଖ୍ୟାନ ବ୍ୟବସ୍ଥାରେ ପାରଦର୍ଶିତା, ଦକ୍ଷତା ଏବଂ ଉପଲବ୍ଧତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କାର୍ଯ୍ୟକ୍ରମକୁ ପ୍ରଥମ ଦିବସରେ ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ଶାସନ ସଚିବ ପ୍ରକାଶ ଚନ୍ଦ୍ର ମହାନ୍ତି ଉଦଘାଟନ କରିବା ସହ ସପ୍ତାହ ବ୍ୟାପୀ ପ୍ରଶିକ୍ଷଣ ଉପଲକ୍ଷେ ବିଭିନ୍ନ ପରାମର୍ଶ ଦେଇଥିଲେ। ଡାଟାର ସଠିକ ବ୍ୟାଖ୍ୟା କରାଯାଇ ପ୍ରତ୍ୟେକ ବ୍ୟବହାରକାରୀଙ୍କୁ ସୁବିଧାରେ ଉପଲବ୍ଧ କରାଗଲେ, ତାହା ଅଧିକ ଉପଯୋଗୀଓ ଅର୍ଥପୂର୍ଣ୍ଣ ହୋଇଥାଏ ବୋଲି ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏଥିପାଇଁ ଆବଶ୍ୟକ ଜ୍ଞାନକୌଶଳର ଉପଯୋଗ ସଂପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦଯୋଗଦେଇ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରି ଗବେଷଣା ଓ ନାଗରିକମାନଙ୍କ ଉପଲବ୍ଧତା ପାଇଁ ସଠିକ୍ ଡାଟା ପ୍ରଦାନ ବ୍ୟବସ୍ଥାର ଜରୁରୀ ଆବଶ୍ୟକତା ସଂପର୍କରେ ଗୁରୁତ୍ୱାରୋପ କରିଥିଲେ। ପରିସଂଖ୍ୟାନ କ୍ଷେତ୍ରରେ ରାଜ୍ୟର କ୍ଷମତା ବୃଦ୍ଧି ପାଇଁ ଏହି ପଦକ୍ଷେପ, ବିଶ୍ୱ ବ୍ୟାଙ୍କ ସମର୍ଥିତ ଓଡ଼ିଶା ରାଜ୍ୟ କ୍ଷମତା ଏବଂ ସ୍ଥିର ବିକାଶ କାର୍ଯ୍ୟକ୍ରମ ( ଓଏସସିଆରଜିପି)ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି ପ୍ରଶିକ୍ଷଣରେ ନିବେଶ କରି ରାଜ୍ୟ ସରକାର ସରକାରୀ ତଥ୍ୟକୁ ବିଶ୍ଳେଷଣ କରି ତଥ୍ୟଭିତ୍ତିକ ଯୋଜନା ପ୍ରସ୍ତୁତି ଏବଂ ଜନସାଧାରଣଙ୍କୁ ସୁବିଧା ଓ ସହଜରେ ତାହା ଉପଲବ୍ଧ କରାଇବା ପାଇଁ ଓଡ଼ିଶା ସରକାର ତାଙ୍କର ଲକ୍ଷ୍ୟକୁ ସୁନିଶ୍ଚିତ କରୁଛନ୍ତି। କାର୍ଯ୍ୟକ୍ରମର ସଫଳତାର ସହ ଶେଷ ହେବା, ରାଜ୍ୟର ଆଧୁନିକ ତଥ୍ୟ ପରିଚାଳନା ଅଭ୍ୟାସ ଗ୍ରହଣ ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ତଥ୍ୟ ପ୍ରସାରଣ ଉଦ୍ୟମରେ ଅଗ୍ରଣୀ ଭୂମିକା ନିର୍ବାହ କରବା ସହ ସରକାରୀ ଡାଟାସମୂହକୁ ପ୍ରକାଶନ ପାଇଁ ଏନଏଡିଏ ପ୍ଲାଟଫର୍ମ ବ୍ୟବସ୍ଥାରେ ପରିଚାଳନା କରିବାରେ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ ରହିଛି ବୋଲି ରାଜ୍ୟ ଯୋଜନା ଓ ୭ପରିସଂଖ୍ୟାନ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି।

# ଓସିପିଏଲ ଓ ଓପିଜିସି ମିଶ୍ରଣ ପ୍ରସ୍ତାବକୁ କେନ୍ଦ୍ରର ଅଗ୍ରାହ୍ୟ

**ଭୁବନେଶ୍ୱର,୨୪।୧୧ (ମହାଭାରତ):** ଓଡିଶା କୋଲ ଏଣ୍ଡ ପାୱାର ଲିମିଟେଡ (ଓସିପିଏଲ)କୁ ଓଡିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି) ସହିତ ନିଷ୍ପତ୍ତିକୁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ମନୋନୀତ କର୍ତ୍ତୃପକ୍ଷ ପ୍ରତ୍ୟାଖାନ କରି ଦେଇଛନ୍ତି। ଫଳରେ ଓଡିଶା ସରକାରଙ୍କ ଯୋଜନା ବିଫଳ ହେବା ସହ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଓସିପିଏଲ-ଓପିଜିସି ମିଶ୍ରଣ ପ୍ରସ୍ତାବ ଉପରେ ଓଡିଶା ସରକାର ୦୮.୧୦.୨୦୨୫ରେ ନୀତିଗତ ନିଷ୍ପତି ନେବାପରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ମନୋନୀତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଏକାନ୍ତ ଆବଶ୍ୟକ ଥିଲା। କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ଅନୁମୋଦନ ହାସଲ କରିବା ପାଇଁ ୦୧.୧୧.୨୦୨୫ରେ ଓସିପିଏଲ ଏକ ପତ୍ର ମାଧ୍ୟମରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟକୁ ଆବେଦନ କଲେ। ଓସିପିଏଲର ଆବେଦନକୁ ବିଚାର କରି କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ନିଜର ବିଚାର ଓ ନିଷ୍ପତ୍ତିକୁ ସ୍ପଷ୍ଟ ଉଲ୍ଲେଖ କରି ୨୦.୧୧.୨୦୨୫ରେ ଏକ ପତ୍ର ମାଧ୍ୟମରେ ଓଡିଶା ସରକାରଙ୍କ ନିଷ୍ପତିକୁ ପ୍ରତ୍ୟାଖାନ କରିଛନ୍ତି।

କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ମନୋନୀତ କର୍ତ୍ତୃପକ୍ଷ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ମନୋହରପୁର କୋଇଲା ଖଣି ପାଇବା ପାଇଁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ସହିତ ଓସିପିଏଲ ସମ୍ପାଦନ କରିଥିବା ଆବଣ୍ଟନ ଚୁକ୍ତିନାମାର ଧାରା ୧୩.୨.୧ ଅନୁସାରେ ଓସିପିଏଲ-ଓପିଜିସି ମିଶ୍ରଣ ହୋଇପାରିବ ନାହିଁ। ଦ୍ୱିତୀୟରେ ଟାଙ୍ଗରଡ଼ିହି ଉତ୍ତର କୋଇଲା ଖଣିକୁ ନିଲାମ କରିବା ପାଇଁ କୋଇଲା ମନ୍ତ୍ରଣାଳୟ ପ୍ରକାଶ କରିଥିବା ବିଜ୍ଞପ୍ତି ଦସ୍ତାବିଜର ପାରା ୫.୨.୧.୩ ଅନୁସାରେ ଲକ-ଇନ ଅବଧିରେ ଓସିପିଏଲ-ଓପିଜିସି ମିଶ୍ରଣ ହୋଇପାରିବ ନାହିଁ। ସେହିପରି ତୃତୀୟରେ କହିଛନ୍ତି ଯେ ଟାଙ୍ଗରଡ଼ିହି ଉତ୍ତର କୋଇଲା ଖଣି ପାଇବା ପରେ ଓସିପିଏଲ ଓ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମାର ଧାରା ୧୩.୧.୩ ଅନୁସାରେ ସାଂପ୍ରତିକ ପରିସ୍ଥିତିରେ ଉକ୍ତ ମିଶ୍ରଣ ବେଆଇନ ଅଟେ। ଅର୍ଥାତ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଓସିପିଏଲ-ଓପିଜିସି ମିଶ୍ରଣ ପାଇଁ ଓସିପିଏଲର ଆବେଦନକୁ ଅଗ୍ରାହ୍ୟ କରିବା ସହିତ ଓଡିଶା ସରକାର ଗ୍ରହଣ କରିଥିବା ନୀତିଗତ ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ବରଖାସ୍ତ କରିଦେଇଛନ୍ତି।

# ସହରାଞ୍ଚଳର ପ୍ରମୁଖ କ୍ଷେତ୍ର ପରିଦର୍ଶନ କଲେ ବିଶ୍ୱବ୍ୟାଙ୍କ ପ୍ରତିନିଧି



**ଭୁବନେଶ୍ୱର,୨୪।୧୧ (ମହାଭାରତ):** ବିଶ୍ୱବ୍ୟାଙ୍କର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଅଧୀନରେ ଓଡ଼ିଶାର ପ୍ରମୁଖ ସହରାଞ୍ଚଳ ବିକାଶ ପଦକ୍ଷେପକୁ ଅନୁଧ୍ୟାନ କରିଛନ୍ତି। କ୍ଷେତ୍ରକୁ ଯାଇ ପରିଦର୍ଶନ ପୂର୍ବରୁ ଖାରବେଳ ଭାବନରେ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ପକ୍ଷରୁ ପ୍ରତିନିଧି ଦଳଙ୍କୁ ସ୍ୱାଗତ କରାଯାଇଥିଲା। ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଓଡ଼ିଶାର ସହରୀକରଣ ଓ ବିକାଶ ରୋଡମ୍ୟାପ୍ ଉପରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ। ଯେଉଁଥିରେ ଜଳ ଯୋଗାଣ, ପରିମଳ, ସହରାଞ୍ଚଳ ଗତିଶୀଳତା, ସୁଲଭ ଆବାସ ଏବଂ ନାଗରିକ କେନ୍ଦ୍ରୀତ ଶାସନର ଅଗ୍ରଗତି ଉପରେ ଆଲୋକପାତ କରାଯାଇଥିଲା।

ପରିଦର୍ଶନକାରୀ ଦଳ ମଧ୍ୟରେ ମିଷ୍ଟର୍ ଯୋହାନ୍ସ ଜୁଟ୍ (ଆଞ୍ଚଳିକ ଉପାଧ୍ୟକ୍ଷ), ମିଷ୍ଟର୍ ଇମାଦ୍ ଫଖୁରେ (ନିର୍ଦ୍ଦେଶକ), ମିସ୍ କାଇକୋ ଇନୋଏ (ଦକ୍ଷିଣ ଏସୀୟ ଅଭ୍ୟାସ ପରିଚାଳକ, ଶିକ୍ଷା), ମିସ୍ ଅପର୍ଣ୍ଣା ସୋମାନାଥନ (ଦକ୍ଷିଣ ଏସୀୟ ଅଭ୍ୟାସ ପରିଚାଳକ, ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା), ମିସ୍ ସୌମିଆ କୌଶଲ (ବରିଷ୍ଠ ଅର୍ଥନୀତିଜ୍ଞ) ଏବଂ ମିସ୍ କୃତିକା ସିଂ (କଣ୍ଟ୍ରିମ୍ୟାନେଜମେଣ୍ଟ ଟିମ୍) ସାମିଲ ଥିଲେ। ଖାରବେଳ ଭବନରେ ଆଲୋଚନା ସମୟରେ ପ୍ରତିନିଧି ଦଳ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ସହରାଞ୍ଚଳ ସଂସ୍କାର ଦିଗରେ ଓଡ଼ିଶାର ତଥ୍ୟ ଭିତ୍ତିକ ଓ ଫଳାଫଳ ଭିତ୍ତିକ ଆଭିମୁଖ୍ୟକୁ ସ୍ୱୀକାର କରିଥିଲେ। ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା ପରେ ପ୍ରତିନିଧି ଦଳ ପଲାସୁଣୀ ପରିଦର୍ଶନ କରି ୧୫୦ଟି ଟିପିଡି ସାମଗ୍ରୀ ପୁନରୁଦ୍ଧାର ସୁବିଧା, ନଢ଼ିଆ ବର୍ଜ୍ୟବସ୍ତୁ ପୁନଃଚକ୍ରଣ ସୁବିଧା, ଜଳ ଉପଚାର ପ୍ଲାଣ୍ଟ ଏବଂ ଗୋଷ୍ଠୀ ସହ ଜଡିତ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟ ସମେତ ସ୍ୱଚ୍ଛତାର ସର୍ବୋତ୍ତମ ଅଭ୍ୟାସ ଦେଖିଥିଲେ।

# ରାଷ୍ଟ୍ରର ସୁରକ୍ଷା

ଦେଶର ସ୍ୱାର୍ଥ କଥା ସେ କେବେ ଚିନ୍ତା କରିବା ପରି ମନେ ହୁଏନି। ବିଦେଶରେ ଯାଇ ସେ ସବୁ ବେଳେ ଭାରତ ବିରୋଧରେ ଗପୁଛନ୍ତି। ଏହା ଦ୍ୱାରା ତାଙ୍କର ଏବଂ ଦେଶବାସୀଙ୍କର ସମ୍ମାନହାନୀ ହେଉଛି। ଏହା ଜଣେ ରାଷ୍ଟ୍ରନୀତିଜ୍ଞଙ୍କ ଲକ୍ଷଣ ନୁହେଁ। ଦେଶରେ ଅନେକ ରାଜନେତା ଅଛନ୍ତି, କିନ୍ତୁ ରାଷ୍ଟ୍ରନେତା ଯାହାକୁ ଇଂରାଜୀ ଭାଷାରେ ଷ୍ଟେଟସମ୍ୟାନ ବୋଲି କୁହାଯାଏ ସେଭଳି ବ୍ୟକ୍ତିତ୍ୱ ଯଥେଷ୍ଟ କମ। ପଣ୍ଡିତ ଜବାହାର ଲାଲ ନେହରୁ, ଲାଲ ବାହାଦୂର ଶାସ୍ତ୍ରୀ, ଲୋକନାୟକ ଜୟପ୍ରକାଶ ନାରାୟଣ, ଅଟଳ ବିହାରୀ ବାଜପେୟୀ, ବିଜୁ ପଟ୍ଟନାୟକ ପ୍ରମୁଖ ରାଷ୍ଟ୍ରନାୟକ ଥିଲେ। ଜଣେ ସାଧାରଣ ରାଜନେତା କେବଳ କ୍ଷମତା ଏବଂ ନିର୍ବାଚନରେ ସଫଳତା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥାଏ। ନିର୍ବାଚନରେ ଜିତିବା ସେମାନଙ୍କର ଚରମ ଲକ୍ଷ୍ୟ ରହିଥାଏ। କିନ୍ତୁ ଜଣେ ରାଷ୍ଟ୍ରନାୟକ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରହି, ନିର୍ବାଚନୀ ସଫଳତାକୁ ଗୁରୁତ୍ୱ ନଦେଇ ରାଷ୍ଟ୍ରର ହିତ ଏବଂ ରାଷ୍ଟ୍ରର ସ୍ୱାର୍ଥକୁ ସବୁ ବେଳେ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ଶସ୍ତା ଲୋକପ୍ରିୟତା ହାସଲ ପାଇ ଜଣେ ରାଷ୍ଟ୍ରନେତା କେବେ ଦେଶର ଅର୍ଥନୀତିକୁ ବାଜି ଲଗାଏ ନାହିଁ। ଯାହା ରାଷ୍ଟ୍ରର ସ୍ୱାର୍ଥ ହାନୀ କରିବ, ତାହାକୁ କଦାପି ଗୁରୁତ୍ୱ ଦିଅନ୍ତି ନାହିଁ। ରାଷ୍ଟ୍ରର ସୁରକ୍ଷା ଏବଂ ବିକାଶ ଉପରେ ତାଙ୍କର ଧ୍ୟାନ ସର୍ବଦା କେନ୍ଦ୍ରୀଭୂତ ଥାଏ। ବିରୋଧୀ ଆସନରେ ବସି ଥିଲେ ମଧ୍ୟ ଜଣେ ରାଷ୍ଟ୍ରନେତା ସରକାରଙ୍କ ଭଲକାମକୁ କେବେ ତାରିଫ କରିବାରେ କୁଣ୍ଠାବୋଧ କରନ୍ତି ନାହିଁ। ବିଶ୍ୱ ଦରବାରରେ ଭାରତର ସମ୍ମାନ ଯେପରି ହାନି ନହେବ ସେଥିପ୍ରତି ସେମାନେ ସର୍ବଦା ସଚେତନ ଥାଆନ୍ତି। ସେଥିପାଇଁ ପି ଭି ନରସିଂହ ରାଓ ପ୍ରଧାନମନ୍ତ୍ରୀ ଥିବା ବେଳେ ଅଟଳ ବିହାରୀ ବାଜପେୟୀଙ୍କୁ ଜାତିସଂଘରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ପଠାଇଥିଲେ ଏବଂ ଅଟଳ ବିହାରୀଙ୍କ ଅକାଟ୍ୟ ଯୁକ୍ତି ଆଗରେ ପାକିସ୍ତାନ ହାର ମାନିଥିଲା। ୧୯୭୧ରେ ଯେତେବେଳେ ଇନ୍ଦିରା ଗାନ୍ଧିଙ୍କ ଦୃଢ଼ ନେତୃତ୍ୱ ବଳରେ ଭାରତୀୟ ସେନା ପାକିସ୍ତାନକୁ ସମ୍ମୁଖ ଯୁଦ୍ଧରେ ପରାଜିତ କଲା ସେତେବେଳେ ବାଜପେୟୀ ବିରୋଧୀ ଆସନରେ ବସିଥିଲେ ମଧ୍ୟ ଇନ୍ଦିରାଙ୍କୁ ମା' ଦୁର୍ଗାଙ୍କ ସହ ତୁଳନା କରିଥିଲେ। ଏହା ହିଁ ତାଙ୍କର ମହାନତାକୁ ପ୍ରମାଣିତ କରୁଛି। ଜଣେ ରାଷ୍ଟ୍ରନେତାଙ୍କ ପାଖରେ ସଂକୀର୍ଣ୍ଣ ଚିନ୍ତାଧାରା ଦେଖିବାକୁ ମିଳିନଥାଏ। ଏଭଳି ଜଣେ ବ୍ୟକ୍ତି ହିଁ ଦେଶର ପ୍ରଧାନମନ୍ତ୍ରୀ ହେବାକୁ ଯୋଗ୍ୟ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଭାରତରେ ଏବେ ଏଭଳି ବ୍ୟକ୍ତି କାଁ ଭାଁ ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ରାଷ୍ଟ୍ରନେତା। କିନ୍ତୁ ବିରୋଧୀ ଦଳରେ ପ୍ରଧାନମନ୍ତ୍ରୀ ପଦ ପାଇଁ ଆଶାୟୀଙ୍କ ମଧ୍ୟରେ ଏଭଳି କେହି ବ୍ୟକ୍ତିତ୍ୱ ଦେଖିବାକୁ ମିଳୁ ନାହାଁନ୍ତି ଯିଏ ରାଷ୍ଟ୍ରୀୟ ସମ୍ମାନ ଏବଂ ସ୍ୱାର୍ଥକୁ ପ୍ରାଥମିକତା ଦେଉଥିବ। ସରକାରଙ୍କୁ ସମାଲୋଚନା କରିବାର ଅଧିକାର ବିରୋଧୀ ଦଳର ରହିଛି। କିନ୍ତୁ ସରକାରଙ୍କୁ ସମାଲୋଚନା କରି ବିଦେଶରେ, ବିଶ୍ୱ ଦରବାରରେ ଭାରତର ସମ୍ମାନହାନୀ କଦାପି ସ୍ୱାଗତଯୋଗ୍ୟ ନୁହେଁ। ଏହା ନିନ୍ଦନୀୟ ଏବଂ ଏକ ଅପରାଧ। ନିକଟରେ ଆମେରିକା ଗସ୍ତରେ ଯାଇଥିବା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ସେଠାରେ ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରତି ଯେପରି କଟୁ, ଅଶାଳୀନ ଶବ୍ଦ ପ୍ରୟୋଗ କରିଛନ୍ତି ତାହା କଦାପି ଗ୍ରହଣୀୟ ନୁହେଁ। ଅତୀତରେ ମଧ୍ୟ ସେ ଅନେକ ଥର ବିଦେଶ ମାଟିରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଅସମ୍ମାନୀତ କରିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ଜଣେ ବ୍ୟକ୍ତି ନୁହଁନ୍ତି। ସେ ହେଉଛନ୍ତି ଦେଶର ନେତା। ଦେଶବାସୀ ତାଙ୍କୁ ଏଥିପାଇଁ ଉପଯୁକ୍ତ ମନେ କରି ଚୟନ କରିଛନ୍ତି। ବିଦେଶ ମାଟିରେ ତାଙ୍କୁ ସମାଲୋଚନା କରିବା ଅର୍ଥ ନିଜ ମାତୃଭୂମିକୁ ନିନ୍ଦା କରିବା।

# ଜୈବିକ ଖତ ଓ ସଞ୍ଚିତ ବିହନ

"

ଏବେ ଏମିତି ଦୁଃସ୍ଥିତି ଯେପରି ନଆସେ ସେ ଦିଗରେ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ଏହାର ଏକ ନମୁନା ଭାବେ ସାଲବାର୍ଡ଼ ବିହନ ବ୍ୟାଙ୍କକୁ ନିଆଯାଇପାରିବ। ଏହା ଏକ ଅନନ୍ୟ ଜମାଖାନା। ଯେଉଁଥିରେ ଶହ ଶହ ପ୍ରକାର କିସମର ବିହନ ଗଚ୍ଛିତ ରଖାଯାଇଛି। ଏହି ବ୍ୟାଙ୍କଟି ଆଣ୍ଟାର୍କଟିକା ଅଞ୍ଚଳରେ ସ୍ଥାପିତ କରାଯାଇଛି। ଏହାର ମିଶନ ହେଲା ଉଦ୍ଭିଦଜଗତର ବୈଚିତ୍ର୍ୟକୁ ଶତାବ୍ଦୀ ଶତାବ୍ଦୀ ଲାଗି ସୁରକ୍ଷିତ ରଖିବା। ଆଜିକାଲି ଘରେ ଯେତେବେଳେ ଆମର ଜେଜେମା ଜେଜେବାପାଙ୍କ ଭଳି ବୟସ୍କ ବ୍ୟକ୍ତିମାନେ ସୁପରମାର୍କେଟରୁ କିଣାଯାଇଥିବା ଫଳ ଖାଉଛନ୍ତି ନକାରାତ୍ମକ ମନ୍ତବ୍ୟ ଦେଉଥିବା ଲକ୍ଷ୍ୟ କରାଯାଏ।

**॥ ବିପିନ ବିହାରୀ ରାଉତ ॥**

ରାଜ୍ୟକୁ ରାସାୟନିକ ସାର ଯୋଗାଣ ପର୍ଯ୍ୟାପ୍ତ ହେଉ ନଥିବାରୁ ବ୍ୟବହାର କମିବାରେ ଲାଗିଲାଣି। ଗତ ତିନି ବର୍ଷ ମଧ୍ୟରେ ପ୍ରାୟ ୧ ଲକ୍ଷ ମେଟ୍ରିକ ଟନ୍ ସାର ବ୍ୟବହାର ହ୍ରାସ ପାଇଥିବା ଜଣାଯାଇଛି। ସାର ପାଇଁ ରାଜ୍ୟରେ କୃଷି ଉତ୍ପାଦନ କେତେକାଂଶରେ ପ୍ରଭାବିତ ହେଉଛି। ଏପରି ସ୍ଥିତିରେ ରାଜ୍ୟ ସରକାର ଜୈବିକ ଖତ ପ୍ରୟୋଗକୁ ଅଧିକ ପ୍ରୋତ୍ସାହିତ କରିବା ଦରକାର। ସାର ଚାହିଦାକୁ ମେଣ୍ଟାଇବା ସକାଶେ ଜୈବିକ ଖତ ପ୍ରସ୍ତୁତି ଓ ଯୋଗାଣକୁ ବ୍ୟବସ୍ଥିତ କରାଯାଇ ପାରିଲେ କୃଷି ଉତ୍ପାଦନର ଅଭାବକୁ ପୂରଣ କରାଯାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ମିଳିଥିବା ସୂଚନା ଅନୁଯାୟୀ ୨୦୧୯-୨୦ବର୍ଷରେ ଓଡ଼ିଶାର ଚାଷୀମାନେ ୧୧,୫୨,୯୫୭ ମେଟ୍ରିକ ଟନ୍ ସାର ବ୍ୟବହାର କରିଥିବା ବେଳେ ୨୦୨୦-୨୧ବର୍ଷରେ ଏହା ୧୧,୨୯,୦୫୯ ମେଟ୍ରିକ ଟନ୍‌କୁ ହ୍ରାସ ପାଇଥିଲା। ତେବେ ୨୦୨୧-୨୨ ଫେବୃଆରୀ ଶେଷ ସୁଦ୍ଧା ଏହି ପରିମାଣ ୧୦ଲକ୍ଷ ୭୮ ହଜାର ମେଟ୍ରିକ ଟନ୍‌ରୁ ସାମାନ୍ୟ ଅଧିକ ରହିଥିଲା। କୃଷିଜାତ ଦ୍ରବ୍ୟ ଉତ୍ପାଦନରେ ଆଗୁଆ ଥିବା ରାଜ୍ୟ ଗୁଡ଼ିକ ତୁଳନାରେ ଓଡ଼ିଶାରେ କମ ରାସାୟନିକ ସାର ବ୍ୟବହାର ହେଉଛି। ଓଡ଼ିଶାରେ ଆଶାନୁରୂପ ଜୈବିକ ସାର ବ୍ୟବହାର ହୋଇପାରୁନାହିଁ। ୨୦୧୯-୨୦ ବର୍ଷରେ ରାସାୟନିକ ସାର ତୁଳନାରେ ରାଜ୍ୟରେ ମାତ୍ର ୦.୧୮ ପ୍ରତିଶତ ଜୈବିକ ସାର ବ୍ୟବହାର ହୋଇଥିଲା। ଏଥିରେ ୯୯୫ ମେଟ୍ରିକ ଟନ୍ କଠିନଗୁଣ୍ଡ ଜୈବିକ ସାର ଓ ୧,୧୩୮ କିଲୋଲିଟର ତରଳ ଜୈବିକ ସାରା ଥିଲା। ସେହିଭଳି ୨୦୨୦-୨୧ ବର୍ଷରେ ଉଭୟ କଠିନ ଓ ତରଳ ଜୈବିକ ସାର ବ୍ୟବହାରର ପରିମାଣ ଯଥାକ୍ରମେ ୯୭୫ ଟନ୍ ଓ ୧୭୧୯ କିଲୋଲିଟର ଥିଲା। ଏହା ରାସାୟନିକ ସାର ତୁଳନାରେ ମାତ୍ର ୦.୨୪ ପ୍ରତିଶତ ରହିଥିଲା। ୨୦୨୧-୨୨ ବର୍ଷରେ ଯଦିଓ କଠିନ ଓ ତରଳ ଜୈବିକ ସାର ବ୍ୟବହାର ପରିମାଣ ବୃଦ୍ଧିପାଇ ଯଥାକ୍ରମେ ୧୪୦୪ ଟନ୍ ଓ ୫୮୯୮ କିଲୋଲିଟରରେ ପହଞ୍ଚିଛି, ତାହା ରାସାୟନିକ ସାର ତୁଳନାରେ ମାତ୍ର ୧ ପ୍ରତିଶତ। ମାଟି ଏକ ସଜୀବ ପଦାର୍ଥ। ଏହାର ପୂର୍ଣ୍ଣ ଉର୍ବରତା ପାଇଁ ଯବକ୍ଷାରଜାନ, ଫସ୍‌ଫରସ, କ୍ୟାଲସିୟମ, ସଲ୍‌ଫର, ଲୌହ, ମାଙ୍ଗାନିଜ, ଜିଙ୍କ, ଗନ୍ଧକ, କପର, ମିଲିମିନିୟମ, କ୍ଲୋରିନର ଆବଶ୍ୟକତା ରହିଛି। ଗଛ ପାଇଁ ଏସବୁ ନିହାତି ଆବଶ୍ୟକ। ପୂର୍ଣ୍ଣ ପୌଷ୍ଟିକତା ଥିବା ମାଟିରୁ ଉତ୍ପାଦିତ ଶସ୍ୟ ଶରୀରର ସମସ୍ତ ଆବଶ୍ୟକତା ମେଣ୍ଟାଇଥାଏ। ପୂର୍ବକାଳରେ ଏସବୁ ଗୋବର ଖତ, ଧନିଚା ଚାଷ ଓ ଅନ୍ୟାନ୍ୟ ଜୈବିକ କତରୁ ମିଳିପାରୁ ଥିଲା। ସବୁଜ ବିପ୍ଳବ ଆରମ୍ଭ ହେବା ପରଠାରୁ ଆର୍ଥାତ୍ ୮୦ ଦଶକରୁ ଅଧିକ ଉତ୍ପାଦନ ପାଇଁ ଜମିବାଡିରେ ପ୍ରଚୁର ମାତ୍ରାରେ ରାସାୟନିକ ସାର ପ୍ରୟୋଗ ଚାଲିଛି। ଏହାର ଭୟାନକ ପ୍ରଭାବ ଏବେ ମାନବ ସ୍ୱାସ୍ଥ୍ୟ ଉପରେ ପଡ଼ିଲାଣି।

ମଣିଷର ତ୍ରୁଟିପୂର୍ଣ୍ଣ କ୍ରିୟାକଳାପ ପ୍ରଭାବରେ ପରିବେଶ ପରିବର୍ତ୍ତିତ ହେଉଛି। ପ୍ରକୃତି ନିର୍ଯାତିତ ହେଉଛି। ଅନେକ ପ୍ରକାର ଜୀବଜନ୍ତୁ, ବୃକ୍ଷଲତା ଲୋପ ପାଇଗଲେଣି। ପୁଣି ଅନେକେ ଲୋପପ୍ରାୟ। ଶହ ଶହ ପ୍ରକାରର ଗଛଲତାକୁ ନେଇ ଏହି ସୁନ୍ଦର ପୃଥିବୀରେ ହୁଏତ ଦିନ ଆସିବ କେବଳ ନିର୍ଦ୍ଦିଷ୍ଟ କେତେ ପ୍ରକାର ଖାଦ୍ୟଶସ୍ୟ, ଫଳମୂଳ ମିଳୁଥିବ। ଆମେ ମଣିଷ ସେଇଆକୁ ଖାଇ ଖାଇ ବିରକ୍ତ ବିବ୍ରତ ହୋଇପଡ଼ିବା। ହୁଏତ ସେସବୁ ଆମର ସ୍ୱାସ୍ଥ୍ୟକୁ ମଧ୍ୟ ବିଗାଡ଼ିଦେବ। ଏଥିଯୋଗୁଁ ଆଗକୁ ବିବିଧତାଭାର ପୃଥିବୀର ଇକୋସିଷ୍ଟମ ସମ୍ପୂର୍ଣ୍ଣ ଭୁଶୁଡ଼ି ଯିବା ସହିତ ପୃଥିବୀ ଜୀବଜଗତ ପାଇଁ ବାସୋପଯୋଗୀ ହୋଇ ରହିନପାରେ। ଏହି ଚିନ୍ତା ପରିବେଶପ୍ରେମୀ, ବୈଜ୍ଞାନିକ, ବୁଦ୍ଧିଜୀବୀମାନଙ୍କୁ ବ୍ୟଥିତ କରୁଛି। ଏପରିକି ଜୀବଜଗତର ସତ୍ତା ରହିବ କି ନା ତାହା ନେଇ ପ୍ରଶ୍ନ ଉଠିଲାଣି।

ଏବେ ଏମିତି ଦୁଃସ୍ଥିତି ଯେପରି ନଆସେ ସେ ଦିଗରେ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ଏହାର ଏକ ନମୁନା ଭାବେ ସାଲବାର୍ଡ଼ ବିହନ ବ୍ୟାଙ୍କକୁ ନିଆଯାଇପାରିବ। ଏହା ଏକ ଅନନ୍ୟ ଜମାଖାନା। ଯେଉଁଥିରେ ଶହ ଶହ ପ୍ରକାର କିସମର ବିହନ ଗଚ୍ଛିତ ରଖାଯାଇଛି। ଏହି ବ୍ୟାଙ୍କଟି ଆଣ୍ଟାର୍କଟିକା ଅଞ୍ଚଳରେ ସ୍ଥାପିତ କରାଯାଇଛି। ଏହାର ମିଶନ ହେଲା ଉଦ୍ଭିଦଜଗତର ବୈଚିତ୍ର୍ୟକୁ ଶତାବ୍ଦୀ ଶତାବ୍ଦୀ ଲାଗି ସୁରକ୍ଷିତ ରଖିବା। ଆଜିକାଲି ଘରେ ଯେତେବେଳେ ଆମର ଜେଜେମା ଜେଜେବାପାଙ୍କ ଭଳି ବୟସ୍କ ବ୍ୟକ୍ତିମାନେ ସୁପରମାର୍କେଟରୁ କିଣାଯାଇଥିବା ଫଳ ଖାଉଛନ୍ତି ନକାରାତ୍ମକ ମନ୍ତବ୍ୟ ଦେଉଥିବା ଲକ୍ଷ୍ୟ କରାଯାଏ। ଯେପରି କଦଳୀ ଆଉ ଆଗ ପରି ଭଲ ଲାଗୁନାହିଁ। ତେବେ ସେମାନଙ୍କର ଏହି ମନ୍ତବ୍ୟ ଅବାନ୍ତର ନୁହେଁ। କାରଣ ପ୍ରକୃତ ପକ୍ଷେ ଫଳମୂଳ ଗୁଡ଼ିକର ସ୍ୱାଦ, ପ୍ରକାର ଭେଦ, ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। କାରଣ ଆଜିକାଲି ଯେଉଁ ଫଳ ପନିପରିବା ଖାଦ୍ୟଶସ୍ୟ ଆସୁଛି, ସେ ସବୁ ବିଭିନ୍ନ ପ୍ରକାର କଲଟିଭାରରୁ ଜାତ। କଲଟିଭାର ଆମେ ସେଇଆକୁ କହିବା ଯାହାକୁ ବୈଜ୍ଞାନିକ ଉପାୟରେ ବିକଶିତ ଆବଶ୍ୟକ ଗୁଣଥିବା ସ୍ୱତନ୍ତ୍ର ନାମଯୁକ୍ତ ଚାଷ ଉପଯୋଗୀ ଉଭିଦ। ଉଦାହରଣ ସ୍ୱରୂପ ବିଂଶ ଶତାବ୍ଦୀର ମଧ୍ୟଭାଗରେ ଗ୍ରସ ମିସେଲ ନାମକ ଏକ ପ୍ରକାର କଲଟିଭାର କଦଳୀ ବିଶ୍ୱ ଖାଉଟି ବଜାରରେ ସ୍ଥାନ ପାଇଥିଲା। ବିଶେଷକରି ଉତ୍ତର ଆମେରିକା ଏବଂ ଇଉରୋପୀୟ ରାଷ୍ଟ୍ରଗୁଡ଼ିକରେ ଗ୍ରସ ମିସେଲ ରାଜ ଚାଲିଲା। କିନ୍ତୁ ଏହି କଦଳୀ ଚାଷ ୧୯୫୦ ବେଳକୁ ପ୍ରାୟ ଲୋପ ପାଇଯାଇଥିଲା। ଏହାର କାରଣ ଥିଲା ପାନାମା ଡିଜିଜ୍ ନାମରେ କୁଖ୍ୟାତ ଫଙ୍ଗସ୍ ବା ଫିମ୍ପି ସଂକ୍ରମଣର ଶିକାର ହେଲା ଗ୍ରସ୍ ମିସେଲ୍। ଏହି ଫିମ୍ପି ଗଛର ମୂଳକୁ ସଂକ୍ରମଣ କରିବା ଦ୍ୱାରା ତାହା ନଷ୍ଟ ହୋଇଯାଉଥିଲା। ଗ୍ରସ୍ ମିସେଲ୍ ଧ୍ୱଂସମୁଖରେ ପଡ଼ିବା ସହିତ ତା ସ୍ଥାନ ନେଲା କାଭେଣ୍ଡିସ୍ କଲଟିଭାର୍। ଏହି କଦଳୀ ଗ୍ରସ୍ ଠାରୁ ଅଧିକ ରୋଗ ପ୍ରତିରୋଧକ୍ଷମ ହୋଇଥିଲେ ହେଁ ସ୍ୱାଦରେ ନ୍ୟୂନ। ଜନସଂଖ୍ୟା ବୃଦ୍ଧି ସହିତ ଖାଦ୍ୟର ଆବଶ୍ୟକତା ବଢ଼ି ଚାଲିଛି। ଏଣୁ ଆଧୁନିକ କୃଷି ବିଜ୍ଞାନୀମାନେ ଏବେ ସର୍ବାଧିକ ଉତ୍ପାଦନକ୍ଷମ ଫସଲ ଉପରେ ସବୁଠୁ ଜୋର ଦେଉଛନ୍ତି। ଏହାଦ୍ୱାରା ଆର୍ଥିକ ଲାଭ ଅଧିକ ହେଉଥିବା ଦୃଷ୍ଟିରୁ କୃଷକ, ବ୍ୟବସାୟୀ, ଖାଉଟି ସମସ୍ତେ ଆପଣେଇ ନେଉଛନ୍ତି। ଏଣୁ କମ ସଂଖ୍ୟକ କଲିଭାର୍‌କୁ ବିଶ୍ୱବ୍ୟାପୀ ଚାଷ ପାଇଁ ପ୍ରଯତ୍ନ କରାଯାଉଛି। ବିଭିନ୍ନ କିସମର ସ୍ଥାନୀୟ ଅଞ୍ଚଳର ଫଳମୂଳ ବା ଖାଦ୍ୟଶସ୍ୟ ସ୍ଥାନ ଏମାନେ ମାଡ଼ିବସୁଛନ୍ତି। ତେବେ କଲ୍‌ଟିଭାର ଉପଯୋଗ ପଛରେ ଏକ ଭୟାନକ ବିପତ୍ତିର ସମ୍ଭାବନା ଦେଖାଦେଇଛି। ଯେହେତୁ କେତେକ ହାତଗଣତି କିସମର କଲ୍‌ଟିଭାରକୁ ବିଶ୍ୱବ୍ୟାପୀ ଚାଷ ଲାଗି ଚୟନ କରାଯାଉଛି ସେଥିପାଇଁ ପ୍ରତ୍ୟେକ ଅମଳକ୍ଷମ ଫସଲ ମନୋନୀତ କଲ୍‌ଟିଭାରର କ୍ଲୋନ। ଏହାଦ୍ୱାରା ଉଭିଦଜଗତରେ ଜିନଗତ ବିସମତା କମି ଯାଉଛି। ଯଦ୍ୱାରା କେବେ ଯଦି କୌଣସି ସଂକ୍ରାମକ ଫିମ୍ପି ରୋଗ ନୂଆ ରୂପରେ ଫସଲକୁ ଆକ୍ରମଣ କଲା, ତେବେ ସାରା ବିଶ୍ୱରୁ ସେହି ଫସଲ କିଛି ମାସ ମଧ୍ୟରେ ସମ୍ପୂର୍ଣ୍ଣ ଲୋପ ପାଇଯିବ। ଏପରି ଧ୍ୱଂସ ମୁଖରୁ କୃଷିକ୍ଷେତ୍ରକୁ ରକ୍ଷା କରିବା ଲାଗି ଆନ୍ତର୍ଜାତିକସ୍ତରୀୟ ଉଦ୍ୟମ ଜରିଆରେ ବିଶ୍ୱର ବିଭିନ୍ନ ସ୍ଥାନରେ ଗ୍ରୀନ୍ ଜିନ୍ ବ୍ୟାଙ୍କ ପ୍ରତିଷ୍ଠା କରାଯାଇଛି। ଯେଉଁସବୁଥିରେ ବିଭିନ୍ନ କିସମର ଉଭିଦ ଚାଷଯୋଗ୍ୟର ଜିନ ନମୁନା ସଂରକ୍ଷିତ ରଖାଯାଇଛି। ତେବେ ପ୍ରଖ୍ୟାତ୍ ସାଲ୍‌ବାର୍ଡ଼ ସିଡ ବ୍ୟାଙ୍କର ବିଶେଷତ୍ୱ ହେଲା ଏହା ଆମର ରିଜର୍ଭ ବ୍ୟାଙ୍କ ପରି କାମ କରେ। ଏହି ବ୍ୟାଙ୍କରେ କୃଷିଜାତ ଫସଲର ୧.୫ ନିୟୁତ ପ୍ରକାର ବିହନ ନମୁନା ସଂରକ୍ଷିତ କରାଯାଇପାରିଛି। ବ୍ୟାଙ୍କର କ୍ଷମତା ଅନୁଯାୟୀ ୪.୫ ନିୟୁତ ପ୍ରକାର ମଞ୍ଜି ବା ବିହନ ସଂରକ୍ଷିତ ରହିପାରିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ବିଶ୍ୱ ସାରା ଗ୍ରୀନ୍ ବ୍ୟାଙ୍କରେ ସଂଚିତ ମଞ୍ଜିର ଡୁପ୍ଲିକେଟ୍‌କୁ ସାଲବାର୍ଡ଼ ବ୍ୟାଙ୍କରେ ରଖାଯାଇଛି। ସୁନା ଯେପରି ବ୍ୟାଙ୍କରେ ସଂରକ୍ଷିତ ରଖାଯାଏ ସେହିପରି, ଏହି ବ୍ୟାଙ୍କରେ ଜମାକାରୀ ମାନଙ୍କୁ ବ୍ୟକ୍ତିଗତ ବାକ୍ସ ଯୋଗାଇ ଦିଆଯାଇଛି। ସେମାନେ ଏହି ବାକ୍ସରେ ନିଜ ନିଜର ସ୍ୱତନ୍ତ୍ର କିସମର ବିହନ ସଂଚୟ କରିବେ ଏବଂ ଏହାର ପରିଚାଳନା ମଧ୍ୟ ନିଜେ କରିବେ। ବ୍ୟାଙ୍କରେ ପଇସା ପଡ଼େନାହିଁ। ଏଥିରେ ସଂଚିତ ବିହନରୁ ଏବେ ଠାରୁ ୨୦ ହଜାର ବର୍ଷ ମଧ୍ୟରେ ଯେକୌଣସି ସ୍ଥାନରେ ଫସଲ ଉତ୍ପାଦନ କରାଯାଇପାରିବ। ଆମେ ହାତପାହାନ୍ତାରେ ଜୈବିକ ଖତ ସୃଷ୍ଟି କରିପାରିବା। ଘରେ ବ୍ୟବହାର ପରେ ପନିପରିବା ବା ଫଳଚୋପା, ଠାକୁରଙ୍କ ପୂଜାଫୁଲ ଏପରିକି ଅଇଁଠା ଖାଦ୍ୟପଦାର୍ଥ ମଧ୍ୟ ଜୈବିକ ଖତରେ ପରିଣତ ହୋଇପାରିବ ଏ ନେଇ ସରକାରଙ୍କ ପକ୍ଷରୁ ସହାୟତା ବ୍ୟବସ୍ଥା ମଧ୍ୟ ରହିଛି। ଏ ନେଇ ଆମ୍ଭ ମାନଙ୍କ ଭିତରେ ଆନ୍ତରିକତା ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩

# ଭଗବାନ ପର୍ଶୁରାମ ପ୍ରକଟିତ ହୁଅନ୍ତୁ

**॥ ଗୋପାଳ ମହାପାତ୍ର ॥**

ସପ୍ତଚୀରଂଜିତ ତାଲିକାରେ ପର୍ଶୁରାମଙ୍କ ନାମ ରହିଛି ସେ କିନ୍ତୁ ଜଣେ ବିଷ୍ଣୁଙ୍କର ଜଣେ ଅବତାର। ସେ ବ୍ରାହ୍ମଣ କୁଳରେ ଜନ୍ମ ହୋଇ କ୍ଷତ୍ରୀୟ ସଂହାରକୁ ବାହାରି ୨୧ଥର ଭୂମିରେ ତତ୍କାଳ ରାଜାଶକ୍ତି ମାନଙ୍କୁ ନିଷ୍କ୍ରିୟ କରିଥିଲେ। ଯେଉଁ ଭୂମିକୁ ସେ କ୍ଷତ୍ରୀୟ ରାଜଶକ୍ତିକୁ ଫାର୍ଶା ଦ୍ୱାରା ହାନି କରୁଥିଲେ ସେ ସ୍ଥାନକୁ ଦିବ୍ୟ ବ୍ରାହ୍ମଣ କଶ୍ୟପଙ୍କୁ ଦାନ କରୁଥିଲେ। ପର୍ଶୁରାମଙ୍କ ହାତରେ ଥିବା ଦିବ୍ୟ ପରଶୁ (ଫାର୍ସା) ଧ୍ୱଂସର ଅଧିକାରୀ ଦେବତା ରୁଦ୍ରଙ୍କୁ ଶାନ୍ତି କରି ପ୍ରାପ୍ତ ହୋଇଥିଲେ। ଫାର୍ସାର ଅନ୍ୟ ନାମ ଟଙ୍କ ଆମ ଓଡ଼ିଶାରେ ଏକାମ୍ରକାନନ ଭୂବନେଶ୍ୱରରେ ଅଛି ଟଙ୍କପାଣି ରୋଡ଼। ଏହି ଏକାମ୍ରବନ ପ୍ରଭୁ ତ୍ରିଭୁବନେଶ୍ୱର ଲିଙ୍ଗରାଜ କ୍ଷେତ୍ର। ହୁଏତ ଏହି ତ୍ରିଭୁବନେଶ୍ୱର ଏଇଠାରେ ତପସ୍ୟାରେ ପର୍ଶୁରାମ ଠାରେ ସନ୍ତୋଷ ହୋଇ ଏଇ ଟଙ୍କ ତାଙ୍କୁ ପ୍ରଦାନ କରିଥିଲେ। ଧ୍ୱଂସକାରୀ ଦେବତାଙ୍କର ଶକ୍ତି ଏହି ଟଙ୍କ ଫାର୍ସାରେ ନିହିତ ଥିବାରୁ ଅନ୍ୟାୟ ଅନିତିର ଶସନର ସେ ଅବସାନ ପାଇଁ ଯୁକ୍ତିଯୁକ୍ତ ପାତ୍ର ପର୍ଶୁରାମଙ୍କୁ ତ୍ରିଭୁବନେଶ୍ୱର ରୁଦ୍ର ପ୍ରଦାନ କରିଥିଲେ।

ଦିବ୍ୟଯଜ୍ଞର ଚରୁ ବଦଳରୁ ଏକ ବିଚିତ୍ର ସ୍ତର ଦୁଇ ମାଆଙ୍କ ଠାରୁ ଦୁଇ ସନ୍ତାନ ଜନ୍ମ ଲାଭ କରିଥିଲେ। ବ୍ରାହ୍ମଣ ପାଇଁ ଉଦ୍ଦିଷ୍ଟ ଚରୁ କ୍ଷତ୍ରୀୟ ନାରୀ ଭକ୍ଷଣ କରିଥିଲେ ଯାହା ବିଶ୍ୱାମିତ୍ରଙ୍କ ଜନ୍ମର କାରଣ ଆଉ କ୍ଷତ୍ରୀୟ ଉଦ୍ଦିଷ୍ଟ ଚରୁ ବ୍ରାହ୍ମଣ ପତ୍ନୀ ଖାଇ ଗର୍ଭବତୀ ହୋଇ ପର୍ଶୁରାମ ଜନ୍ମ ନେଇଥିଲେ ପରେ ବିଶ୍ୱାମିତ୍ର କ୍ଷତ୍ରୀୟ ଘରେ ଜନ୍ମ ହେଲେ। ପର୍ଶୁରାମ ତାଙ୍କ ଜୀବନ କାଳରେ ରାଜ ଅନ୍ୟାୟ ସହ୍ୟ କରିବାରେ ନଥିଲେ ଦେଶରେ ଅନେକ ଆଞ୍ଚଳିକ ଦେଶୀୟ ରାଜା ତତ୍କାଳ ଶାସନ କ୍ଷେତ୍ରରେ ଥିଲେ ଏମାନେ ମନୋଜ୍ଞ ଶାସନ ଚଳାଇ କେବଳ ନିଜକୁ ଭଲରେ ରଖିବା ପାଇଁ ପ୍ରଜାଙ୍କର ଦୁଃଖ ନବୁଝି ଅନ୍ୟାୟ କର ବସାଇ ପିଟୁଣୀଟାକ୍ସ ଆଦାୟ କରିବା ପାଇଁ ଅକଥନୀୟ ଅତ୍ୟାଚାର କରୁଥିଲେ। ରାଜଶକ୍ତି ଆଗରେ ପ୍ରଜାମାନେ ତ୍ରାହି ତ୍ରାହି ଡାକୁଥିଲେ। ପର୍ଶୁରାମ ଫାର୍ସ ଉଠାଇ ରାଜ ସଂହାରରେ ମନ ଦେଲେ ଏପରି ବଂଶାନୁକ୍ରମିକ ରାଜ ଶାସନକୁ ମଧ୍ୟ ଉତ୍ପାଟନ ନିଜକୁ କ୍ଷତ୍ରୀୟର ଉଦ୍ଧାରଣ କରିଚାଲିଥିଲେ। ହାତରେ ଅସ୍ତ୍ରଧରି ନିରୀହ ପ୍ରଜାଙ୍କୁ ହତ୍ୟା ଅକାରଣରେ ଛୋଟ ଛୋଟ ରାଜ ବିରୁଦ୍ଧ ଆଚରଣରେ ଗୁରୁତର ଦଣ୍ଡବିଧାନ କରିବା ଚାଲିଥିଲା। ରାଜାକୁ ମାରିଦେଲେ ରାଜ ସଂହାର କଲେ ରାଜାର ସୈନ୍ୟବଳ ହାନି କରିଦେଲେ ଯେ ପ୍ରଜା ଏ ଖୁସିରେ ରହିବେ ଏକଥା ତାଙ୍କୁ ଜଣା ପଡ଼ିବାରୁ ପର୍ଶୁରାମ ଖୋଜି ଖୋଜି ଦୁଷ୍ଟ ରାଜାଙ୍କ ପରିଚୟରେ ନିପାତ କରିଦେଲେ। ନିୟମ ରହିଛି ଯେ ରାଜାକୁ ପରାସ୍ତ ବା ଅନ୍ତ କରିବ ସେ ରାଜ୍ୟର ଅଧିକାରୀ ହେବ, ସେ ଯଦି ଚାହେଁ ତେବେ ରାଜ୍ୟଭାର ଅନ୍ୟକୁ ଅର୍ପଣ କରିପାରନ୍ତି। ଏଡା ଯୋଗ୍ୟକୁ ଅର୍ପଣ କରିବା ଚିନ୍ତନରେ କଶ୍ୟପ ଋଷିଙ୍କୁ ବାଛି ଦାନସୂତ୍ରରେ ବିଜୟ ଭୂମିକୁ ଦେଇଥିଲେ। ଏମିତି ୨୧ଥର ସେ ରାଜା ଖୋଜି ଖୋଜି ଯୁଦ୍ଧ ପାଇଁ ଆହ୍ୱାନ ଦେଇ ତାଙ୍କର ଅବସାନ ଘଟାଇ ଚାଲିଥିଲେ।

ରାଜାମାନେ ଜାଣିଲେ ପର୍ଶୁରାମଙ୍କ ମୁକାବିଲା ଅସମ୍ଭବ। ଅନେକ ତାଙ୍କର ଦେହଛପା ଦେଲେ, ଅନେକ ତାଙ୍କର ପୁତ୍ର ମାନଙ୍କୁ ଲୁଚାଇ ଦେଲେ ବିଶ୍ୱସ୍ତ ଘରେ ଛାଡ଼ି ଦେଲେ, ଋଷି ଆଶ୍ରମରେ ପିଲାଙ୍କୁ ଚାଲିଲେ ଏମିତି ଯୁଦ୍ଧ ଆହ୍ୱାନ ବେଳେ ଦଶରଥ ଭୀତ ହୋଇ ରାଣୀହଂସପୁର ଦେଇ ଚାଲିଗଲେ ସେ ଆତ୍ମ ପ୍ରକାଶ କରୁଥିଲେ ଯୁଦ୍ଧବାତିରଙ୍କୁ ପର୍ଶୁରାମ କ୍ଷତ୍ରୀୟ ବୋଲି ଛାଡ଼ି ଚାଲିଯାଉଥିଲେ। କ୍ଷତ୍ରୀୟ ଯୁଦ୍ଧରେ ପ୍ରାଣ ଗଲେବି ଯୁଦ୍ଧକୁ ଡରେ ନାହିଁ। କ୍ଷତ୍ରୀୟ ଦୁର୍ବଳକୁ ରକ୍ଷା ପାଇଁ ଅସ୍ତ୍ର ଉଠାନ୍ତି ସିନା ବୃଥା ରକ୍ତପାତକୁ ଅସ୍ତ୍ର କେବେ ଉଠାନ୍ତି ନାହିଁ। ପ୍ରଜା ରକ୍ଷଣ ରାଜଧର୍ମ। ଏଇ ରାଜଧର୍ମ ହାନିର ପରିସ୍ଥିତି ପାଇଁ ପର୍ଶୁରାମ ଅବତାର ଉଦ୍ଦିଷ୍ଟ। ଶିବ ଉପାସକ ପର୍ଶୁରାମଙ୍କ ଚିନ୍ତନରେ ରାଜଧର୍ମା ରକ୍ଷା ହିଁ ରାଜାଙ୍କର ମୂଳ କର୍ତ୍ତବ୍ୟ। ରାଜଧର୍ମ ସେତେବେଳେ ତଚ୍ଛନ୍ନ ସର୍ବତ୍ର ହେଉଥିଲା। ପ୍ରଜାନୁରଂଜକ ଶ୍ରୀରାମଙ୍କ ସହିତ ତାଙ୍କର ମୁକାବିଲା ସୀତା ବିବାହ ପର୍ବ ପରେ ପରେ ଶ୍ରୀରାମ ଲକ୍ଷ୍ମଣଙ୍କ ସହ ହୋଇଥିଲା। ଲକ୍ଷ୍ମଣଙ୍କ ସହିତ ଗୁରୁତର ବାକ ବିତଣ୍ଡା ହେବାପରେ ପରୀକ୍ଷାରେ ଶ୍ରୀରାମ ଏପରି ଉତ୍ତର ଦେଲେ ଯାହା ପର୍ଶୁରାମ ଅବତାର କର୍ତ୍ତବ୍ୟ ସରିଛି ଏପରି ଭାବି ସେ ତତ ସମୟରୁ ମହେନ୍ଦ୍ର ପର୍ବତକୁ ତପସ୍ୟାକୁ ଚାଲିଗଲେ। ପର୍ଶୁରାମ ଶିବଙ୍କ କର ଓ ନିଜର ଘୋର ଇଚ୍ଛାଶକ୍ତିରେ ମୁକାବିଲା କରିବା ସେ କ୍ଷତ୍ରୀୟ ସଂହାର ଇତି କରିବା ସହିତ ତାଙ୍କର ଦୂରଗମନ ଶକ୍ତିଟିକୁ ସେ ଶ୍ରୀରାମଙ୍କ ଠାରୁ ମାଗି ନେଇଥିଲେ। ଦାନ ଭୂମିରେ ରାତ୍ରୀ ଯାପନ ମନା ଏଇ ନିୟମରେ ସେ ତଦାପ୍ରହାରୀ ଦୋଷରୁ ମୁକ୍ତ ପାଇଁ ଏହି ଦୂରଗମନ ବିଦ୍ୟା ଆବଶ୍ୟକ କରିଥିଲେ। ଏହାଥିଲା ତାଙ୍କର ନିତ୍ୟ ଦର୍ଶନରେ ଲାଗିବା ଏକ ବିଶେଷ ଅଂଶ। ଦିନରେ ମହେନ୍ଦ୍ରରେ ତପସ୍ୟା ଆଦିକର୍ମ, ରାତ୍ରୀରେ ସମୁଦ୍ରରେ ଶୟନ, ସମୁଦ୍ର କେଉଁ ରାଜାଙ୍କର ମାଲିକାନା ନୁହେଁ। ଦିନେ ରାଜା ପ୍ରତାପରୁଦ୍ର ଦେବ ଶ୍ରୀଜଗନ୍ନାଥ ଦାଶଙ୍କ ବିଷୟରେ ଏକ ଗୁଜବ ଶୁଣି ତାଙ୍କୁ ରାଜ୍ୟରେ ନରହିବା କହିଥିଲେ, ଅଭିମାନୀ ଶ୍ରୀଜଗନ୍ନାଥ ଦାଶ ପ୍ରଭୁଙ୍କୁ ଚନ୍ଦନ ସେବାକାରୀ, ସେ ରାଜଧାନୀ ପୁରୀରେ ସହରର ରାଜ ଅଧିକଅତ ଭୂମିରେ ନରହି ମହୋଦଧି କୂଳରେ ପହଞ୍ଚି ତାଙ୍କୁ ସମୁଦ୍ରଙ୍କୁ ନିବେଦନ କରିବାକୁ ପଡ଼ିଥିଲା। ତାଙ୍କର ପ୍ରାର୍ଥନାରେ ସମୁଦ୍ର ତଟରୁ ସାତଲହଡ଼ିର ସୀମା ଯାଏ ପଛକୁ ଘୁଞ୍ଚି ଯାଇଥିଲା। ସେହି ଭୂମିରେ ଦାଶ ମହାଶୟ ପରିତ୍ୟକ୍ତ ଅଭଡ଼ା କୁଡୁଆର ବାଇହାଣ୍ଡିକୁ ଖଞ୍ଜି ଏକ ପର୍ବତ ଗୁମ୍ଫାପରି କୁଟୀର ନିର୍ମାଣ କରି ବାସ କରିଥିଲେ। ଏ ଭୂମି ସାଗର ରାଜାଙ୍କର ଦଖଲରେ ଥିଲା, ଯାହା ପ୍ରତାପ ରୁଦ୍ରଙ୍କ ନଥିଲା। ଏପରି ପର୍ଶୁରାମ ସେହି ସାଗର ତଟରେ ହିଁ ସାଗର ଲହଡ଼ି ଘୁଞ୍ଚି ଯିବା ସ୍ଥାନରେ ପ୍ରତ୍ୟେକ ରାତ୍ରୀ ବାସ କରୁଥିଲେ। ଓ ପରଦିନ ମହେନ୍ଦ୍ର ପର୍ବତକୁ ଦିନରେ ମହେନ୍ଦ୍ର ପର୍ବତକୁ ଫେରି ଯାଉଥିଲେ। ତାହା ଏବେ ବି ଚାଲିଛି କାରଣ ସେ ଚୀରଂଜିବୀ ଅଛନ୍ତି।

ଜଳାଧାର ବଣ୍ଟନ ପ୍ରକ୍ରିୟା ଏବେ ବି ରାଜ କାନୁନରେ ଅଭଙ୍ଗ ରହିଛି। ଜଳଧାର ଅଭଙ୍ଗ ଭାବରେ ଭାଇ ଭାଗରେ ରହିଛି। ପୋଖରୀ, କୂପରେ ସବୁ ଭାଇ ଭଉଣୀଙ୍କ ସମାନ ଅଧିକାର ରହିଛି। ତେବେ ରାଜ୍ୟ ରାଜ୍ୟ ଦେଶ ଦେଶ ମଧ୍ୟରେ ଜଳ ବିବାଦକୁ ସାଗର ମହାସାଗର ଦୁଇ ଦେଶ ମଧ୍ୟରେ ବଣ୍ଟନରେ କଳିତର୍କ ଲାଗି ଚାଲିଛି। ଯାହା ପୂର୍ବେ ନଥିଲା କଳିତର୍କ ଯୁଦ୍ଧର ରୂପ ନେଇ ଯାଉଛି। ମାମଲା ଲାଗିରହି ଜଳ ଏକ ମହାଭାରତ ଓ ଅନ୍ୟ ଚାରି ଭୂତ ପରି ରହେ। ଅକାଶ, ଜଳ, ମାଟି ଏବେ ବି କଳିର ଉତ୍ସ। କେବଳ ପବନ, ନିଆଁ ବଣ୍ଟା ଯାଇପାରିନାହିଁ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ବିଜ୍ଞାନ ଅଭିଶାପ ନ ହେଉ

**॥ ଇଂ. ପ୍ରକାଶ ଚନ୍ଦ୍ର ଭୂୟାଁ ॥**

ମଣିଷ ଜୀବନକୁ ସରସ, ସୁନ୍ଦର ଏବଂ ଉପଭୋଗ୍ୟ କରାଉଛି ବିଜ୍ଞାନର ନୂଆ ନୂଆ ଉଦ୍ଭାବନ ଆଉ ଗବେଷଣା। ବିଜ୍ଞାନ ମଣିଷକୁ ଦେଉଛି ଅୟସ ଆରାମର ଜୀବନ। ଆପଣ ଆପଣଙ୍କ ଘର ଭିତରେ ଆଖି ବୁଲାଇ ଆଣନ୍ତୁ ଦେଖିପାରିବେ ବିଜ୍ଞାନ କ'ଣ ନଦେଇଛି। ଛାତକୁ ଅନାନ୍ତୁ ସେଠି ସିଲିଂ ଫ୍ୟାନ ଝୁଲୁଛି। କାନ୍ଥରେ ଲାଗିଛି ଏସି ଗ୍ରୀଷ୍ମର ଅତ୍ୟାଚାରରୁ ଆପଣଙ୍କୁ ରକ୍ଷା କରୁଛନ୍ତି ଏମାନେ। ଏସବୁ ବିଜ୍ଞାନ ଦାନ ନୁହେଁ? ରୋଷେଇ ଘରକୁ ଯାଆନ୍ତୁ ଗ୍ୟାସରେ ରୋଷେଇ ହେଉଛି। ମାଇକ୍ରୋଓଭେନରେ ଚଟାପଟ ଗରମ କରିହେଉଛି ଫ୍ରିଜର ଥଣ୍ଡା ଖାଦ୍ୟକୁ। ଫ୍ରିଜ ତଟକା ରଖୁଛି ପନିପରିବାକୁ। ମସଲା ବାଟି ଦେଉଛି ଗ୍ରାଇଣ୍ଡର, ଘର ଓଳାଇ ଦେଉଛି ଭ୍ୟାକୁମ କ୍ଲିନର, ଲୁଗା କାଚି ଦେଉଛି ଓ୍ୱାସିଂମେସିନ। ଟିଭି ଏବଂ ସ୍ମାର୍ଟଫୋନ ତ ଏବେ ମନୋରଞ୍ଜନର ଗନ୍ତାଘର। ସମ୍ପର୍କର ସେତୁ ମୋବାଇଲ। ଯିବା ଆସିବା ପାଇଁ ଶୀତତାପ ନିୟନ୍ତ୍ରିତ କାର ରହିଛି, ତେଣୁ ବିଜ୍ଞାନକୁ ପ୍ରଶଂସା ନକରିବାର ଉପାୟ ହିଁ ନାହିଁ। ତଥାପି ବେଳେ ବେଳେ ବିଜ୍ଞାନର ଉଦ୍ଭାବନକୁ ନିନ୍ଦିବାକୁ ବି ଇଚ୍ଛା ହେଉଛି। ବିଜ୍ଞାନ ଜୀବନକୁ ଦୁର୍ବିସହ କରିତୋଳୁଛି ଅନେକ ସମୟରେ।

ଅନଲାଇନ ଏବଂ କ୍ୟାସଲେସ ନେଣଦେଣ ସୁଯୋଗ ଦେଇଛି ବିଜ୍ଞାନ। ସହଜ ହୋଇଛି ବ୍ୟାଙ୍କିଙ୍ଗ ସେବା। ସେଇ ମାଧ୍ୟମ ପୁଣି ବେଳେ ବେଳେ କାଳ ସାଜୁଛି ଆମ ପାଇଁ। ଟିକେ ଅସାବଧାନ ହେଲେ ସାଇବର ଅପରାଧୀମାନେ ଖାଲି କରି ଦେଉଛନ୍ତି ବ୍ୟାଙ୍କ ଆକାଉଣ୍ଟ। ଏସି ଘରେ ସବୁବେଳେ ରହିବା ଫଳରେ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ଦେଖାଦେଉଛି ବୋଲି କହୁଛନ୍ତି ସ୍ୱାସ୍ଥ୍ୟ ବିଜ୍ଞାନୀମାନେ। ଶାରୀରିକ ଶ୍ରମର ଅଭାବରେ ଡାଏବେଟିସ ଭଳି ରୋଗ କବଳିତ କରୁଛି ମଣିଷଙ୍କୁ। ଏବେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଅପବ୍ୟହାର ଜୀବନକୁ ଆହୁରି ଦୁର୍ବିସହ କରିତୋଳିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତାର ଉଦ୍ଭାବନ ଏବଂ ଏହାର ଅପବ୍ୟବହାର ବିପଦ ସୃଷ୍ଟି କରିଛି। ଅନ୍ୟର ସ୍ୱରକୁ ଅବିକଳ ନକଲ କରାଯାଇପାରୁଛି ଏଆଇ ସାହାଯ୍ୟରେ। ବିଭିନ୍ନ ପ୍ରକାର ନକଲି ଭିଡ଼ିଓ ଏବଂ ଫଟୋ ଏଡ଼ିଟିଂ କରାଯାଇ ଚର୍ଚ୍ଚିତ ବ୍ୟକ୍ତିଙ୍କୁ ଅପମାନିତ ଏବଂ ଲଜ୍ଜିତ ମଧ୍ୟ କରାଯାଉଛି ଏ ମାଧ୍ୟମ ବ୍ୟବହାର କରି। ସେଲିବ୍ରେଟିମାନଙ୍କ ପାଇଁ ଆତଙ୍କ ସୃଷ୍ଟି କରିଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ। ନିକଟରେ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ବିକୃତ କରାଯିବା ଘଟଣାରେ ବର୍ଷିଆନ ଅଭିନେତା ଅଭିତାଭ ବଚ୍ଚନଙ୍କ ସମେତ ଅନେକ ଚିନ୍ତା ପ୍ରକଟ କରିଛନ୍ତି। ତେବେ ଏତିକିରେ କଥା ସରିନି ନିକଟ ଅତିଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ଡିପ୍ ଫେକ ଭିଡ଼ିଓ ସମଗ୍ର ଭାରତବାସୀଙ୍କୁ ଏକ ଦ୍ୱନ୍ଦ ଭିତରେ ଠେଲି ଦେଇ ହଇଚଇ ସୃଷ୍ଟି କରିଛି। ଆର୍ଟିଫିସିଆଲ ଇଣ୍ଟେଲଜେନ୍ସି ବ୍ୟବହାର କରାଯାଇ ଯେଉଁଭଳି ଅପଦସ୍ତ ଏବଂ ବ୍ଲାକମେଲିଂ କରାଯାଉଛି ଏହା ଚିନ୍ତାର କାରଣ ପାଲଟିଛି। ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ପାଇଁ ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ବିଭାଗରୁ ଏକ ଉପଦେଶାବଳୀ ଜାରି କରାଯାଇଛି। ଏଭଳି ଅପରାଧ ପାଇଁ ରହିଥିବା ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଏଥିରେ କୁହାଯାଇଛି। ଏଥିରେ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୬ (ଘ) ସମ୍ପର୍କରେ ଉଲ୍ଲେଖ ରହିଛି। କମ୍ପ୍ୟୁଟର ସମ୍ବଳ ବ୍ୟବହାର କରି ଯଦି ଜଣକୁ ଭିନ୍ନ ରୂପ ଦିଆଯାଏ ତାହେଲେ ତାଙ୍କୁ ୩ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଇଣ୍ଟରନେଟରେ ରଶ୍ମିକା ମନ୍ଦାନାଙ୍କ ଯେଉଁ ଭିଡ଼ିଓ ଟ୍ରେଣ୍ଡ ହୋଇଥିଲା ସେଥିରେ ବ୍ରିଟିଶ ଇଣ୍ଡିଆନ ଇନଫ୍ଲୁଏନ୍ସର ଜାରା ପଟେଲଙ୍କ ଶରୀରରେ ମନ୍ଦାନାଙ୍କ ମୁଣ୍ଡ ଯୋଡ଼ା ଯାଇଥିଲା। ଡିପଫେକ ପ୍ରଯୁକ୍ତି ବ୍ୟବହାର କରି ଉକ୍ତ ଭିଡ଼ିଓ ପ୍ରସ୍ତୁତ କରାଯାଇଛି ବୋଲି ଜଣାଯାଇଛି। ପ୍ରଶ୍ନ ଉଠୁଛି ଏଭଳି ଅପରାଧ ପାଇଁ ଦଣ୍ଡ ବ୍ୟବସ୍ଥାକୁ କେତେ କଡ଼ାକଡ଼ି କରାଯାଇପାରିବ ଏବଂ ଅପରାଧୀଙ୍କ ଧରାଯାଇପାରିବ। ଦେଶରେ ଏବେ ସମସ୍ତଙ୍କ ହାତରେ ସ୍ମାର୍ଟଫୋନ ରହିଛି। ତାକୁ କିଏ କେଉଁଭଳି ଭାବରେ ବ୍ୟବହାର କରିବ ତାରି ଉପରେ ହିଁ ବିଜ୍ଞାନର ବରଦାନ ନିର୍ଭର କରିବ।

ଟାଟାଷ୍ଟିଲ, ମେରାମୁଣ୍ଡଳୀ, ଢେଙ୍କାନାଳ
ଦୂରଭାଷ : ୭୯୭୮୯୨୭୭୬୫

## ପିନ୍ଧା ଲୁଗାରେ ଝୁଲି ପଡିଲେ ଯୁବକ

ବାଲିପାଟଣା, (ମହାଭାରତ): ବାଲିପାଟଣା ଥାନା ଅଠାରତ ମହାନ୍ତି ସାହିର ପୂର୍ଣ୍ଣଚନ୍ଦ୍ର ଦାସ ଙ୍କ ପୁଅ ବିଶ୍ବଜିତ ଦାସ ଓରଫ ଚିକୁ (୩୦) ଘର ଭିତରେ ପିନ୍ଧା ଲୁଗା ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଜଣା ପଡିଛି । ବାପା ଓ ମାଆ ତୀର୍ଥ ରେ ଯାଇଥିଲେ । ଚିକୁନ ଙ୍କ ପତ୍ନୀ ବାପ ଘର କୁ ଚାଲି ଯାଇଥିଲେ । ଘରେ କେହି ନ ଥିବା ବେଳେ ଯୁବକ ନିଜ ଶୋଇବା ଘର ଫ୍ୟାନ ରେ ମହିଳା ଙ୍କ ଶାଢ଼ୀ କୁ ବେକରେ ଗୁଡ଼ାଇ ଝୁଲି ପଡିଥିଲେ । ଆଜି ସକାଳୁ ପଡୋଶୀ ଚିକୁନ କୁ କବାଟ ବାଡେଇ ଉଠେଇବା ବେଳେ ଘର ଭିତରୁ ଶବ୍ଦ ଶୁଣା ଯାଇ ନ ଥିଲା । କବାଟ ଭାଙ୍ଗିବା ପରେ ସେ ଝୁଲନ୍ତା ଅବସ୍ଥା ରେ ଥିବା ଦେଖିବାକୁ ମିଳିଛି । ଖବର ପାଇ ପରିବାର ଲୋକେ ଗାଁ ରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଚିକୁ ୨୦୨୩ ରେ ବିବାହ କରିଥିଲେ । ତାଙ୍କର ଗୋଟିଏ ଦେଢ଼ ବର୍ଷ ର ପୁଅ ଅଛି । ଚିକୁନ ବାପା, ମାଆ ଙ୍କ ଏମାତ୍ର ପୁଅ ଥିଲେ । ପୁଅ ର ମୃତ୍ୟୁ ପରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି । ଚିକୁନ ଭୁବନେଶ୍ୱର ସ୍ଥିତ କୃଷି ବିଭାଗ ରେ ଅସ୍ଥାୟୀ ଭାବେ କାମ କରୁଥିଲେ । ବାଲିପାଟଣା ପୁଲିସ ଘଟଣା ର ତଦନ୍ତ ଜାରି ରଖିଛି । ତେବେ ପାରିବାରିକ ଅଶାନ୍ତି ଯୁବକ ଙ୍କ ମୃତ୍ୟୁ ର ମୁଖ୍ୟ କାରଣ ବୋଲି ଜଣା ପଡିଛି ।

## ଶିକୁଳିରେ ବନ୍ଧା ମାନସିକ ଭିନ୍ନକ୍ଷମ ଯୁବତୀଙ୍କୁ ଉଦ୍ଧାର କଲେ ସ୍ନେହମୟୀ



ପାରାଦୀପ, (ମହାଭାରତ): ସମାଜରେ ଅସହାୟ, ଅବହେଳିତ ଓ ନିଃସହାୟ ହୋଇରହିଥିବା ବୃଦ୍ଧ, ବୃଦ୍ଧା ଓ ମାନସିକ ରୋଗୀ ମାନଙ୍କୁ ସହାୟତା ର ହାତ ବଢ଼ାଇ ଉଦାହରଣ ସୃଷ୍ଟି କରି ପ୍ରଶଂସିତ ହେଉଛନ୍ତି ସମାଜସେବୀ ତଥା ବ୍ୟାସ ଫାଉଣ୍ଡେସନ ର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ । ନିଜସ୍ୱ ପ୍ରୟାସରେ ଶ୍ରୀମତୀ ଆଚାର୍ଯ୍ୟ ଏମାନଙ୍କୁ ସହଯୋଗ କରିବା ଘଟଣାକୁ ଦେଖିଲେ ଏବେବି ମଣିଷ ପଣିଆ ବଞ୍ଚି ରହିଥିବା କୁହାଯାଇପାରିବ ଏଥିପାଇଁ ଏକ ଘଟଣାକ୍ରମରେ ପାରାଦୀପ ପୌରାଞ୍ଚଳର ୧୪ ନମ୍ବର ୱାର୍ଡ ସଞ୍ଜୟଗାନ୍ଧୀ ବସ୍ତି ରେ ରହୁଥିବା ଗରିବ ବିଧବା ନଳିନୀ ସ୍ୱାଇଁ ଙ୍କ ଝିଅ ଜ୍ୟୋତ୍ସ୍ନା ସ୍ୱାଇଁ (୨୦) ମାନସିକ ବିକାରଗ୍ରସ୍ତ ହୋଇ ଅର୍ଥାଭାବ ଯୋଗୁଁ ଚିକିତ୍ସା ହୋଇ ନପାରି ଲୁହା ଶିକୁଳିରେ ବନ୍ଧା ହୋଇ ରହୁଥିଲା । ତେବେ ବିଭିନ୍ନ ଗଣମାଧ୍ୟମରେ ଖବର ପାଇ ବ୍ୟାସ ଫାଉଣ୍ଡେସନ ର ଅଧ୍ୟକ୍ଷା ତଥା ବିଶିଷ୍ଟ ସମାଜସେବୀ ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଯାଇଥିଲେ । ତେବେ ସୋମବାର ଦିନ ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଏବଂ ବ୍ୟାସ ଫାଉଣ୍ଡେସନର ସ୍ୱେଚ୍ଛାସେବୀ ଶିଶିର କୁମାର କର ସମସ୍ତ ପ୍ରସ୍ତୁତି ସହ ପାରାଦୀପରେ ପହଞ୍ଚି ଝିଅର ଚିକିତ୍ସା ନିମନ୍ତେ ପୁରୀର କଣାସ ଠାରେ ଥିବା ନୀଳାଚଳ ସେବା ପ୍ରତିଷ୍ଠାନକୁ ନେଇଥିଲେ । ଏହି ଉଦ୍ଧାର କାର୍ଯ୍ୟ ବେଳେ ସ୍ଥାନୀୟ ୧୪ ନମ୍ବର ୱାର୍ଡ ପାରିଷଦ ସଂଘମିତ୍ରା ସ୍ୱାଇଁ, ସମାଜସେବୀ ନିରୋଦ କୁମାର ସ୍ୱାଇଁ ଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ଓ ବସ୍ତିବାସିନ୍ଦା ମାନେ ଉପସ୍ଥିତ ଥିଲେ । ତେବେ ଏଭଳି ସର୍ଶକାତର ସମସ୍ୟା ଉପରେ ସରକାର, ସ୍ଥାନୀୟ ପ୍ରଶାସନ କିମ୍ବା ଜନ ପ୍ରତିନିଧି ମାନଙ୍କ ଦୃଷ୍ଟି ନପଡିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଥିବା ବେଳେ ଏହି ଘଟଣା ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି । ମନ୍ତ୍ରୀ ଶ୍ରୀ ସ୍ୱାଇଁ ଝିଅର ସୁସ୍ଥତା କାମନା କରି ବ୍ୟାସ ଫାଉଣ୍ଡେସନ ଓ ଏହାର ଅଧ୍ୟକ୍ଷା ଶ୍ରୀମତୀ ଆଚାର୍ଯ୍ୟ ଙ୍କ ଏପରି ମହତ ସେବା କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରି ସାହାଯ୍ୟ ଓ ସହଯୋଗ କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପକ୍ଷରେ ଝିଅର ସୁସ୍ଥତା ପରେ ସେ ପୁଣିଥରେ କଲେଜରେ ପାଠ ପଢିବ ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପରିବାରର ସାହାରା ହେବ ବୋଲି ଶ୍ରୀମତୀ ଆଚାର୍ଯ୍ୟ ଆଶାବାଦୀ ଅଛନ୍ତି ବୋଲି କହିଛନ୍ତି ।

## ଦଶପଲ୍ଲା ଏନ୍‌ଏସିର ୨୩ତମ ସାଧାରଣ ବୈଠକ

ଦଶପଲ୍ଲା, (ମହାଭାରତ): ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ର ୨୩ତମ ସାଧାରଣ ବୈଠକ ନୂତନ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ବହୁ ବାଦବିବାଦ ପରେ ଆଜି ଏନ୍‌ଏସି ର ନୂତନ ସଭା ଗୃହରେ ବୈଠକ ହୋଇଥିବାରୁ



ସମସ୍ତେ ଖୁସି ବ୍ୟକ୍ତ କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ପ୍ରବର୍ତ୍ତମାନ କନ୍ଧମାଳ ସାଂସଦଙ୍କ ଏନ ଏ ସି ପ୍ରତିନିଧି ଅଞ୍ଜନ ଦାସ ବିଶେଷ ଅତିଥି ଭାବେ ଉପସ୍ଥିତ ରହି କାଉନସିଲର କାର୍ଯ୍ୟପ୍ରଣାଳୀ ଓ ନଗର ଉନ୍ନତି ସମ୍ପର୍କରେ ମତାମତ ରଖିଥିଲେ ।ବୈଠକରେ ସମସ୍ତ କାଉନସିଲର ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିବାବେଳେ ନଗରର ପରିଷ୍କାର-ପରିଚ୍ଛର୍ଣ୍ଣ, ପାଣି ଯୋଗାଣ, ରାସ୍ତା-ଘାଟ ଉନ୍ନତି, ଆଲୋକ ବ୍ୟବସ୍ଥା, ଡ୍ରେନେଜ୍ ପ୍ରଣାଳୀ ଓ ଆବଶ୍ୟକ ଭିତ୍ତିଭୂମି ଗଠନା ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ବିଧାୟକ ରମେଶ ବେହେରା ନଗରର ସମଗ୍ର ଉନ୍ନତି ପାଇଁ ସଂଯୁକ୍ତ ପ୍ରୟାସର ଆବଶ୍ୟକତା ଉଲ୍ଲେଖ କରିଥିଲେ। ସାଂସଦ ପ୍ରତିନିଧି ଅଞ୍ଜନ ଦାସ ମଧ୍ୟ କେନ୍ଦ୍ର ସରକାରୀ ଯୋଜନାଗୁଡ଼ିକ ନଗରୀୟ ଅଞ୍ଚଳରେ କିପରି ଫଳଦାୟକ ଭାବରେ ପ୍ରୟୋଗ ହୋଇପାରିବ ତାହା ଉପରେ ମତ ରଖିଥିଲେ। କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଅମିନ ଏବଂ ଆଇନଗତ ଓକିଲ ରହିବା ବ୍ୟବସ୍ଥା କରିବା ପାଇଁ ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ ବୈଠକ ରେ ଉପସ୍ଥାପନା କରିଥିଲେ। ଏଥିରେ ସମସ୍ତ କାଉନସିଲର ବର୍ଗ ସମର୍ଥନ ଜଣାଇଥିଲେ। ଏନ୍‌ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ ଙ୍କ ନେତୃତ୍ୱରେ ହୋଇଥିବା ସଭା ସମନ୍ୱୟମୂଳକ ଆଲୋଚନା ହୋଇଥିଲା। ପୂର୍ବ ବୈଠକ ର କାମକୁ ନେଇ ସମସ୍ତ କାଉନସିଲର ଭାଇ-ଭଉଣୀ ମାନେ କ୍ଷୋଭ ପ୍ରକାଶ କରିଥିଲେ ।ଏଥିସହିତ ନୂଆ ପ୍ରସ୍ତାବଗୁଡ଼ିକର ଗ୍ରହଣ ଓ ନଗର ଉନ୍ନତି ପାଇଁ ଆଉଥରେ ଜରୁରୀ ବୈଠକ ହେବ ବୋଲି ଅଧ୍ୟକ୍ଷା ଙ୍କ ସହିତ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ବୈଠକ ରେ କହିଥିଲେ ।ଶାନ୍ତି ଶୃଙ୍ଖଳା ରେ ବୈଠକ ସମାପ୍ତ ହୋଇଥିଲା।

## ନୟାଗଡ଼ ବନଖଣ୍ଡରେ ଚାଲିଛି ବ୍ୟାଘ୍ର ଗଣନା: ମାଓ ଗତିବିଧି ପାଇଁ ୧୫ଟି ଜୋନ୍‌ରେ ଗଣନା ବନ୍ଦ

ଦଶପଲ୍ଲା, (ମହାଭାରତ) : ରାଜ୍ୟରେ ବାଘଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ବାଘଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଜଙ୍ଗଲରେ ଟ୍ରାପ୍ କ୍ୟାମେରା ସଂଯୋଗ କରାଯାଉଥିବା ବେଳେ ପ୍ରତି ୪ ବର୍ଷରେ ଥରେ ବନବିଭାଗ (ଟେରିଟୋରିଆଲ୍) ପକ୍ଷରୁ ବାଘ ଗଣନା ହୋଇଥାଏ। ବଡ଼କଥା ହେଉଛି, ଜଙ୍ଗଲରେ ପ୍ରତିବର୍ଷ ବାଘ ସଂଖ୍ୟା ବୃଦ୍ଧି ପାଉଛି କି ନାହିଁ ସେନେଇ ବନବିଭାଗ ନିକଟରେ କୌଣସି ତଥ୍ୟ ନଥିବା ବେଳେ ଦଶପଲ୍ଲା ଜଙ୍ଗଲରେ ନୂଆ ପ୍ରଜାତି ଅର୍ଥାତ୍ କଳା ରଙ୍ଗର ବାଘ ସଂଖ୍ୟାରେ ବୃଦ୍ଧି ଘଟୁଥିବା ସୂଚନା ମିଳିଛି। ତେବେ ଆଜକୁ ପାଞ୍ଚ ଦିନ ହେବ ନୟାଗଡ଼ ବନଖଣ୍ଡର ୭ଟି ବନାଞ୍ଚଳ ଅଧୀନରେ ଏହି ଗଣନା ଆରମ୍ଭହୋଇଛି। ଏହା ଆଉ ଦୁଇ ଦିନ



ଧରି ଚାଲିବ। ନୟାଗଡ଼ ବନଖଣ୍ଡର ୭ଟି ବନାଞ୍ଚଳ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ବଡ଼ ବନାଞ୍ଚଳ ଥିବା ଦଶପଲ୍ଲା ବନାଞ୍ଚଳରେ ଚଳିତବର୍ଷ ବାଘ ଗଣନାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ବନାଞ୍ଚଳର ୬ଟି ସେକ୍ସନର ୨୪ଟି ବିଟ୍ ବା ଜୋନ୍ ରହିଥିବା ବେଳେ ଦଶପଲ୍ଲା ଜଙ୍ଗଲରେ କିଛିଦିନ ଧରି ମାଓବାଦୀଙ୍କ ଗତିବିଧି ରହୁଥିବା ହେତୁ ୧୫ଟି ବିଟ୍ ବା ଜୋନ୍‌ରେ ଏହି ଗଣନାକୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବନ୍ଦ କରି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ କହିଛନ୍ତି। ବିଶେଷକରି କିଛିଦିନ ତଳେ ଜଙ୍ଗଲରୁ ମାଓ ପୋଷ୍ଟର ଜବତ ହେବା ପରେ ସ୍ଥାନୀୟ ଅଞ୍ଚଳ ବାସୀ ଓ ବନ କର୍ମଚାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନାଞ୍ଚଳର ପୋଖରୀଗୋଛା, ଚଡ଼େୟାପଲ୍ଲୀ, ଟାକରା ଓ ବାଣିଗୋଛା ସେକ୍ସନ ଅଧୀନସ୍ଥ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧ? ରହିଥିବା କୁହାଯାଉଛି। ଯାହାକୁ ନେଇ ପୋଖରୀଗୋଛାର ୫ଟି ବିଟ୍ ଅର୍ଥାତ୍ ପୋଲରା, ଚିନାପହଁରା, ଶିରିକିବାଡ଼ି ଓ ପୋଖରୀଗୋଛା ସେହିପରି ଚଡ଼େୟାପଲ୍ଲୀର ୪ଟି ତଥା ନୂଆଗାଁ, କାଳମ୍ବା, ଚଡ଼େୟାପଲ୍ଲୀ, ବଡ଼ ଶିଖରପଙ୍ଗା ଏବଂ ଟାକରାର ୪ଟି ଅର୍ଥାତ୍ ଡିଳାବାଡ଼ି, ଟାକରା, ବାଇଝରୀ, କୁରୁବାରୀ ଏବଂ ବାଣିଗୋଛାର ୨ଟି ଜୋନ୍ ମଧ୍ୟରେ ଶିରିଶିରା ଓ ଦୁଡ଼ା ଜୋନ୍‌ରେ ଏହି ଗଣନାକୁ ବନ୍ଦ କରି ଦିଆଯାଇଛି। ଅବଶିଷ୍ଟ ୯ଟି ବିଟ୍‌ରେ ଏହି ଗଣନା ଆରମ୍ଭ ହୋଇଛି। ପ୍ରଥମ ୩ ଦିନ କର୍ମଚାରୀ ମାନେ ବିଟ୍ ଅଧୀନସ୍ଥ ସମସ୍ତ ଅଞ୍ଚଳ ବୁଲି ମାଂସାହାରୀ ପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖିବେ। ଅବଶିଷ୍ଟ ୩ ଦିନ ୨ କିମି ବ୍ୟବଧାନରେ ଟ୍ରାଞ୍ଜିଟ୍ ଲାଇନ୍ କଟାଯାଇ ସାଇନ୍ ସର୍ଭେ କରାଯିବ। ଶେଷ ଦିନରେ ପକ୍ଷୀ ତଥା ଶାଗୁଣାଙ୍କ ଗତିବିଧି ଉପରେ ନଜର ରଖାଯିବ ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀ ଦାଶ କହିଛନ୍ତି। ଏଥି ସହିତ ବନାଞ୍ଚଳରେ ଏବେ ୧୦୦ଟି କ୍ୟାମେରା ସଂଯୋଗ କରାଯାଇ ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖାଯାଉଥିବା ସେ କହିଛନ୍ତି।

## ପାରାଦୀପରେ ବିଶାଳ ଏକତା ପଦଯାତ୍ରା : ଦେଶ ନିର୍ମାଣରେ ପଟେଲଙ୍କ ଭୂମିକା ଅତୁଳନୀୟ..

ପାରାଦୀପ, (ମହାଭାରତ): ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ନିର୍ଦ୍ଦେଶ କ୍ରମେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ଅବସରରେ ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ସୋମବାର ଦିନ ପାରାଦୀପରେ ଏକ ବିଶାଳ ଏକତା ପଦଯାତ୍ରା ଆୟୋଜିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଏହି ମେଗା ପଦଯାତ୍ରାରେ ସାମିଲ ହୋଇଥିଲେ । ଏଥିରେ ପାରାଦୀପ ର ସମସ୍ତ ସ୍କୁଲ ଓ କଲେଜ ର ଛାତ୍ରଛାତ୍ରୀ ଙ୍କ ସମେତ ବହୁ ଅନୁଷ୍ଠାନର ସ୍ୱେଚ୍ଛାସେବୀ ମାନେ ହଜାର ହଜାର ସଂଖ୍ୟାରେ ଯୋଗ ଦେଇଥିଲେ। ତେବେ ଏହି ପଦଯାତ୍ରା ପ୍ରାରମ୍ଭରେ କଲେଜ ପରିସରରେ ସର୍ଦ୍ଦାର ପଟେଲ ଙ୍କ ଜନ୍ମ ଜୟନ୍ତୀ ଓ ଏକତା ପଦଯାତ୍ରା ସମ୍ପର୍କିତ ଏକ



ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି ଓ ସାଂସଦ ବିଭୁ ତରାଇ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ.ସସ୍ମିତା ସତପଥି, ପାରାଦୀପ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଜିଲ୍ଲା ଯୁବ ବ୍ୟାପାର ବିଭାଗ ଅଧିକାରୀ ନିଖିଲ କୋକୁଲା, ଜିଲ୍ଲା କ୍ରୀଡା ଅଧିକାରିଣୀ ଶ୍ରୀମତୀ ବିଶ୍ୱ ବିଜୟିନୀ ପଟ୍ଟନାୟକ,କୁଜଙ୍ଗ ବିଡ଼ିଓ ଦୀପକ ପ୍ରସାଦ ସ୍ୱାଇଁ ଏବଂ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ନିଜ ବକ୍ତବ୍ୟରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଦେଶ ନିର୍ମାଣରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ଭୂମିକା ଓ ଅବଦାନ ଅତୁଳନୀୟ ବୋଲି ଉଲ୍ଲେଖ କରି ଯୁବପିଢ଼ି ତାଙ୍କ ନୀତି ଆଦର୍ଶକୁ ଅନୁସରଣ କରି ଦେଶ ମାତୃକା ସେବାରେ ନିଜକୁ ନିୟୋଜିତ କରିବା ଏବଂ ନିଜକୁ ସ୍ୱାବଲମ୍ବୀ ମଣିଷ ରୂପେ ଗଢିତୋଳିବାକୁ ଆହ୍ୱାନ ଦେଇଥିଲେ । ସେହିପରି ମୁଖ୍ୟ ବକ୍ତା ସାଂସଦ ବିଭୁ ପ୍ରସାଦ ତରାଇ ସ୍ୱାଧୀନତା ପରେ ଗଡଜାତ ରାଜ୍ୟଗୁଡିକ ଭାରତ ସହିତ ମିଶ୍ରଣ କରିବାରେ ବଲ୍ଲଭଭାଇ ପଟେଲଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଶେଷରେ କଲେଜ ପରିସରରୁ ଏକ ବିରାଟ ଏକତା ପଦଯାତ୍ରା ବାହାରି ସହର ପରିକ୍ରମା କରି ଗୋପବନ୍ଧୁ ଷ୍ଟାଡିଅମ ଠାରେ ଉଦଯାପିତ ହୋଇଥିଲା । ଏହି ଶୋଭାଯାତ୍ରାରେ ବନ୍ଦେ ମାତରମ ଓ ଭାରତ ମାତାକି ଜୟ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା ।

## ମଳୟ ଓ ଅସିତ୍ ମେମୋରିଆଲ ଉଦ୍‌ଯାପିତ




ଟିଟିଲାଗଡ,. (ମହାଭାରତ): ଗୁଡଭେଲା ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମରେ ୨୦.୧୧.୨୦୨୫ ଆରମ୍ଭ ହେଇଥିଲା ୨୪.୧୧ ୨୦୨୫ ଶେଷ ହୋଇଥିଲା ୧୬ ଗୋଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲରେ ତୁଷୁରା ଏବଂ ଡିକେ ଚାଲେଜ୍ ମଧ୍ୟରେ ହୋଇଥିଲା ଫାଇନାଲରେ ତୁଷୁରା ଟଚଜିତି ବଲିଙ୍ଗ ର ନିଷ୍ପତ୍ତି କରିଥିଲେ ୭ ଓଭର ବିଶିଷ୍ଟ ଖେଳରେ ତୁଷୁରା ସମ୍ମୁଖରେ ୭୪ ରନ୍ ସଂଗ୍ରହ କରି ୬ ୱିକେଟ ହରାଇଥିଲେ ୭୫ ରନ୍ ଲକ୍ଷ୍ୟ ଦେଇଥିଲେ। ତୁଷୁରା କୁ ୬୯ ରନ ସଂଗ୍ରହ କରି ୮ ୱେକେଟ ବିନିୟମରେ ମ୍ୟାଚରେ ରନସ୍ ଅପ୍ ହୋଇଥିଲେ। ତୁଷୁରା ଓ ଡିକେ ଚାଲେଞ୍ଜର ବିଜୟ ହୋଇଥିଲେ। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ନୂଆପଡ଼ା ଗ୍ରା.ପ ସରପଞ୍ଚ ଶ୍ରୀ କୁଞ୍ଜ ବିହାରି ସାହୁ ଓ ସମ୍ମାନିତ ଅତିଥି ଶ୍ରୀ ବେନୁଧର ମନହିରା , ଶ୍ରୀ ସେହାଶିଷ ଭୋଇ ପ୍ରମୁଖ ଯୋଗ ଦେଇଥିଲେ ଓ ମ୍ୟାଚ କୁ ଶ୍ରୀ ସ୍ୱାଧୀନ ମନହିରା ଓ ଶ୍ରୀ ସୂର୍ଯ୍ୟ ମନହିରା ପରିଚାଳନା କରିଥିଲେ । ମିହିର ମନହିରା ଏହି ପ୍ରତି ଯୋଗିତା ରେ ସଭା ପତିତ୍ୱ କରିଥିଲେ ସଂପାଦକ କମଳ କିଶୋର ଧରୁଆ ଅମନ ମେହେର ମଧ୍ୟ ସହଯୋଗ କରିଥିଲେ ଧାରା ବିବରଣୀ ରେ ଶ୍ରୀ ସୁଶାନ୍ତ କୁମାର ଗହିର କରିଥିବା ବେଳେ କାହ୍ନା ବଗର୍ତ୍ତି ଧନବାଦ ଅର୍ପଣ କରିଥିଲେ ବିଶେଷ ସହଯୋଗ ରେ ଶ୍ରୀକାନ୍ତ ପୁଟା, ଆକାଶ ବାଗ, ଫକିର ମେହେର, କିଶାନ ପ୍ରଧାନ ତପନ ମେହେର, ମନିଶ ମେହେର ଥିଲେ ।

## ଚାରୋଟି ବିଷୟ ରେ ଖୋଲା ହୋଇନି ବହି: ଛାତ୍ର ଛାତ୍ରୀ ଅଭିଭାବକ ଧାରଣାରେ

ହାଟଡିହୀ, (ମହାଭାରତ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଡ଼ଅଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟାକୁ ନେଇ ବିଦ୍ୟାଳୟ ଫାଟକରେ ସୋମବାର ତାଲା ପଡିଛି। ଫଳରେ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ବିଦ୍ୟାଳୟ ବାହାରେ ଫାଟକ ସମ୍ମୁଖରେ ତଳେ ବସିଛନ୍ତି । ଅସନ୍ତୋଷ ଏବଂ ଉତ୍ତେଜନା ପ୍ରକାଶ ପାଇଛି । । ତେବେ ଶିକ୍ଷକ ଅଭାବକୁ ନେଇ ବିଦ୍ୟାଳୟ ଫାଟକରେ ତାଲା ପଡିବା, ଛାତ୍ରୀଛାତ୍ର ମାନେ ବାହାରେ ଖୋଲା ଆକାଶ ତଳେ ବସିବା ଅତ୍ୟନ୍ତ ଦୁଃଖ ଓ ପରିତାପ ର ବିଷୟ। ସୂଚନା ଅନୁସାରେ ଏହି ବିଦ୍ୟାଳୟରେ ମୋଟ ୮ଟି ଶ୍ରେଣୀ ଏବଂ ଶିଶୁ ବାଟିକା ଅଛି। ୨୧୪ ଜଣ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଛନ୍ତି। ପୂର୍ବରୁ ଏଠାରେ ୯ ଜଣ ଶିକ୍ଷକ ଥିଲେ। ଏବେ ୪ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଫଳରେ ଶିକ୍ଷାଦାନ ଠିକ ଭାବେ ହୋଇ ପାରୁନି। ଏହି ବିଦ୍ୟାଳୟ ରେ ପାଖ ଅଞ୍ଚଳର ସରଳା, ଚଷାଖଣ୍ଡ, ମନହରପୂର୍ ଆଦି ଗ୍ରାମ ରୁ ବହୁ ଛାତ୍ର ଛାତ୍ରୀ ପାଠ ପଢିବାକୁ ଆସୁଛନ୍ତି। ମାତ୍ର ଦୁଃଖ ଓ ପରିତାପ ର ବିଷୟ ଆଜି ପର୍ଯ୍ୟନ୍ତ ତୃତୀୟ ଭାଷା ହିନ୍ଦୀ, ସଂସ୍କୃତ, ଗଣିତ, ବିଜ୍ଞାନ ଶିକ୍ଷକ ନଥିବାରୁ ବହି ଖୋଲା ଯାଇନି। ଯେଉଁ ପାଠ ପଢିବାକୁ ଦିଆ ଯାଉଛି ସେଥିରେ ପ୍ରଶ୍ନ ଉତ୍ତର କରା ଯାଉନି। ଏହି ଘଟଣା କୁ ସମାଧାନ କରିବାପାଇଁ ହାଟଡିହି ବିଆର୍ଶିଶି କମ୍ ଏବିଓ ପ୍ରମୋଦ କୁମାର ନାୟକ, ଏବିଓ ପୂର୍ଣ୍ଣଚନ୍ଦ୍ର ଜେନା ଘଟଣା ସ୍ଥଳରେ ପହଞ୍ଚି ସମାଧାନ ପାଇଁ ଆଗାମୀ ସାତ ଦିନ ମଧ୍ୟରେ ସମସ୍ୟା ର ସମାଧାନ ପାଇଁ ପଦକ୍ଷେପ ନେବା ସହ ଏହି ବିଦ୍ୟାଳୟ ରୁ ସିଆରସି ହୋଇଥିବା ଶିକ୍ଷକ ଏଠାରେ ଅଧା କାର୍ଯ୍ୟ ନିର୍ବାହ କରି କ୍ଷେତ୍ର ପରିଦର୍ଶନ କରିବେ ବୋଲି ପ୍ରତିଶୃତି ଦେବା ପରେ ଧାରଣା ହଟି ଥିଲା।

## ବିପୁଳ ପରିମାଣର ପୋଚ ନଷ୍ଟ,୧୫୨ ଲିଟର ମହୁଲି ମଦ ଜବତ

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ଅବକାରୀ ଥାନା ଅଞ୍ଚଳ ରୁ ସୋମବାର ସକାଳେ ଅବକାରୀ ବିଭାଗ ଚୋରା ରେ ମହୁଲି ମଦ ପ୍ରସ୍ତୁତ ହେଉଥିବା ବିଭିନ୍ନ ସ୍ଥାନ ଗୁଡିକରେ ଚଢ଼ାଉ କରି ବିପୁଳ ପରିମାଣ ର ପୋଚ ନଷ୍ଟ କରିବା ସହ ୧୫୨ ଲିଟର ମହୁଲି ମଦ କୁ ଜବତ କରିଛନ୍ତି ।ଘଟଣା ରେ ସଂପୃକ୍ତ ୨ ଜଣକୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ବେଳେ ଦୁଇଟି ସ୍ଥାନରେ ଅବକାରୀ ଥାନା ପୋଲିସ ଚଢ଼ାଉ ସମୟରେ ମଦ ବେପାରୀ ମାନେ ଖସି ପଳାଇ ଯାଇଛନ୍ତି । ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରିଣୀ ଭାରତୀ ନାୟକ, ଏ ଏସ ଆଇ ଲକ୍ଷ୍ମଣ କୁମାର ନାଏକ,କରଞ୍ଜିଆ ଅବକାରୀ ଥାନା ଇନ୍ସପେକ୍ଟର ଜୟନ୍ତ ଆଚାର୍ଯ୍ୟ, କରଞ୍ଜିଆ ଅବକାରୀ ଥାନା ଓଆଇସି ରଶ୍ମିରଞ୍ଜନ ନାଏକ ସମେତ ଅନ୍ୟ କର୍ମଚାରୀ ମାନେ ମଦ ପ୍ରସ୍ତୁତ ହେଉଥିବା ବିଭିନ୍ନ ସ୍ଥାନ ଉପରେ ଚଢ଼ାଉ କରିଥିଲେ ।ହାତୀଗୋଡ଼ା ଗ୍ରାମରେ ଚଢ଼ାଉ କରି ମଦ ବେପାରୀ ମନରଞ୍ଜନ ବାନ୍ଦିଆ( ୬୫) ଙ୍କ ନିକଟରୁ ୧୩ ଲିଟର ମହୁଲି ମଦ ଜବତ କରି ତାଙ୍କୁ ଘଟଣାସ୍ଥଳ ରୁ ଗିରଫ କରିଥିଲେ ।ସେହିପରି ସେହି ଗ୍ରାମର ଫୁଲ ମାଝୀ ଙ୍କ ନିକଟରୁ ୧୪ ଲିଟର ମହୁଲି ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ ।ଏ ସଂକ୍ରାନ୍ତ ରେ ଠାକୁରମୁଣ୍ଡା ଅବକାରୀ ଥାନା ପୋଲିସ ପକ୍ଷରୁ କେଶ ନମ୍ବର ୧୫୧ ଓ ୧୫୨ ଅନୁଯାୟୀ ମାମଲା ରୁଜୁ କରି ଉଭୟ ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି । କେଶଡ଼ିହା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୁରୁଣାପାଣି ଗ୍ରାମ ନଦୀ କୂଳରେ ପ୍ରସ୍ତୁତ ହେଉଥିବା ମଦ ରନ୍ଧା ସ୍ଥାନରେ ଚଢ଼ାଉ କରି ସେଠାରୁ ୫୦ ଲିଟର ମହୁଲି ମଦ କୁ ଜବତ ସହ ୨୧୦୦ କେଜି ପରିମାଣ ର ପୋଚ କୁ ନଷ୍ଟ କରିଥିଲେ ।ସେହିପରି ଦିଗଧର ଗ୍ରାମର ନୂଆସାହି ଗ୍ରାମରେ ଚଢ଼ାଉ କରି ସେଠାରୁ ୭୫ ଲିଟର ମୁହୁଲି ମଦ କୁ ଜବତ କରି ୩୨୦୦ କେଜି ପରିମାଣ ର ପୋଚ କୁ ନଷ୍ଟ କରିଥିବାର ଜଣା ପଡ଼ିଛି ।ଏହି ଦୁଇଟି ସ୍ଥାନରୁ ଅବକାରୀ ପୋଲିସ କୁ ଦେଖି ମଦ ବେପାରୀ ମାନେ ଚମ୍ପଟ ମାରି ଥିଲେ ।ଏ ସଂକ୍ରାନ୍ତରେ କେଶ ନମ୍ବର ୧୫୩ ଓ ୧୫୪ ଅନୁଯାୟୀ ମାମଲା ରୁଜୁ କରିଛି ଅବକାରୀ ବିଭାଗ।

## ଭାରତର ଲୌହ ପୁରୁଷ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜନ୍ମ ଦିବସ ଉପଲକ୍ଷେ ଏକତା ପଦଯାତ୍ରା

କଳାହାଣ୍ଡି / ଭବାନୀପାଟଣା, (ମହାଭାରତ): ମହାପୁରୁଷ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟ, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶ କ୍ରମେ ଜିଲ୍ଲା ସ୍ତରୀୟ ରାଷ୍ଟ୍ରୀୟ ଏକତା ପଦଯାତ୍ରା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ, ଜିଲ୍ଲା କ୍ରୀଡା ବିଭାଗ, ଜିଲ୍ଲା ସଂସ୍କୃତି ବିଭାଗ ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ରୁ ସଂସାଦ କଳାହାଣ୍ଡି ମାଳବିକା ଦେବୀ, ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ,ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରଓ୍ୱାନ ଙ୍କ ଉପସ୍ଥିତିରେ ମା ମାଣିକେଶ୍ୱରୀ ଙ୍କ ଫଟୋ ଓ ସର୍ଦ୍ଦାର ବଲ୍ଲବ ଭାଇ ପଟେଲ ଙ୍କ ଫଟୋ ଚିତ୍ରରେ ପୂଜ୍ୟ ପୂଜା ପୂର୍ବକ ମାଲ୍ୟାର୍ପଣ କରାଯାଇ ଏକ ଭାରତ ଆତ୍ମା ନିର୍ଭର ଭାରତ ର ଶପଥ ପାଠ କରାଯାଇଥିଲା ଏବଂ ଅତିଥି ମାନଙ୍କ ଦ୍ୱାର ପତାକା ଦେଖାଇ ଏକତା



ପଦ ଯାତ୍ରା ର ଶୁଭାରମ୍ଭ କରାଯାଇ ଥିଲା। ଏହି ପଦ ଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଜିଲ୍ଲା କାରାଗାର,ନୂଆ ବସଷ୍ଟାଣ୍ଡ, ଘୋଡାଘାଟ,ସତ୍ୟମ୍ ସିନେମା, ଦୟାନିଧି ଛକ, ମାଣିକେଶ୍ୱରୀ ଛକ ଦେଇ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା ଏବଂ ବିଶ୍ୱ ବିଦ୍ୟାଳୟର ପରିସର ମଧ୍ୟରେ ସମାବେଶ ହୋଇଥିଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏକତା ରଥ ମାଧ୍ୟମରେ ବନ୍ଦେ ମାତରମ ରାଷ୍ଟ୍ରୀୟ ସଂଗୀତ ଗାନ କରି ସମସ୍ତେ ଜାତୀୟ ପତାକା ହାତରେ ଧରି ସହର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂକ୍ଷସଦ, କଳାହାଣ୍ଡି (ଲୋକସଭା) ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ କଳାହାଣ୍ଡି,ପାଓ୍ୱାର ସଚିନ ପ୍ରକାଶ, ଭାରପ୍ରାପ୍ତ ଡି. ସି, ଡଃ ନିବେଦିତା ନାଥ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟି ରେଜିଷ୍ଟର ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଡଃ ଜୟଦେବ ସାହୁ, ୬୪ ବାଟାଲିୟନ ଡେପୁଟି କମାଣ୍ଡେଣ୍ଟ ସଚିଦାନଁନ୍ଦ ପାତ୍ର, ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ଜୟ ଶଙ୍କର ନାୟକ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମାନନୀୟା ସାଂସଦ ଶ୍ରୀମତୀ ମାଳବିକା ଦେବୀ ନିଜର ବକ୍ତବ୍ୟରେ କହିଲେ ଯେ ଭାରତର ଏକତ୍ରୀ କରଣ ତଥା ଗଣରାଜ୍ୟ ଗଠନ ପାଇଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅତୁଳନୀୟ ଅବଦାନ ଓ ଗୁରୁତ୍ୱପୂର୍ଣ ଭୂମିକା ଥିଲା ସେଥିପାଇଁ ତାଙ୍କର ୧୫୦ତମ ଜନ୍ମ ଜୟନ୍ତୀରେ ଏକତା ପଦଯାତ୍ରାରେ ଆୟୋଜନ କରାଯାଇଛି । ଏଥିରେ ଯୋଗଦେଇଥିବା ସମସ୍ତଙ୍କୁ ହାର୍ଦିକ ଅଭିନନ୍ଦନ ଜ୍ଞାପନ କରିଥିଲେ । ସେହିପରି ଜିଲ୍ଲାପାଳ ଶ୍ରୀ ପ୍ରକାଶ ପଦଯାତ୍ରାର ସଫଳ ଆୟୋଜନ ନିମନ୍ତେ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ି, ଜିଲ୍ଲା ଯୁବ ବ୍ୟାପାର ଅଧିକାରୀ ପ୍ରସନ୍ନ ମେହେର ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ । ଏଥିରେ ଶାରିରୀକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଶିଶୁ ସୁରକ୍ଷା ୟୁନିଟ୍ ର ଅଂଶୁମାନ ବାବୁ ସହଯୋଗ କରିଥିଲେ ।ଏଥିରେ କେନ୍ଦ୍ରୀୟ ପୋଲିସ ବଳ, ଛାତ୍ର ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଓ ଜନସାଧାରଣ ଯୋଗ ଦେଇଥିଲେ । ଏହି ଦିବସ ଉପଲକ୍ଷେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଶେଷରେ ଅତିରିକ୍ତ ଜିଲାପାଳ ଶ୍ରୀ ଦର ଓ୍ୱାନ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅପରାହ୍ନ ରେ ଧର୍ମଗଡ଼ ଠାରେ ମଧ୍ୟ ଏକତା ପଦ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ କଳାହାଣ୍ଡି ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ,ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରଓ୍ୱାଲ, ଚେୟାର ମେନ ପୌରପାଳିକା ଧର୍ମଗଡ଼ ଅଶୋକ କୁମାର ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷକ୍ଷ ବବିତା ପାଟଯୋଷୀ ଯୋଗଦେଇ ସର୍ଦ୍ଦାର ବଲ୍ଲବ ଭାଇ ପଟେଲ ଙ୍କ ର ସ୍ମୃତି ଚାରଣ କରି ରାଷ୍ଟ୍ରୀୟ ଏକତା ପଦ ଯାତ୍ରା ର ଶୁଭାରମ୍ଭ କରିଥିଲେ। ଏହି ପଦ ଯାତ୍ରା ମା ଭଣ୍ଡାର ଘରଣୀଙ୍କ ମନ୍ଦିର ରୁ ବାହାରି ଗୋଡଭଯା ଗୋଲେଇ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ି, ତହସିଲଦାର କିର୍ତ୍ତୀ ଚନ୍ଦ୍ର ପ୍ରଧାନ, ମାଇ ଭାରତ ଯୁବ ଅଧିକାରୀ ପ୍ରସନ୍ନ ମେହେର, ଶିଶୁ ସୁରକ୍ଷା ୟୁନିଟ୍ ର ଅଂଶୁମାନ ବାବୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରଓ୍ୱାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀ ଶ୍ରୀ ବାବା ରାମେଶ୍ୱର ମହିଳା ନାମ ସଂକୀର୍ତ୍ତନ ମଣ୍ଡଳୀର ଶୁଭାରମ୍ଭ



ଆସିକା (ମହାଭାରତ):ଶ୍ରୀ ଶ୍ରୀ ବାବା ରାମେଶ୍ୱର ମହିଳା ନାମ ସଂକୀର୍ତ୍ତନ ମଣ୍ଡଳୀର ଶୁଭଆରମ୍ଭ ଆସିକା ଝଗଡେଇ ଗୁମ୍ଫା ଠାରେ ଗୁମ୍ଫା ମହନ୍ତ ବାବୁଲି ଦାସଙ୍କ ଦ୍ୱାରା ହୋଇଯାଇଛି। ଏହି ନାମ ସଂକୀର୍ତ୍ତନ ମଣ୍ଡଳୀ ଶୁଭଆରମ୍ଭ ରେ ଧରାକୋଟ ସତୀ ମଠ ମହନ୍ତ କୃପାସିନ୍ଧୁ ଦାସ ପୂଜାର୍ଚ୍ଚନା କରିଥିଲେ। ଗୁରୁ ସୋଲା ପାତ୍ର ଓ ଶିଷ୍ୟ ବଟକୃଷ୍ଣ ଗୌଡ଼ ମୃଦୁଙ୍ଗ ବଜାଇ ନାମ ଆରମ୍ଭ କରି ନଗର ପରିକ୍ରମା କରିଥିଲେ। ଏହି ଅବସରରେ ବାଲିଛାଇ ସରପଞ୍ଚ ପ୍ରତିନିଧି ନୀଳମାଧ ବେହେରା ଦେବଭୂମି ସମିତିସଭ୍ୟ ପ୍ରତିନିଧି ସନ୍ତୋଷ ନାୟକ, ବାଲିଛାଇ ସରପଞ୍ଚ ରଶ୍ମିତା ସ୍ୱାଇଁ, ମୃଦଙ୍ଗ ବାଦକ ଅଭିମନ୍ୟୁ ବେହେରା,ପୂର୍ଣଚନ୍ଦ୍ର ଗୌଡ଼, ପୂର୍ଣ୍ଣ ଚନ୍ଦ୍ର ନାୟକ ଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ନାମ ସଂକୀର୍ତ୍ତନ ଦଳକୁ ପ୍ରୋତ୍ସାହନ ଦେବା ସହ ଆସିକା ଅଞ୍ଚଳରେ ଏହି ଭଳି ଏକ ମହିଳା ସଂକୀର୍ତ୍ତନ ଦଳ ଗଢି ଉଠିଥିବା ଯୋଗୁଁ ସମସ୍ତେ ବହୁ ଆନନ୍ଦିତ ହୋଇଥିଲେ।

## ଭରାଣ୍ଡିଆ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ



କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ବ୍ଲକ ଭରାଣ୍ଡିଆ ପଂଚାୟତ କାର୍ଯ୍ୟାଳୟରେ ପଂଚାୟତ ସ୍ତରୀୟ ଜଣ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରଞ୍ଚ ଅନିତା ଗୁମୁଲିଆ ଙ୍କ ଅଧକ୍ଷତାରେ ଆଜି ପଞ୍ଚାୟତ ସ୍ତରୀୟ ଜଣ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରା, ଏପିଓ ଧ୍ୟାନ ଚନ୍ଦ୍ର ମହାନ୍ତ , ଲେବର ଅଫିସର ବିଷ୍ଣୁ ପ୍ରିୟା ନାୟକ , ଜଗାଣ ଅଧିକାରୀ ଦିଲ୍ଲୀପ କୁମାର ସାହୁ ଓ ଯନ୍ତ୍ରୀ ଗୌୟରୀ ଶଙ୍କର ରାୟ ପ୍ରମୁଖ ଉପସ୍ଥିତ ରହି ୨୧ ଟି ଅଭିଯୋଗ ର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୬ଟି ସାମୁହିକ , ରାସ୍ତା,ପାଣିଓ ଅଙ୍ଗନବାଡି ଆଦି ସମସ୍ୟା ଉପରେ ଓ ୧୮ ଟି ବ୍ୟକ୍ତି ଗତ ଅଭିଯୋଗ ଶୁଣାଣୀ କରିଥିଲେ । ପଞ୍ଚାୟତ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ୮୧ ଅଭିଯୋଗର ଶୁଣାଣୀ କଲେ ଜିଲ୍ଲାପାଳ



କପ୍ତିପଦା(ମହାଭାରତ): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ, ମୟୂରଭଞ୍ଜ ହେମକାନ୍ତ ସଞ୍ଜୟ ଏବଂ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ, ବରୁଣ ଗୁଣ୍ଟୁପାଲି ଯୋଗ ଦେଇ ୮୧ ଗୋଟି ଜନ ଅଭିଯୋଗର ଶୁଣାଣୀ କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍‌ଙ୍କ ପ୍ରତ୍ୟେକ୍ଷ ତ□ାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ଲକ୍ଷ୍ମୀକାନ୍ତ ପତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେ ୬୯ ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୨ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୧୧ ଗୋଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ ଜଣଙ୍କୁ ୧୦ ହଜାର ଲେଖାଏଁ ,୬ଜଣଙ୍କୁ ୫ ହଜାର ଲେଖାଏଁ, ଶିକ୍ଷା ପାଇଁ ରେଡକ୍ରସ୍ ପାଣ୍ଠିରୁ ୨୧୧୦ ଟଙ୍କା ମୋଟ ୬୨ହଜାର ୧୧୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା ଏବଂ ଅନ୍ୟ ଜଣଙ୍କୁ ପରାମର୍ଶ ମାଧ୍ୟମରେ ତତ୍କାଳ ସମାଧାନ କରାଯାଇଥିଲା। ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ କପ୍ତିପଦା ବ୍ଲକ କପ୍ତିପଦା ବଜାରରୁ ଭାୟା ମାଙ୍କଡପଡା ଏବଂ ପଦ୍ମପୋଖରୀ ଆରଡି ରାସ୍ତା ମରାମତି କିମ୍ବା ନୂତନ ରାସ୍ତା ନିର୍ମାଣ,କପ୍ତିପଦା ବ୍ଲକ ତାଳପୋଖରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ଖୁଣ୍ଟା ବ୍ଲକ ବଡମାମୁଡିଆ ଗ୍ରାମରୁ ମୁଖ୍ୟ ସଡକକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ, କରକଚିଆ ପଞ୍ଚାୟତ ନାହୁଆ ଛକ ଠାରୁ ଅଣ୍ଡିଆଟିକିରା ଆର.ଡି. ରାସ୍ତା ପାର୍ଶ୍ୱରେ ଥିବା ଗଛ ସଫା କରିବା, ଉଦଳା ବ୍ଲକ ରାଇଦାଣ୍ଡିଆ ଗ୍ରାମରେ ବନ୍ୟା ପାଇଁ ଉଚ୍ଚ ସ୍ଥାନରେ ରହୁଥିବା ୧୦/୧୨ ଟି ପରିବାରକୁ ବିଦ୍ୟୁ ସଂଯୋଗ କରିବା ଆଦି ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ମୟୂରଭଞ୍ଜ ନିର୍ଦ୍ଦେଶ ଦେଇଥିଲେ ।ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ଶାଙ୍ଖାଇ ହେମ୍ବ୍ରମ୍, ରମେଶ ପୃଷ୍ଟି, କବିତା ଖିଲାର, ସତ୍ୟ ପ୍ରକାଶ ପାତ୍ର, ସାଇସ୍ୱରୂପ କର, ରାଉତରାୟ ମୁର୍ମୁ, ଅନୁଭବ ରାଉତ, ତାପସ ପ୍ରଧାନ, ତପୁ ପାତ୍ର, ଭବାନୀ ପଣ୍ଡା, କୈଳାସ ଦନୈକ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ଅଣ୍ଡା ଦେବାକୁ ଆସି ଜୀବନ ହାରୁଛନ୍ତି ବିରଳ ଅତିଥି ଅଲିଭ ରିଡଲେ

ଅସ୍ତରଙ୍ଗ (ମହାଭାରତ) :ବିରଳ ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଏବଂ ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେବା ସହିତ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଖର୍ଚ୍ଚ କରୁଚନ୍ତି କିନ୍ତୁ ତାହା କିଛି ଆସାଧୁ କର୍ମଚାରୀ ଙ୍କ ଅବହେଳା ପାଇଁ କାଗଜ ପତ୍ର ରେ ରେ ସୀମିତ ରହିଯାଉଛି। ଯାହାର ଜ୍ୱଳନ୍ତ ଉଦାହାରଣ ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବନଖଣ୍ଡ ଅଧିନ ପୀର ଜାହାନିଆ ସମୁଦ୍ର ଉପକୂଳ ରେ। ସୂଚନା ମୁତାବକ ବିରଳ ଅଲିଭ ରିଡଲେ କଇଁଚ ଙ୍କ ସୁରକ୍ଷା ଏବଂ ସୁରକ୍ଷିତ ଅଣ୍ଡା ଦାନ, ମାଛ ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ନଭେମ୍ବର ୧ତାରିଖ ରୁ ମେ ମାସ ୩୧ତାରିଖ ପର୍ଯ୍ୟନ୍ତ ସମୁଦ୍ର କୂଳରୁ ୨୦କିଲୋମିଟର ପର୍ଯ୍ୟନ୍ତ ସମୁଦ୍ର ଭିତର କୁ ନିଷିଦ୍ଧାଞ୍ଚଳ ଘୋଷଣା କରିଥିବା ବେଳେ



କୌଣସି ପ୍ରକାର ଯନ୍ତ୍ର ଚାଳିତ ଡ଼ଙ୍ଗା ର ଚଳାଚଳ ଉପରେ ରୋକ ଲଗାଇଛନ୍ତି। କିନ୍ତୁ ଏଠି ସବୁ କଟକଣା ଫେଲ ମାରୁଚିୟ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ଏବଂ କାର୍ଯ୍ୟ ରେ ଅବହେଳା କାରଣରୁ ଗତ କିଛି ଦିନ ଭିତରେ ନିଷିଦ୍ଧାଞ୍ଚଳ ଏରିଆ କୁ ଅନୁପ୍ରବେଶ କରିଥିବା ଅନେକ ଟ୍ରଲର କୋଷ୍ଟ ଗାର୍ଡ, ବନ ବିଭାଗ ଦ୍ୱାରା ଜବତ ହେବାରେ ଅବହେଳା ହୋଇଛି। ଅବାଧ ଟ୍ରଲର ଅନୁପ୍ରବେଶ କାରଣରୁ ମରୁଛନ୍ତି ନିରୀହ ବିରଳ ଅଲିଭ ରିଡଲେ କଇଁଚ ଏବଂ ବିରଳ ପ୍ରଜାତିର ଏରାଓ୍ୱାଡ଼ ଡ଼ଲଫିନ, ଶହ ଶହ କଇଁଚ ଙ୍କ ମୃତ ଦେହ ସମୁଦ୍ର କୂଳରେ ଲାଗୁଚନ୍ତି। ଯାହାଙ୍କୁ କିଛି ବ୍ୟକ୍ତି ମାନେ ନେଇକି କୌଣସି ସ୍ଥାନରେ କବର ଦେଉଛନ୍ତି ତ ଆଉ କେଉଁଠି ନଷ୍ଟ କରିଦେଉଛନ୍ତି ।ଯାହାକୁ କିଛି ସମାଜ ସେବୀ ମୋବାଇଲ ରେ କୟଦ କରିବା ସହ ସାମାଜିକ ଗଣମାଧ୍ୟମ ରେ ପୋଷ୍ଟ କରିବା ପରେ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି ।ବନ ବିଭାଗ ର ଅବହେଳା କାରଣ ରୁ ଯଦି ବାରମ୍ବାର ସୁରକ୍ଷା କର୍ମୀ ଙ୍କୁ ଚକମା ଦେଇ ନିଷିଦ୍ଧାଞ୍ଚଳ କୁ ଟ୍ରଲର ଅନୁପ୍ରବେଶ କରେ ତାହାଲେ ଏପରି ବିରଳ ପ୍ରଜାତିର ସାମୁଦ୍ରିକ ଯିବ ଦିନେ ଲୋପ ପାଇଯିବ। ତେଣୁ ଜିଲ୍ଲା ପ୍ରଶାସନ ଏହି ଘଟଣା କୁ ଜରୁରୀ ମନେ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅଞ୍ଚଳ ବସୀ ଦାବି କରିଛନ୍ତି ।

## ବିଜ୍ଞାନ ମେଳାରେ ମନମୋହିଲା ଦୁଇ ଛାତ୍ରଙ୍କ କ୍ରସ୍ ରକେଟ୍



ଅସ୍ତରଙ୍ଗ(ମହାଭାରତ) : ସୋମବାର ଦିନ ଅସ୍ତରଙ୍ଗ ଉକୁଳେଇ ସ୍ଥିତ ଏକ୍ସଟି ଜାଭିଅର ବିଦ୍ୟାଳୟ ପ୍ରାଙ୍ଗଣରେ ୯ମ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଆନୁକୂଲ୍ୟରେ ବିଦ୍ୟାଳୟ ରେ ନର୍ସରୀ ଶ୍ରେଣୀ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୫୬ ଗୋଟି ପ୍ରକଳ୍ପ ସ୍ଥାନ ପାଇଛି, କନିଷ୍ଠ ଶ୍ରେଣୀ ପିଲା ମାନଙ୍କ ଦ୍ୱାରା ପରିବେଶ, ଉତ୍ତମ ସ୍ୱାସ୍ଥ୍ୟ, ଟ୍ରାଫିକ ଶୃଙ୍ଖଳା, ପ୍ରଦୂଷଣ ମୁକ୍ତ ପାଇଁ ଅନେକ ଜ୍ଞାନ ଭିତ୍ତିକ ପ୍ରକଳ୍ପ ଆସିଥିବା ବେଳେ ବରିଷ୍ଠ ଶ୍ରେଣୀ ପିଲା ମାନଙ୍କ ତରଫରୁ ଅନେକ ସ୍ମାର୍ଟ ଆଉ ଡିଜିଟାଲ ଭିତ୍ତିକ ପ୍ରକଳ୍ପ ସ୍ଥାନ ପାଇଛି, ସବୁଠୁ ନିଆରା ପ୍ରକଳ୍ପ ଥିଲା ୧୯୪୪ ମସିହା ରେ ଡ଼ିଆରଡିଓ ଅନୁମୋଦିତ କ୍ରସ ରକେଟ ପ୍ରକଳ୍ପ,ଯାହାକୁ ବର୍ତ୍ତମାନ ନିଭୟା ନାମରେ ନାମିତ କରିବା ସହ ଡିଜିଟାଲ ଯୁଗରେ ଏହାର ମାନ୍ୟତା କୁ ବଞ୍ଚାଇ ରଖିବାକୁ କରିଛନ୍ତି ପ୍ରୟାସ, ଅତ୍ୟନ୍ତ ନିଖୁଣ ଭାବେ ଦୁଇ ଗୋଟି ଅଷ୍ଟମ ଶ୍ରେଣୀ ଛାତ୍ର ଦିବ୍ୟଜ୍ୟୋତି ଦାସ ଓ ଆୟୁଷ୍ମାନ ମଲ୍ଲିକ ପଦର୍ଶନ କରିବା ସହ ଉପସ୍ଥିତ ଅଭିଭାବକ, ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କୁ ଆକୃଷ୍ଟ କରିଥିଲା। ବିଦ୍ୟାଳୟ ପ୍ରାଙ୍ଗଣର ପଡିଆ ରେ ସର୍ବ ସମ୍ମୁଖରେ ଏହି ରକେଟ କୁ ଫାୟାର କରାଯାଇଥିଲା। ସେଥିପାଇଁ ତାଙ୍କୁ ସହଯୋଗ କରିଥିଲେ ତାଙ୍କ ପ୍ରକଳ୍ପ କୋର୍ଡିନେଟର ଶିକ୍ଷୟତ୍ରୀ ଶାସ୍ତୀ ଶୁଭଦର୍ଶିନୀ, ପରିଶେଷରେ ରେ ଏହି ଦୁଇ ଛାତ୍ର ବୈଜ୍ଞାନିକ ସିନିଅର ଟିମ୍ ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।ବିଜ୍ଞାନ କୁ ନେଇ ଭାରତ ର ପ୍ରତିରକ୍ଷା ର ସୂଚନା ଦେବା ସହ ଛୋଟ ଛୋଟ ଛାତ୍ର ଛାତ୍ରୀ ଙ୍କ ବିକାଶ ରେ ବୈଜ୍ଞାନିକ ଭିତ୍ତିକ ମାନସିକତା ସଦା ସର୍ବଦା ଜାଗ୍ରତ ପ୍ରହରୀ ହେଇ ରହିବାକୁ ଅନୁଷ୍ଠାନ ତରଫରୁ କରାଯାଇଥିବା ପ୍ରୟାସ କୁ ମୁଖ୍ୟ ଅତିଥି ଅସ୍ତରଙ୍ଗ ବ୍ଲକ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ମଙ୍ଗୁଳି ଦାସ ଉଦବୋଧନ ଦେଇଥିଲେ। ଏଥି ସହିତ ଜଜ୍ ଭାବେ ଯୋଗ ଦେଇଥିଲେ ରବୀନ୍ଦ୍ର କୁମାର ସାମନ୍ତରାୟ ଓ ରାମଚନ୍ଦ୍ର ବିଶ୍ୱାଳ, ଅନ୍ୟ ମାନଙ୍କ ଭିତରେ ବିଦ୍ୟାଳୟ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ନାୟକ, ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ସେନାପତି, ସହ ଅଧକ୍ଷା ମିନା ପରିଡା ଆଜିର ବିଜ୍ଞାନ ମେଳା କୁ ଦାୟିତ୍ୱ ସହକାରେ ନିର୍ବାହ କରିଥିବା ବେଳେ ବିଦ୍ୟାଳୟ ର ସମସ୍ତ ଶିକ୍ଷୟତ୍ରୀ ଓ ଶିକ୍ଷକ ମାନେ ଉପସ୍ଥିତ ରହିଥିଲେ।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସମ୍ବର୍ଦ୍ଧନା ମଞ୍ଚ ତରଫ ରୁ ମେଧାବୀ ଛାତ୍ରଛାତ୍ରୀ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର ୧୩ ଅଙ୍କୁରା ର ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ରତ୍ନାକର ମହାନ୍ତ ଓ ଶିକ୍ଷୟିତ୍ରୀ ଜୟନ୍ତୀ ମହାନ୍ତ ଙ୍କର ସୁପୁତ୍ର ଲୋହିତ କୁମାର ମହାନ୍ତ ୨୦୨୩ ମସିହା ଓ ପି ଏସ ସି ପରୀକ୍ଷାରେ ସଫଳତା ଲାଭ କରି ପ୍ରଶାସନିକ ଅଧିକାରୀ ପଦବୀ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କର ବାସଗୃହ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ସଦାନନ୍ଦ ମହାନ୍ତ ଲୋହିତ କୁମାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ମେଧାବୀ ଛାତ୍ର ଛାତ୍ରୀ ସମ୍ବର୍ଦ୍ଧନା ମଞ୍ଚ ସ୍ୱାମ ପାଟଣା ତରଫରୁ ସ୍ୱାମ ପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ଭାଷ୍ୟକାର ପାର୍ଥସାରଥୀ ବେଜ୍ ଲୋହିତ କୁମାରଙ୍କୁ ଜଣେ ଆଦର୍ଶ ପ୍ରଶାସକ ଜୀବନ ନିର୍ବାହ କରିବାକୁ ପ୍ରେରଣା ଦେଇଥିଲେ। ବେଗନାଖମଣ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ମହାନ୍ତ,ପାଟଣା ବ୍ଲକ୍ ର ଶିକ୍ଷକ ନେତା ପ୍ରମୋଦ କୁମାର ମହାନ୍ତ, ଖଜୁରୀ ସାଗର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଶାନ୍ତ କୁମାର ଜେନା, ଦା ମାହୁଦାର ଅବସରପ୍ରାପ୍ତ ଶିକ୍ଷକ ନନ୍ଦକିଶୋର ମହାନ୍ତ, କରଞ୍ଜିଆ ଅଞ୍ଚଳର ସାମାଜିକ କର୍ମୀ ମଦନମୋହନ ବାରିକ୍ ଓ ଓଡ଼ିଶା କୃଷକ ମୋର୍ଚ୍ଚା ର ରାଜ୍ୟ ଉପ ସଭାପତି ପ୍ରଦୀପ କୁମାର ମହାନ୍ତ ପ୍ରମୁଖ ଶୁଭେଚ୍ଛୁ ବୃନ୍ଦ ଉପସ୍ଥିତ ରହି ଲୋହିତ କୁମାର ଏବଂ ତାଙ୍କ ପିତାଙ୍କୁ ଉତ୍ତରୀୟ ପ୍ରଦାନକରି ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ସ୍ୱାମପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ତଥା ସାମାଜିକ କର୍ମୀ ବିଦ୍ୟାଧର ମହାନ୍ତ ଲୋହିତ କୁମାରଙ୍କୁ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରିବା ସହିତ ତାଙ୍କର ମାତା ଜୟନ୍ତୀ ମହାନ୍ତ ଙ୍କୁ ଅଙ୍ଗବସ୍ତ୍ର ଉପଢୌକନ ପ୍ରଦାନ ପୂର୍ବକ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରି ଆଶୀର୍ବାଦ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ରାଜଶ୍ରୀ ମହାନ୍ତ ଏବଂ ପୃଥ୍ୱୀରାଜ ମହାନ୍ତ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ।

## ମାନସିକ ବିକାରଗ୍ରସ୍ତ ମହିଳାକୁ ଉଦ୍ଧାର କଲା ଆସିକା ପୋଲିସ

ଆସିକା(ମହାଭାରତ):ଦୀର୍ଘ ଦଶ ଦିନ ହେବ ଅସହାୟ ଅବସ୍ଥାରେ ଆସିକା ସହର ମଧ୍ୟରେ ଘୁରି ବୁଲୁଥିବା ଅସହାୟ ମହିଳା କୁ ଉଦ୍ଧାର କରିଛି ଆସିକା ପୋଲିସ ।ପ୍ରକାଶ ଥାଉକି ଗତ ଦଶ ଦିନ ହେବ ଜଣେ ମହିଳା ଆସିକା ସହର ମଧ୍ୟରେ ଏଣେତେଣେ ଘୁରିବୁଥିବାର ଖବର ପାଇ ଆସିକା ଥାନା ଅଧିକାରୀ କୁଳମଣୀ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଆସିକା ପୋଲିସର ମହିଳା ଏସ ଆଇ ଏଲିସ୍ମିତା ଜେନା ଙ୍କ ନେତୃତ୍ୱରେ ଏକ ଟିମ ବିଭନ୍ନ ସ୍ଥାନରେ ଖୋଜା ଖୋଜି କରିବା ପରେ ଉକ୍ତ ମହିଳାଙ୍କୁ ଆସିକା ପଞ୍ଚମୁଖୀ ହନୁମାନ ମନ୍ଦିର ଠାରୁ ଠାବ କରି ଆସିକା ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ବ୍ରହ୍ମପୁର ସ୍ଥିତ ସକ୍ଷୀ ୱାନ ଷ୍ଟେପ



ହୋମ କୁ ସ୍ଥାନାତରିତ କରାଯାଇଛି ।ପ୍ରକାଶ ଥ । ଉ କ ି ଅସହାୟ,ମାନସିକ ବିକାରଗ୍ରସ୍ତ, ଶିଶୁ, ମହିଳା ମାନଙ୍କ ଦାଇତ୍ୱରେ ଆସିକା ସ ି ଡ ି ପ ି ଓ , ସୁପରଭାଇଜର,ବ୍ଲକ ଜ ନ ମ ଙ୍ଗ ଳ ଅଧିକାରୀ, ପ୍ରତେକ ୱାର୍ଡରେ ଜଣେ ଜଣେ ଅଙ୍ଗନବାଡି କର୍ମୀ ଥିବା ସତ୍ୱେ ଦୀର୍ଘ ୧୦ଦିନ ଧରି ଉକ୍ତ ମହିଳା ଜଣକ ସହର ମଧ୍ୟରେ ଘୁରି ବୁଲୁଥିଲେ ମଧ୍ୟ ଏହି ଅଧିକାରୀ ମାନଙ୍କ ନଜର କୁ କିପରି ଆସିଲାନାହିଁ ତାହା ବର୍ତ୍ତମାନ ଅଞ୍ଚଳ ବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅଧିକାରୀ ମାନେ ଥିବା ସତ୍ୱେ ଆସିକା ଅ□ଳ ବାସୀ,ବୁଦ୍ଧିଜୀବୀ,ସଚେତନ ନାଗରିକ ମାନେ ପୋଲିସକୁ ଖବର ଦେବା ପରେ ଆସିକା ପୋଲିସ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ମହିଳା ଜଣକ ଉଦ୍ଧାର ହୋଇଥିଲା ।ଏହି ଅଧିକାରୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳ ବାସୀ ଦାବୀ କରିଛନ୍ତି।

## ଶ୍ରୀ ସତ୍ୟ ସାଇ ବାବାଙ୍କ ଜନ୍ମ ଶତବର୍ଷିକି ସମାରୋହରେ ଯୋଗ ଦେଲେ ମନ୍ତ୍ରୀ ସମ୍ପଦ ସ୍ୱାଇଁ



ପାରାଦୀପ (ମହାଭାରତ):ଶ୍ରୀ ଶ୍ରୀ ସତ୍ୟ ସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ପାରାଦ୍ୱୀପ ନୂଆବଜାର ସ୍ଥିତ ସତ୍ୟ ସାଇ ମନ୍ଦିରରେ ସତ୍ୟ ସାଇ ସେବା ସମିତି ପକ୍ଷରୁ ରବିବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସାମିଲ ହୋଇ ବ୍ରହ୍ମଲୀନ ଶ୍ରୀ ଶ୍ରୀ ସତ୍ୟ ସାଇ ବାବାଙ୍କ ଚରଣରେ ବିନମ୍ର ପ୍ରଣାମ ଜଣାଇଥିଲେ ।ଶ୍ରୀ ସତ୍ୟ ସାଇ ବାବାଙ୍କ ବସୁଦେବ କଟୁମ୍ବକମ ନୀତି ଓ ପ୍ରତ୍ୟେକ ବାର୍ତ୍ତା କରୁଣାକୁ, ପ୍ରତ୍ୟେକ ଚିନ୍ତାଧାରା ଶାନ୍ତିକୁ ଏବଂ ପ୍ରତ୍ୟେକ କାର୍ଯ୍ୟ ସେବାକୁ ପ୍ରତିଫଳିତ କରିଥାଏ । ସ୍ନେହ, ପ୍ରେମ ଓ ସେବା ଦ୍ୱାରା ସମଗ୍ର ବିଶ୍ୱକୁ ଏକ ସୂତ୍ରରେ ବନ୍ଧା ଯାଇ ପାରିବ ବୋଲି ବାବା ସର୍ବଦା ଉପଦେଶ ଦେଉଥିଲେ ।ଶ୍ରୀ ସତ୍ୟ ସାଇ ବାବା ସମାଜ ଏବଂ ଲୋକଙ୍କ କଲ୍ୟାଣ ପାଇଁ ଆଧ୍ୟାତ୍ମିକତାକୁ ଉପଯୋଗ କରିଥିଲେ ଏବଂ ଏହାକୁ ନିଃସ୍ୱାର୍ଥପର ସେବା, ଚରିତ୍ର ଗଠନ ଏବଂ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ସହିତ ସଂଯୋଗ କରିଥିଲେ। ଗରୀବ ଓ ବଞ୍ଚିତ ଶ୍ରେଣୀଙ୍କ ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜ କଲ୍ୟାଣ କ୍ଷେତ୍ରରେ ତାଙ୍କର ଅବଦାନ ସର୍ବଦା ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉପସ୍ଥିତ ସାଇ ଶ୍ରଦ୍ଧାଳୁ ମାନଙ୍କୁ ସମ୍ବୋଧିତ କରିଥିଲେ।

## ମା' ଖୋଜେ ମମତା ନାଟକ ମଞ୍ଚସ୍ଥ



ବାଲିପାଟଣା - ( ମହାଭାରତ) ବାପା ମରିଗଲା ପରେ ମା ପର ଦୁଆରେ ମୁଲ ଲାଗି ପିଅକୁ ବଡ଼ କରେ ପୁଅ ବଡ଼ ଚାକିରୀ କରି ବାହାରକୁ ଯାଏ ମୋଟା ପଇସା କମାଏ ଓ ଭଲ ପାଇ ବାହା ହୋଇ ଆଉ ଘରକୁ ଫେରେନା । କିନ୍ତୁ ମା ର ଭାଗ୍ୟ ବଦଳେ ନାହିଁ । ସେ ଗାଁ ରେ ଯେମିତି ଏକାକୀ ସଂଘର୍ଷ କରୁଥିଲା ସେମିତି ସଂଘର୍ଷ କରି ବଞ୍ଚେ। ଶେଷରେ ପୁଅ ଲାଞ୍ଚ କାରବାରରେ ଚାକିରୀ ହରାଏ ଜେଲ ଯାଏ । ପଇସା ସବୁ ସରିଯାଏ ତା ସ୍ତ୍ରୀ ଠାରୁ ଯାହା ଙ୍କ ପାଇଁ ସେ ମା କୁ ଭୁଲି ଥିଲା ।ସମସ୍ତଙ୍କ ଠାରୁ ଧୋକା ପାଏ ଫେରିଆସେ ଗାଁ କୁ ମା ପାଖକୁ କିନ୍ତୁ ମା ସେତେବେଳେ ଆଉ ଏ ଜଗତ ରେ ନଥାଏ । ମା ପୁଅ ର ମମତା ଖୋଜି ଖୋଜି ଚାଲିଯାଏ ଆଉ ପାରିକୁ ପୁଅ ମା କୁ ହତାଦର କରି ଜୀବନ ରେ ଠୋକର ପାଏ ଏଭଳି ଏକ ହସ କାନ୍ଦ ଭରା ସାମାଜିକ ନାଟକ ମଞ୍ଚସ୍ଥ ହୋଇଛି ବାଲିପାଟଣାରେ । ଶ୍ରୀ ସତ୍ୟସାଇ ଭଜନ କେନ୍ଦ୍ର ଶେଉଳକୁଣ୍ଡ ର କୁନି କୁନି ବାଳ ବିକାଶ ପିଲାମାନେ କନ୍ଦେଇ ଦେଇଛନ୍ତି ଶହଶହ ଦର୍ଶକଙ୍କୁ । ଶ୍ରୀ ସତ୍ୟସାଇ ବାବା ଙ୍କ ଶହେତମ ଜନ୍ମ ଜୟନ୍ତୀ ମହୋତ୍ସବରେ ଆଜି ର ସନ୍ଧ୍ୟା ରେ ଅନୁଷ୍ଠିତ ଫିଜ୍ୟନ ନାଟକ ର ପରିକଳ୍ପନା କରିଥିଲେ ପୁଷ୍ପାଞ୍ଜଳି ସାହୁ । ଏଥି ସହିତ ଆଜି ର । ଜ ସ , ର ୟ ଡ. ଦେଉଳି ,ପମ୍ପାଲୋ,ସରାଟ ଶାସନ,ବାଲିପାଟଣା ଆଦି ସଂଗଠନ ର କୁନି କୁନି ଚାରି ବର୍ଷ ରୁ ବାର ବର୍ଷ ବାଳବିକାଶ ପିଲାମାନଙ୍କ ଗୀତ, ନାଚ ଓ ଅଭିନୟ ରେ କମ୍ପିଥିଲା ବାଲିପାଟଣା । ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମ ରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ଯୋଗଦେଇ କହିଥିଲେ ସେବା ଭାବ ରଖି ଆଗେଇଲେ ଭଗବାନ ତୁମ ସାଥି ହେବେ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର କହିଥିଲେ। କୁନି କୁନି ପିଲାମାନଙ୍କୁ ମୂଲ୍ୟବୋଧ ଶିକ୍ଷା ର ଆବଶ୍ୟକତା ଅଛି ଯାହା ଶ୍ରୀ ସତ୍ୟସାଇ ବାବା ଙ୍କ ବାଳ ବିକାଶ ରୁ ମିଳିଥାଏ। ଶ୍ରୀ ସତ୍ୟ ସାଇ ସେବା ସମିତି ପକ୍ଷରୁ ଆୟୋଜିତ ଜନ୍ମମହୋତ୍ସବ ରେ ସନମାନିତ ଅତିଥି ଭାବେ କିଶୋର ଜେନା, ଜ୍ୟୋସ୍ନାରାଣୀ ଦାଶ, ରଶ୍ମିରଂଜନ ପଣ୍ଡା ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ଓଁକାରମ, ସୁପ୍ରଭାତ, ନଗର କୀର୍ତ୍ତନ, ଷୋଡଶ ଉପଚାର ପୂଜା, ନାରାୟଣ ସେବା, ବସ୍ତ୍ର ଦାନ, ପୂଜ୍ୟ ପୂଜା, ଦୀପଦାନ,ରାଲି, ସ୍ୱର ସୁଧା ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କାର୍ଯ୍ୟକ୍ରମ କୁ ଶିବ ଚରଣ ମୁଦୁଲି, ହେମନ୍ତ କୁମାର ଦାଶ, ଶକ୍ତି ପ୍ରସାଦ ଦାଶ ,ପ୍ରକାଶ ସାହୁ, ଗୋପନ ପରିଡ଼ା, ଭଗବାନ ମହାନ୍ତି, ମିଳନ ରାଉତରାୟ,ବାସନ୍ତୀ ମିଶ୍ର, ସମର୍ପିତା ଷଡଙ୍ଗୀ, ନରେଶ ପ୍ରଧାନ, ବାହାନ ଭୋଇ, ଶତ୍ରୁଘ୍ନ ସେନାପତି, ନବ କିଶୋର ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

## ପରମପୂଜ୍ୟପାଦ ଶ୍ରୀଶ୍ରୀବଡଦାଙ୍କ ଶୁଭ୧୧୫ତମ ଜନ୍ମ ଉତ୍ସବ ପାଳନ

ପାରଳାଖେମୁଣ୍ଡି(ମହାଭାରତ): ରବିବାର ଦିନ ସତସଙ୍ଗ ବିହାର ଗଜପତି ଠାରେ ପରମ ପୂଜ୍ୟ ପାଦଶ୍ରୀଶ୍ରୀବଡଦାଙ୍କ ଶୁଭ ୧୧୫ତମ ଜନ୍ମ ଉତ୍ସବ ପାଳନ କରାଗଲା ଏହି ସତସଙ୍ଗ ରେ ଜିଲ୍ଲାର ସମସ୍ତ ଭାଇ ଓ ମା ମାନେ ଯୋଗ ଦେଇ ଥିଲେ ।ସ୍ଥାନୀୟ କର୍ମୀ ଶ୍ରୀ ପ୍ରଶାନ୍ତ କୁମାର ପ୍ରଧାନ ଶ୍ରୀ ଶ୍ରୀ ବଡ ଦା ଙ୍କ ଜୀବନୀ ଆଲୋଚନା କରିଥିଲେ ସ୍ଥାନୀୟ ଗୁରୁ ଭାଇ ଓ ମା ମାନେଞ୍ଚ ଞଭଜନ ପରିବେଷଣ କରିଥିଲେ। ସନ୍ଧ୍ୟା ୬: ୪୫ମି ରେ ଜନ୍ମ ଲଗ୍ନ ଘୋଷଣା କରାଯାଇଥିଲା ।ଏହି ସତସଙ୍ଗ ରେ ସ୍ଥାନୀୟ ଅଧ୍ୱର୍ଯ୍ୟଞ୍ଚ ଞକର୍ମୀ ଶ୍ରୀ ବିଜୟ ପଟ୍ଟନାୟକ ରା ଉଦୟଗିରି ର ଶ୍ରୀ ଶୁଭେନ୍ଦୁ ପାଣିଗ୍ରାହୀ ଯାଜକ ଶ୍ରୀ ଶ୍ୟାମ ସୁନ୍ଦର ପ୍ରଧାନ , ଶ୍ରୀ ହୃଦୟା ନନ୍ଦ ପଣ୍ଡା, ଶ୍ରୀ ନରେଶ ପ୍ରଧାନ ଶ୍ରୀ ତ୍ରିନାଥ ନାୟକ ସମେତ ବହୁ ଭକ୍ତ ମାନେ ଯୋଗ ଦେଇ ଥିଲେ।

# ଡଲାର ତୁଳନାରେ ଅତି ଦୁର୍ବଳ ସ୍ଥିତିରେ ଟଙ୍କା



ମୁମ୍ବାଇ: ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳରୁ ଅତି ଦୁର୍ବଳ ସ୍ତର ଆଡ଼କୁ ଗତି କରୁଛି । ଖୁବ୍‌ଶୀଘ୍ର ଏକ ଡଲାର ମୂଲ୍ୟ ୯୦ ଟଙ୍କାରୁ ଅଧିକ ହୋଇଯିବା ଆଶଙ୍କା କରାଯାଉଛି । ଗତ ଶୁକ୍ରବାର ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ୮୯ ଟଙ୍କା ୪୯ ପଇସା ଥିଲା । ଦେଶରେ ଆମେରିକୀୟ ଡଲାରର ବେଶ୍ ମହତ୍ୱ ରହିଛି । ତାହା ମୁଦ୍ରା ବିନିମୟ ବଜାରରେ ବିକ୍ରି ହୋଇଥାଏ । ବ୍ୟାଙ୍କ, ଆମଦାନୀକାରୀ, ବିଦେଶ ଭ୍ରମଣରେ ଯାଉଥିବା କିମ୍ବା ବିଦେଶରେ ନିଜ ପିଲାଙ୍କୁ ପାଠପଢ଼ାଉଥିବା ଲୋକମାନଙ୍କ ପାଇଁ ଡଲାର ଦରକାର ହୋଇଥାଏ । ଟଙ୍କା ଦେଇ ଡଲାର କିଣିବାକୁ ପଡ଼େ । ଡଲାର ଦାମ୍ ଯେତେ କମ୍ ରହିବ ତାହା ଭାରତୀୟଙ୍କ ପାଇଁ ଲାଭଦାୟକ । ଯେହେତୁ ଡଲାର ମହଙ୍ଗା ହେଉଛି, ତେଣୁ ସେହି ସମାନ କାମ ଲାଗି ଭାରତୀୟ ଓ ଆମଦାନୀକାରୀଙ୍କୁ ଅଧିକ ଟଙ୍କା ଗଣିବାକୁ ପଡ଼ିବ । ଏହା ଦେଶର ଅର୍ଥନୀତି ଓ ଦରଦାମ୍ ସ୍ଥିତି ପାଇଁ ବେଶ୍ କ୍ଷତିକାରକ । କେବଳ ସାଧାରଣ ଜନତା ନୁହେଁ, ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ ପାଇଁ ମଧ୍ୟ ମୁଣ୍ଡବ୍ୟଥାର କାରଣ ପାଲଟିଛି । କୌଣସି ଅପ୍ରୀତିକର ସମୟରେ ଆମଦାନୀ ଆବଶ୍ୟକତା ପୂରଣ କରିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ନିଜ ଗଚ୍ଛିତ ବୈଦେଶିକ ମୁଦ୍ରା ଭଣ୍ଡାରରେ ବିପୁଳ ଡଲାର ରଖିଛି । ଡଲାର ଚାହିଦା ବହୁତ ବଢ଼ିଯିବା ଭଳି ସମୟରେ ଦୁର୍ବଳ ହୋଇପଡୁଥିବା ଟଙ୍କାକୁ ଉଦ୍ଧାର କରିବା ଲାଗି ରିଜର୍ଭ ବ୍ୟାଙ୍କ ନିଜ ଭଣ୍ଡାରରୁ ଡଲାର ବାହାର କରି ବଜାରରେ କମ୍ ଦାମ୍‌ରେ ଉପଲବ୍ଧ କରିଥାନ୍ତି । ସେହି ହସ୍ତକ୍ଷେପ ଦ୍ୱାରା ଭଣ୍ଡାରରୁ ବହୁ ପରିମାଣର ଡଲାର ଶେଷ ହୋଇଯାଏ । ତାହାର ଭରଣା କରିବା ଲାଗି ଦୀର୍ଘ ସମୟ ଲାଗିଥାଏ । ୨୦୨୫ରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ୪.୫ ପ୍ରତିଶତ ଦୁର୍ବଳ ହୋଇଛି । ବାଣିଜ୍ୟ ନିଅଣ୍ଟ ବଢ଼ିବା, ବୈଦେଶିକ ସଂସ୍ଥାଗତ ନିବେଶକମାନେ ଷ୍ଟକ୍ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରିବା ଓ ଭାରତ-ଆମେରିକା ବାଣିଜ୍ୟ ରାଜିନାମା ବିଳମ୍ବ ହେଉଥିବାରୁ ଟଙ୍କା ଉପରେ ଚାପ ସୃଷ୍ଟି ହୋଇଛି । ସେଥିପାଇଁ ଗତ ଶୁକ୍ରବାର ଏହା ଅତ୍ୟନ୍ତ ଦୁର୍ବଳ ହୋଇ ୮୯ ଟଙ୍କା ୪୯ ପଇସା ସ୍ତରକୁ ଖସିଯାଇଥିଲା । ତେବେ ସୋମବାର ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ପରେ ଟଙ୍କା ମୂଲ୍ୟରେ ସାମାନ୍ୟ ସୁଧାର ଘଟିଛି । କିନ୍ତୁ ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ନିକଟ ଭବିଷ୍ୟତରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୦ କିମ୍ବା ୯୧ ଟଙ୍କା ସ୍ତର ଅତିକ୍ରମ କରିବ ।

ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହୋଇଥିବା ହ୍ରାସକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମାଲୋଚନା କରିବାକୁ ଭୁଲିନାହାନ୍ତି କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ । ସେ ସୋସିଆଲ ମିଡିଆ 'ଏକ୍ସ'ରେ ମୋଦୀଙ୍କ ୨୦୧୩ ଜୁଲାଇର ଏକ ଭାଷଣ ଭିଡିଓକୁ ସେୟାର କରି ପ୍ରଶ୍ନ କରିଚନ୍ତି ଯେ ପ୍ରଧାନମନ୍ତ୍ରୀ ନିଜେ ଯାହା କହିଥିଲେ ତାହା ତାଙ୍କର ମନେ ଅଛି ନା ନାହିଁ? ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ବେଳେ ମୋଦୀ ଦେଇଥିବା ଉକ୍ତ ଭାଷଣରେ କହିଥିଲେ ଯେ ଟଙ୍କା ମୂଲ୍ୟରେ ହେଉଥିବା ହ୍ରାସକୁ ଦେଖି ଲାଗୁଛି ଟଙ୍କା ଓ ଦିଲ୍ଲୀ ସରକାର ଭିତରେ ପ୍ରତିଯୋଗିତା ଚାଲିଛି, କାହାର ପ୍ରତିଷ୍ଠା କେତେ ଶୀଘ୍ର ତଳକୁ ଖସୁଛି ।

## ସାଂଘାଇ ବିମାନବନ୍ଦରରେ ଭାରତୀୟଙ୍କୁ ନିର୍ଯାତନା: ଭାରତର ତୀବ୍ର ବିରୋଧ

ନୂଆଦିଲ୍ଲୀ: ଅରୁଣାଚଳପ୍ରଦେଶର ଜଣେ ମହିଳାଙ୍କୁ ସାଂଘାଇ ବିମାନବନ୍ଦରରେ ନିର୍ଯାତନା ଦିଆଯାଇଛି । ବ୍ରିଟେନରେ ରହୁଥିବା ପ୍ରେମା ଓ୍ୱାଙ୍ଗଜମ ଥଙ୍ଗଡକ ନଭେମ୍ବର ୨୧ରେ ଲଣ୍ଡନରୁ ଜାପାନକୁ ଯାତ୍ରା କରୁଥିବାବେଳେ ସାଙ୍ଘାଇ ପୁଡଙ୍ଗ ବିମାନବନ୍ଦରରେ ସେ ୩ ଘଣ୍ଟା ଅଟକିଥିଲେ । ଏହି ସମୟରେ ଚୀନ୍‌ର ଅପ୍ରବାସନ ଅଧିକାରୀମାନେ ତାଙ୍କ ଭାରତୀୟ ପାସପୋର୍ଟ ଗ୍ରହଣ କରିନଥିଲେ ଏବଂ ତାଙ୍କୁ ନିର୍ଯାତନା ଦେଇଥିଲେ । ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି ଯେ ଅପ୍ରବାସନ କାଉଣ୍ଟରରେ ଥିବା ଅଧିକାରୀମାନେ ତାଙ୍କ ପାସପୋର୍ଟକୁ ଅବୈଧ ଘୋଷଣା କରିଥିଲେ କାରଣ ଏଥିରେ ଅରୁଣାଚଳପ୍ରଦେଶକୁ ତାଙ୍କ ଜନ୍ମସ୍ଥାନ ଭାବେ ଦର୍ଶା ଯାଇଥିଲା । ଅଧିକାରୀ ଜଣଙ୍କ ତାଙ୍କୁ କହିଥିଲେ ଯେ ଅରୁଣାଚଳ ହେଉଛି ଚୀନ୍‌ର ଏକ ଅଂଶ । ମହିଳା କହିଛନ୍ତି, ମୁଁ ମୋ ପାସପୋର୍ଟ ଦାଖଲ କରି ଅପେକ୍ଷା କରିଥିଲି । ସେହି ସମୟରେ ଜଣେ ଅଧିକାରୀ ମୋ ନାଁ ସହ 'ଇଣ୍ଡିଆ, ଇଣ୍ଡିଆ' ଡାକିଥିଲେ । ସମ୍ପୃକ୍ତ ଅଧିକାରୀ ଜଣଙ୍କ ତାଙ୍କୁ ଇମିଗ୍ରେସନ ଡେସ୍କ ପାଖକୁ ନେଇ କହିଥିଲେ, 'ଅରୁଣାଚଳ ବୈଧ ପାସପୋର୍ଟ ନୁହେଁ' । ଯେତେବେଳେ ସେ ପ୍ରଶ୍ନ କରିଥିଲେ ଯେ ତାଙ୍କ ଭାରତୀୟ ପାସପୋର୍ଟ କାହିଁକି ବୈଧ ଦୁହେଁ । ଏହାର ଉତ୍ତରରେ ଅଧିକାରୀ ଜଣଙ୍କ କହିଥିଲେ ଯେ ଅରୁଣାଚଳ ଚୀନ୍‌ର ଏକ ଅଂଶ । ଏହି ଘଟଣାକୁ ଭାରତ ତୀବ୍ର ବିରୋଧ କରିଛି । ଇତି ମଧ୍ୟରେ ଜାଣିବାକୁ ମିଳିଛି ଯେ ବେଜିଂ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଉକ୍ତ ଯାତ୍ରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରାଯାଇଛି ।

# ପଶ୍ଚିମବଙ୍ଗରେ ନିର୍ମାଣ ହେବ ବାବ୍ରି ମସ୍‌ଜିଦ୍, ଡିସେମ୍ବର ୬ରେ ହେବ ଭିତ୍ତିପ୍ରସ୍ତର ସ୍ଥାପନ





କୋଲକାତା: ପଶ୍ଚିମବଙ୍ଗରେ ନିର୍ମାଣ ହେବ ବାବ୍ରି ମସ୍‌ଜିଦ୍ । ବିଧାନସଭା ନିର୍ବାଚନ ପୂର୍ବରୁ ଏଭଳି ଘୋଷଣା କଲେ ତୃଣମୂଳ କଂଗ୍ରେସର ବିଧାୟକ ହୁମାୟୁନ୍ କବୀର । ତାଙ୍କର ଏହି ଘୋଷଣା ସହିତ ପଶ୍ଚିମବଙ୍ଗ ରାଜନୀତି ଏକ ସାମ୍ପ୍ରଦାୟିକ ମୋଡ଼ ନେଇଛି । ସେ ଘୋଷଣା କରିଛନ୍ତି ଯେ, ଡିସେମ୍ବର ୬ ତାରିଖରେ ମୁର୍ଶିଦାବାଦ ଜିଲ୍ଲାର ବେଲଡାଙ୍ଗାରେ ବାବ୍ରି ମସଜିଦ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ୩୩ ବର୍ଷ ପୂର୍ବେ ଡିସେମ୍ବର ୬ ତାରିଖରେ ଅଯୋଧ୍ୟାରେ ଥିବା ବାବ୍ରି ମସଜିଦ ଭଙ୍ଗା ଯାଇଥିଲା । ଏବେ ସେହି ତାରିଖରେ ମସଜିଦର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ସେ ଘୋଷଣା କରିଛନ୍ତି । ହୁମାୟୁନ୍‌ଙ୍କ ଏହି ଘୋଷଣା ପରେ ରାମ ମନ୍ଦିର ଆନ୍ଦୋଳନ ସହ ଜଡିତ ବିଜେପି ନେତ୍ରୀ ଉମା ଭାରତୀ ଟିଏମସି ବିଧାୟକଙ୍କ ଏହି ବୟାନ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, 'ଆମେ ପୂଜା ନାମରେ ନିର୍ମିତ ମସଜିଦକୁ ସମ୍ମାନ କରିବୁ, କିନ୍ତୁ ବାବରଙ୍କ ନାମରେ ନିର୍ମିତ ମସଜିଦ ଭାଙ୍ଗି ଦିଆଯିବ । ଡିସେମ୍ବର ୬ରେ ଅଯୋଧ୍ୟାରେ ଥିବା ବାବ୍ରି ମସଜିଦର ଅବସ୍ଥା ଯାହା ହୋଇଥିଲା ପଶ୍ଚିମବଙ୍ଗରେ ବାବ୍ରି ମସଜିଦ ନିର୍ମାଣ ହେଲେ ତା'ର ଅବସ୍ଥା ମଧ୍ୟ ସେଭଳି ହେବ ।' ହୁମାୟୁନ୍ କବୀର କହିଥିଲେ ଯେ, ଡିସେମ୍ବର ୬ତାରିଖରେ ବେଲଡାଙ୍ଗାରେ ବାବରୀ ମସଜିଦର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ । ଏହି କାର୍ଯ୍ୟକ୍ରମରେ ମୁସଲିମ୍ ସମ୍ପ୍ରଦାୟର ଅନେକ ନେତା ଅଂଶଗ୍ରହଣ କରିବେ । ଏହି ନିର୍ମାଣ କାର୍ଯ୍ୟ ତିନି ବର୍ଷ ମଧ୍ୟରେ ସମାପ୍ତ ହେବ । ଏହି କାର୍ଯ୍ୟକ୍ରମରେ ଅନେକ ମୁସଲିମ୍ ମୌଲବୀଙ୍କୁ ନିମନ୍ତ୍ରଣ କରାଯିବ । ହୁମାୟୁନ୍ କବୀର ୨୦୨୧ ମସିହାରେ ଭରତପୁର ବିଧାନସଭା ଆସନରୁ ଜିତିଥିଲେ । ଏବେ ବିଧାନସଭା ନିର୍ବାଚନ ୨୦୨୬ ମସିହାରେ ଅନୁଷ୍ଠିତ ହେବାକୁ ଯାଉଛି । ୨୦୨୧ ମସିହାରେ ହୁମାୟୁନ୍ କବୀର ୯୬ ହଜାର ୨୨୬ ଭୋଟ ପାଇଥିଲେ । ସେ ବିଜେପିର ଇମାନ କଲ୍ୟାଣ ମୁଖାର୍ଜୀଙ୍କୁ ୪୩ ହଜାର ୮୩ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ । ୨୦୧୬ ମସିହାରେ ହୁମାୟୁନ୍ କବୀର ସମାଜବାଦୀ ପାର୍ଟି ଟିକେଟରେ ଭରତପୁର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୪୯୭ ଭୋଟ ପାଇଥିଲେ । କିନ୍ତୁ ଯେତେବେଳେ ସେ ଟିଏମସିରେ ଯୋଗଦେଲେ, ତାଙ୍କ ଭାଗ୍ୟ ବଦଳିଗଲା ।

## ଦୁଇ ବସ୍ ମୁହାଁମୁହିଁ ଧକ୍କା, ୬ ମୃତ

ତାମିଲନାଡୁ : ତାମିଲନାଡୁର ତେନକାସୀ ଜିଲ୍ଲାରେ ବସ୍ ଦୁର୍ଘଟଣା । ଦୁଇଟି ବସ୍ ପରସ୍ପର ସହିତ ଧକ୍କା ହେବାରୁ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା । ଏହାପରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଜାରି ହୋଇଥିଲା । ଖବର ମୁତାବକ, ଗୋଟିଏ ଘରୋଇ ବସ୍ ମାଦୁରାଇରୁ ଶେନକୋଟାଇ ଯାଉଥିବା ବେଳେ ଅନ୍ୟଟି ତେନକାସୀରୁ କୋଭିଲପଟ୍ଟି ଯାଉଥିଲା । ବସ୍ ପରସ୍ପର ସହିତ ଧକ୍କା ହେବା ପରେ ବସଟି ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା । ସ୍ଥାନୀୟ ପ୍ରଶାସନ ଏବଂ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ । ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ, ପ୍ରାରମ୍ଭିକ ତଦନ୍ତ ଅନୁସାରେ, ମାଦୁରାଇରୁ ଶେନକୋଟାଇ ଯାଉଥିବା ବସ୍ ର ଡ୍ରାଇଭରଙ୍କ ଅବହେଳା ଏବଂ ଦ୍ରୁତ ଗତି ଦୁର୍ଘଟଣାର ମୁଖ୍ୟ କାରଣ ବୋଲି ଅନୁମାନ କରାଯାଉଛି । ତେବେ ସମସ୍ତ ୨୮ ଜଣ ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## ପାକିସ୍ତାନର ଫ୍ରଣ୍ଟିଅର କର୍ପସ ମୁଖ୍ୟାଳୟ ଉପରେ ଆକ୍ରମଣ, ୩ ମୃତ



ପାକିସ୍ତାନ : ପାକିସ୍ତାନ ପେଶାଓ୍ୱରରେ ଆକ୍ରମଣ । ପାକିସ୍ତାନର ଅର୍ଦ୍ଧ ସାମରିକ ବାହିନୀ 'ଫ୍ରଣ୍ଟିଅର କର୍ପସ' ର ମୁଖ୍ୟାଳୟ ଉପରେ ଆକ୍ରମଣ । ବିସ୍ଫୋରଣ ପରେ ଗୁଳିମାଡ଼ ହୋଇଛି । ଦୁଇଟି ଶକ୍ତିଶାଳୀ ବିସ୍ଫୋରଣ ପରେ ଜୋରଦାର ଗୁଳିମାଡ଼ ହୋଇଛି । ବିସ୍ଫୋରଣକୁ ଆତ୍ମଘାତୀ ଆକ୍ରମଣ ବୋଲି ଅନୁମାନ କରାଯାଉଛି । ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଜଣେ ଆତ୍ମଘାତୀ ବିସ୍ଫୋରଣକାରୀ ପ୍ରବେଶ ପଥକୁ ଟାର୍ଗେଟ କରିଥିବାବେଳେ ଅନ୍ୟ ଜଣେ ସୁରକ୍ଷା ଘେର ଭିତରକୁ ପଶିଯାଇଥିଲା । ୪ ରୁ ୬ ଜଣ ସଶସ୍ତ୍ର ଆକ୍ରମଣକାରୀ ମୁଖ୍ୟାଳୟ ଭିତରକୁ ପଶିଥିଲେ । ଆତ୍ମଘାତୀ ବିସ୍ଫୋରଣ ପରେ ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ପାକିସ୍ତାନ ସୁରକ୍ଷା ବାହିନୀ ତୁରନ୍ତ ସେହି ଅଞ୍ଚଳକୁ ଘେରି ଯାଇଥିଲେ । ନିକଟସ୍ଥ ସାମରିକ ବେସ୍ କୁ ସଂଯୋଗ କରୁଥିବା ରାସ୍ତାକୁ ସିଲ୍ କରିଦିଆଯାଇଛି । ଜବାବୀ କାର୍ଯ୍ୟାନୁଷ୍ଠାନରେ ୫ ଜଣ ଆତଙ୍କବାଦୀ ନିହତ ହୋଇଥିବା ସୂଚନା ମିଳିଛି । ଆତ୍ମଘାତୀ ବିସ୍ଫୋରଣ ଯୋଗୁଁ ୩ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ରହିଛି । ତେବେ ପରିସ୍ଥିତି ଗମ୍ଭୀର ଥିବାରୁ ମୃତାହତଙ୍କ ସଠିକ୍ ସଂଖ୍ୟା ଜଣାପଡିନାହିଁ ।

## ଅଷ୍ଟ୍ରେଲୀୟ ସାଂସଦଙ୍କ ବୁର୍ଖା ପିନ୍ଧାକୁ ନେଇ ବିବାଦ



ସିଡନି: ଅଷ୍ଟ୍ରେଲିଆ ସଂସଦରେ ଜଣେ ସିନେଟର ପୌଲିନ ହାନସନଙ୍କ ବୁର୍ଖା ପିନ୍ଧିବାକୁ ବିରୋଧ କରାଯାଇଛି । ବୁର୍ଖାକୁ ନିଷିଦ୍ଧ କରିବା ପାଇଁ ସାଂସଦ ପୌଲିନ ଏକ ନୂଆ ପଦକ୍ଷେପ ଗ୍ରହଣ କରି ସଂସଦକୁ ଏହା ପିନ୍ଧି ଯାଇଥିଲେ । ସର୍ବସାଧାରଣ ସ୍ଥଳରେ ବୁର୍ଖାକୁ ନିଷିଦ୍ଧ ପାଇଁ ଏକ ବିଲ୍ ଆଣିବାକୁ ପୌଲିନଙ୍କୁ ଅନୁମତି ନମିଳିବାରୁ ସେ ଏହାକୁ ବିରୋଧ କରି ଆଜି ଏକ ବୁର୍ଖା ପିନ୍ଧି ସିନେଟ ଚାମ୍ବରକୁ ପ୍ରବେଶ କରିଥିଲେ । ପୌଲିନ ହାନସନ ସଂସଦକୁ ଦ୍ୱିତୀୟ ଥର ପାଇଁ ବୁର୍ଖା ପିନ୍ଧି ଯାଇଛନ୍ତି । ସଂସଦରେ ହାନସନଙ୍କ ବୁର୍ଖା ପିନ୍ଧାକୁ ନେଇ ବିବାଦ ହୋଇଥିଲା ଏବଂ ତାଙ୍କୁ ଏହା କାଢ଼ିବା ପାଇଁ କୁହାଯାଇଥିଲା ।

ପରେ ଫେସବୁକରେ ଏକ ପୋଷ୍ଟ୍ କରି ହାନସନ କହିଛନ୍ତି, ତାଙ୍କ ପ୍ରସ୍ତାବିତ ବିଲ୍‌କୁ ସିନେଟ୍ ଅନୁମତି ଦେଇନଥିବାରୁ ଏହାକୁ ବିରୋଧ କରି ସେ ବୁର୍ଖା ପିନ୍ଧି ଯାଇଥିଲେ । ସେ କହିଛନ୍ତି, ' ଯଦି ସଂସଦ ଏହାକୁ ନିଷିଦ୍ଧ କରିବ ନାହିଁ ତେବେ ମୁଁ ଏହା ପରିଧାନ କରିବି । ଯଦି ସେମାନେ ଚାହୁଛନ୍ତି ଯେ ସଂସଦରେ ମୁଁ ଏହାକୁ ପରିଧାନ କରିବି ନାହିଁ ତେବେ ସେମାନେ ବୁର୍ଖା ନିଷିଦ୍ଧ କରନ୍ତୁ ।

# ଲାଲକିଲ୍ଲାରୁ କାଶ୍ମୀର: ଭାରତର ଆତଙ୍କବାଦୀ ତଦନ୍ତରେ ତୁର୍କୀ କାହିଁକି ଆସୁଛି ?



ନୂଆଦିଲ୍ଲୀ: ଦିଲ୍ଲୀ ବିସ୍ଫୋରଣକୁ ଘେରି ରହିଥିବା ସମସ୍ତ ଅନୁସନ୍ଧାନରେ ସାଧାରଣ ସନ୍ଦିଗ୍ଧମାନଙ୍କ ସହିତ ଚର୍ଚ୍ଚାକୁ ଆସିଛି ତୁର୍କୀ । ଭାରତ ବିରୋଧରେ ପାକିସ୍ତାନକୁ ସମର୍ଥନ କରିବା ହେଉ କିମ୍ବା କାଶ୍ମୀର ବିଚ୍ଛିନ୍ନତାବାଦୀ ଭାବନାକୁ ଇନ୍ଧନ ଦେବା ହେଉ କିମ୍ବା ଏହାର ଗଣମାଧ୍ୟମ ମାଧ୍ୟମରେ ଭାରତରେ ମୁସଲମାନ ପୀଡ଼ିତଙ୍କ କାହାଣୀ ପ୍ରଚାର କରିବା ହେଉ ତୁର୍କୀର ନାମ ସାମନାକୁ ଆସୁଛି । ନିକଟରେ ଏହା ଭାରତୀୟ ସେନାର ଆପାଚି ହେଲିକପ୍ଟର ପରିବହନ କରୁଥିବା ଏଏନ୍-୧୨୪ର ଉଡ଼ାଣକୁ ଅବରୋଧ କରିଥିଲା ଯାହା ଏକ ଖୋଲାଖୋଲି ଶତ୍ରୁଭାବାପନ୍ନ କାର୍ଯ୍ୟ ।

ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣର ରିପୋର୍ଟ ଓ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଦୁଇ ମୁଖ୍ୟ ଅଭିଯୁକ୍ତ ଡ. ଉମର ମହମ୍ମଦ ଓ ଡ. ମୁଜାମିଲକୁ ତୁର୍କୀର ଅଙ୍କାରାରେ ଅବସ୍ଥିତ ଜଣେ ହ୍ୟାଣ୍ଡଲରଙ୍କ ଦ୍ୱାରା 'ଉକାସା' ଛଦ୍ମନାମ ଅଧୀନରେ ମାର୍ଗଦର୍ଶନ କରାଯାଉଥିଲା । ତଦନ୍ତରୁ ପାର୍କିଂ ଓ ବିସ୍ଫୋରଣ ସ୍ଥଳ ନିକଟରେ ସକ୍ରିୟ ଥିବା ୬୮ଟି ସନ୍ଦେହଜନକ ମୋବାଇଲ୍ ନମ୍ବର ମଧ୍ୟ ପ୍ରକାଶ ପାଇଛି । ଆଭ୍ୟନ୍ତରୀଣ ଦିଗ ଉପରେ ଧ୍ୟାନ ଦେଇ ସରକାର କୌଣସି ଦେଶ ବିରୋଧରେ ଅଭିଯୋଗ କରିନାହାନ୍ତି । ତଥାପି ତୁର୍କୀ ଏହି ଅନୁସନ୍ଧାନକୁ ପ୍ରତ୍ୟାଖ୍ୟାନ କରିଛି । ତୁର୍କୀ କହିଛି ଯେ, ଏହା ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପ ସହିତ ଜଡ଼ିତ ଏବଂ ଆତଙ୍କବାଦୀ ଗୋଷ୍ଠୀକୁ ଲଜିଷ୍ଟିକ୍, କୂଟନୈତିକ ଓ ଆର୍ଥିକ ସହାୟତା ଯୋଗାଇବା ନେଇ ଭାରତ ମିଥ୍ୟା ଦାବି କରୁଛି । ଏହା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଏକ ଦୁର୍ଭାଗ୍ୟଜନକ ଭୁଲ ସୂଚନା ଅଭିଯାନର ଏକ ଅଂଶ ।

କୌତୂହଳର ବିଷୟ ହେଉଛି, ତୁର୍କୀ ସମର୍ଥନ କରୁଥିବା ହମାସର ଏକ ଆତଙ୍କବାଦୀ ସଂଗଠନକୁ ନିକଟରେ ପାକିସ୍ତାନ-ଅଧିକୃତ କାଶ୍ମୀରରେ ଦେଖିବାକୁ ମିଳିଥିଲା । ତୁର୍କୀ ୨୦୧୯ ପରଠାରୁ ଭାରତ ବିରୋଧରେ ଷଡ଼୍ ?ଯନ୍ତ୍ର କରୁଛି । ରାଷ୍ଟ୍ରପତି ରିସେପ୍ ତାୟିପ୍ ଏର୍ଡୋଗାନ୍ ଜାତିସଂଘ ସାଧାରଣ ସଭାରେ ତାଙ୍କ ଅଭିଭାଷଣରେ କାଶ୍ମୀର ପ୍ରସଙ୍ଗ ଉଠାଇଥିଲେ । ସେ ଅନ୍ତର୍ଜାତୀୟ ଫୋରମ୍ ?ରେ ପର୍ଯ୍ୟାୟକ୍ରମେ ଏହି ପ୍ରସଙ୍ଗ ଉଠାଇବା ଜାରି ରଖିଛନ୍ତି । ୨୦୨୦ରେ ପାକିସ୍ତାନ ସଂସଦର ମିଳିତ ଅଧିବେଶନରେ ତାଙ୍କ ଅଭିଭାଷଣ ସମୟରେ ରାଷ୍ଟ୍ରପତି ଏର୍ଡୋଗାନ୍ ତୁର୍କୀ ପାଇଁ କାଶ୍ମୀର ପ୍ରସଙ୍ଗର ଗୁରୁତ୍ୱକୁ ସୂଚାଇ ଦେଇଥିଲେ । ଏହା ଉପରେ ପାକିସ୍ତାନର ଦାବି ପ୍ରତି ଦେଶର ସମର୍ଥନକୁ ଦୋହରାଇଥିଲେ । ରାଷ୍ଟ୍ରାୟତ୍ତ ତୁର୍କୀ ଗଣମାଧ୍ୟମ ଭାରତ ବିରୋଧରେ କ୍ରମାଗତ ଭାବରେ ସମାଲୋଚନା ଜାରି ରଖିଛି । କେବଳ କାଶ୍ମୀରରେ ନୁହେଁ ବରଂ ଭାରତରେ ମୁସଲମାନ ପୀଡ଼ିତ ଓ ହିନ୍ଦୁ ଫାସିବାଦ ବିଷୟରେ କାହାଣୀ ପ୍ରଚାର କରୁଛି । ତୁର୍କୀ କାଶ୍ମୀର ସମ୍ବନ୍ଧୀୟ ସମ୍ମିଳନୀ ଓ କାର୍ଯ୍ୟକ୍ରମ ନିଜ ମାଟିରେ ହେବାକୁ ଅନୁମତି ଦେଇଛି, କାଶ୍ମୀରୀ ଅସନ୍ତୁଷ୍ଟମାନଙ୍କୁ ଆତିଥ୍ୟ ଦେଇଛି ଏବଂ କାଶ୍ମୀରର ଅନେକ ସାମ୍ବାଦିକ, ବିଦ୍ୱାନ ଓ କାର୍ଯ୍ୟକର୍ତ୍ତାଙ୍କ ସମ୍ମିଳନୀ ପାଇଁ ଅର୍ଥ ଓ ଯାତାୟାତ ଖର୍ଚ୍ଚ ପ୍ରଦାନ କରିଛି । ତୁର୍କୀ ଭାରତ ସହିତ ଉତ୍ତମ ସମ୍ପର୍କରୁ ସବୁକିଛି ପାଇଥାନ୍ତା । ପର୍ଯ୍ୟଟକଙ୍କଠାରୁ ଆରମ୍ଭ କରି ପୁଞ୍ଜି ବିନିଯୋଗ ଏବଂ ଲାଭଜନକ ଚୁକ୍ତିନାମା ପର୍ଯ୍ୟନ୍ତ, ତୁର୍କୀ ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କର ମୁଖ୍ୟ ହିତାଧିକାରୀ ଥିଲା । ତଥାପି, ଏହା ଏକ ବିରୋଧାଭାସୀ ପଥ ବାଛିଛି । ଏହାର କାରଣ ହେଉଛି ଧର୍ମାନ୍ଧତା । ତୁର୍କୀର ଶାସକ ଏକେପି ଏକ ଇସଲାମବାଦୀ ଦଳ, ଯାହା ମୁସଲିମ୍ ବ୍ରଦର୍‌ହୁଡ୍ ସଂଗଠନର ସହଯୋଗୀ । ତୁର୍କୀର ପ୍ରତିଷ୍ଠାତା ମୁସ୍ତାଫା କେମାଲ ଆତାତୁର୍କଙ୍କ ଦ୍ୱାରା ବଛାଯାଇଥିବା ଧର୍ମନିରପେକ୍ଷ ପଥ ଛାଡ଼ି ଏହା ଅଧିକ ଇସଲାମବାଦୀ ମାର୍ଗକୁ ବାଛିଛି, ଯାହା ତୁର୍କୀର ଜନସଂଖ୍ୟାର ଏକ ବଡ଼ ଅଂଶ ଦ୍ୱାରା ପ୍ରଶଂସିତ ନୁହେଁ । ତୁର୍କୀର ଭାରତ-ବିରୋଧୀ ହେବା ପଛରେ ମୁସଲମାନ ଦେଶଗୁଡ଼ିକୁ ସନ୍ତୁଷ୍ଟ କରି ସେମାନଙ୍କୁ ଅସ୍ତ୍ରଶସ୍ତ୍ର ବିକ୍ରି କରି ଅର୍ଥ ରୋଜଗାର କରିବା ମଧ୍ୟ ଅନ୍ୟତମ କାରଣ । ୨୦୨୦ରେ ତୁର୍କୀରୁ ଆଜେରବାଇଜାନର ପ୍ରତିରକ୍ଷା କ୍ରୟ ୧୨୩ ମିଲିୟନ୍ ଡଲାର ଥିଲା । ତୁର୍କୀର ଅସ୍ତ୍ରଶସ୍ତ୍ର, ବିଶେଷକରି ଏହାର ଡ୍ରୋନ୍ ?ର ସଫଳତା ଏହାକୁ ଉଜବେକିସ୍ତାନ, କାଜାଖସ୍ତାନ, ଇଣ୍ଡୋନେସିଆ ଓ ମାଲେସିଆ ପରି ଦେଶରୁ ଲାଭଜନକ ଚୁକ୍ତିନାମା ହାସଲ କରିବାରେ ସାହାଯ୍ୟ କରିଛି । ତୁର୍କୀ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ବିକ୍ରିକୁ ଯଥେଷ୍ଟ ବୃଦ୍ଧି କରିଛି ଏବଂ ଭାରତର ଅପରେସନ୍ ସିନ୍ଦୂର ସମୟରେ ଏହି ଦେଶକୁ ସମର୍ଥନ ଯୋଗାଇଥିଲା । ତୁର୍କୀ ପାକିସ୍ତାନର ଦ୍ୱିତୀୟ ବୃହତ୍ତମ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ ଦେଶ ଭାବରେ ଉଭା ହୋଇଛି । ଏବେ ଏହା ବାଂଲାଦେଶକୁ ପ୍ରତିରକ୍ଷା ସହଯୋଗ ବୃଦ୍ଧି କରୁଛି ।

# ଟିମ ଇଣ୍ଡିଆର ବ୍ୟାଟିଂ ବିପର୍ଯ୍ୟୟ, ଦୃଢ଼ ସ୍ଥିତିରେ ଦ.ଆଫ୍ରିକା





**ଗୌହାଟୀ,୨୪।୧୧ (ଏଜେନ୍ସି) :** ପ୍ରଥମ ଟେଷ୍ଟ ହାରିଥିଲା ଟିମ୍ ଇଣ୍ଡିଆ। ଏବେ ଦ୍ୱିତୀୟ ଟେଷ୍ଟରେ ଟିମ ଇଣ୍ଡିଆର ସ୍ଥିତି ଅତ୍ୟନ୍ତ ଗମ୍ଭୀର। ନିଜ ମାଟି, ନିଜ ପରିବେଶ ଓ ଘରୋଇ ଦର୍ଶକଙ୍କ ସାମ୍ନାରେ ଭାରତୀୟ ଟିମ ଖେଳୁଛି। ତଥାପି ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ଦବଦବା ଦେଖିବାକୁ ମିଳିଛି। ଭାରତୀୟ ଟିମର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ଦୁଇ ତିନି ଜଣଙ୍କ ଛାଡ଼ି ଦେଲେ ଅନ୍ୟ କେହି ବି ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ସାମ୍ନା କରିବାରେ ସକ୍ଷମ ହୋଇ ନାହାନ୍ତି। ବୋଲର ବି ଦ୍ୱିତୀ। ଟେଷ୍ଟରେ ଧରାଶାୟୀ ହୋଇଛନ୍ତି। ଏକାକୀ ମାର୍କୋ ୟାନସେନ ଭାରତୀୟ ବ୍ୟାଟର ଓ ବୋଲରଙ୍କୁ ଚିତ କରି ଦେଇଛନ୍ତି। ୧-୦ରେ ପଛରେ ଥିବା ଭାରତ ଏବେ ଦ୍ୱିତୀୟ ଟେଷ୍ଟରେ ଏମିତି ଏକ ସ୍ଥିତିରେ ପହଞ୍ଚି ଯାଇଛି, ଯେଉଁଠାରେ ଦଳ ମ୍ୟାଚ୍ ହାରିବ କିମ୍ବା ଅତି ବେଶୀରେ ଡ୍ର କରିବାକୁ ସକ୍ଷମ ହେବ। ଡ୍ରର ଆଶା ମଧ୍ୟ ପ୍ରଥମ ଇନିଂସ ବ୍ୟାଟିଂ ପରେ କ୍ଷୀଣ ହୋଇଯାଇଛି। ତଥାପି ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଇଚ୍ଛାରେ ଖେଳୁଥିବା ଭାରତୀୟ ଟିମ ଡ୍ର ଆଶାରେ ହିଁ ରହିବ। କାରଣ ପ୍ରଥମ ଇନିଂସରେ ଭାରତୀୟ ଟିମ ମାତ୍ର ୨୦୧ ରନରେ ଅଲଆଉଟ ହୋଇ ଯାଇଛି।

ଆଉ ଦକ୍ଷିଣ ଆଫ୍ରିକା ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ବିନା ୱିକେଟରେ ୨୬ ରନ କରି ନେଇଛି। ଏଥିସହ ଦଳର ଲିଡ ଏବେ ୩୧୪ରେ ପହଁ ଯାଇଛି। ପ୍ରଥମ ଇନିଂସରେ ଦଳ ବିଶାଳ ୪୮୯ ରନ କରିଥିଲା। ଦକ୍ଷିଣ ଆଫ୍ରିକାର ପ୍ରତିଟି ବ୍ୟାଟରଙ୍କ ଠାରୁ ଆରମ୍ଭ କରି ଟେଲେଣ୍ଡର ଭାରତୀୟ ବୋଲରଙ୍କୁ ପ୍ରବଳ ଧୋଇଥିଲେ।

ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ରିୟାନ ରିକେଲଟ ୧୩ ଓ ଆଡେନ ମାର୍କରମ ୧୨ ରନ କରି ଅପରାଜିତ ରହିଛନ୍ତି। ଦ୍ୱିତୀୟ ଇନିଂସରେ ଭାରତୀୟ ବୋଲରମାନେ ୮ ଓଭର ବୋଲିଂ କରିଥିଲେ ହେଁ କୌଣସି ୱିକେଟ ପାଇନାହାନ୍ତି। ମ୍ୟାଚ୍ ଶେଷ ହେବାକୁ ଆହୁରି ଦୁଇ ଦିନ ବାକି ଥିବା ବେଳେ କ୍ଲିନ ସୁଇପକୁ ଏଡାଇବାକୁ ଭାରତ ଗମ୍ଭୀର ସ୍ଥିତିରୁ ବାହାରି ପାରୁଛି କି ନାହିଁ, ତା' ଉପରେ ସମସ୍ତଙ୍କ ନଜର ରହିଛି। ପ୍ରଥମ ଇନିଂସରେ ୪୮୯ ରନ କରି ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଦିନର ଖେଳ ଶେଷ ହେବା ପୂର୍ବରୁ ଅଲଆଉଟ ହୋଇଯାଇଥିଲା। ଭାରତ ଦ୍ୱିତୀୟ ଦିନରେ ବିନା ୱିକେଟରେ ୯ ରନ କରିଥିବା ବେଳେ ଷ୍ଟମ୍ପ ଅପସାରଣ ହୋଇଥିଲା। ଲାଗୁଥିଲା ଦକ୍ଷିଣ ଆଫ୍ରିକା ଭଳି ଭାରତ ମଧ୍ୟ ବ୍ୟାଟିଂରେ ଜଲୱା ଦେଖାଇବ। କିନ୍ତୁ ତୃତୀୟ ଦିନରେ ମାର୍କୋ ୟାନସେନ ନିଜର ଜଲୱା ଦେଖାଇଛନ୍ତି।

ବ୍ୟାଟିଂ ବେଳେ ଶତକରୁ ୭ ରନ ସେ ରହିଯାଇଥିଲେ। କିନ୍ତୁ ବୋଲିଂରେ ସେ ଭାରତର ୬ ବ୍ୟାଟରଙ୍କୁ ଆଉଟ କରି ନିଜର ଦକ୍ଷତା ଦେଖାଇଛନ୍ତି। ତାଙ୍କ ବୋଲିଂ ଆଗରେ ଭାରତୀୟ ବ୍ୟାଟର ସତେ ଯେମିତି ଆତ୍ମସମର୍ପଣ କରିଛନ୍ତି। ତୃତୀୟ ଦିନରେ ଯଶସ୍ୱୀ ଜୈସୱାଲ ନିଜ ଷ୍ଟାଇଲରେ ୫୮ ରନର ଇନିଂସ ଖେଳିଥିଲେ ହେଁ କେଏଲ ରାହୁଲ ମାତ୍ର ୨୨ ରନ କରି ଦିବସର ପ୍ରଥମ ବ୍ୟାଟର ଭାବେ ପ୍ୟାଭିଲିୟନ ଫେରିଥିଲେ। ତାଙ୍କୁ କେଶବ ମହାରାଜ ଆଉଟ କରିଥିଲେ। ଦଳୀୟ ସ୍କୋର ୯୫ ଥିବା ବେଳେ ଭାରତ ଜୈସୱାଲଙ୍କୁ ହରାଇଥିଲା। ସିମନ ହାର୍ମର ତାଙ୍କ ୱିକେଟ ନେଇଥିଲେ। ସାଇ ସୁଦର୍ଶନ ୧୫ ରନ କରି ହାର୍ମରଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଭାରତ ଏହି ଠାରୁ ଆରମ୍ଭ ହୋଇଥିଲା ଭାରତର ବିପର୍ଯ୍ୟୟ। ଏକଦା ୯୫ ରନରେ ୧ ୱିକେଟ ହରାଇଥିବା ଭାରତ ୧୨୨ ରନରେ ୭ ୱିକେଟ ହରାଇ ଦେଇଥିଲା। ୟାନସେନ ଜଣଙ୍କ ପରେ ଜଣେ ବ୍ୟାଟରଙ୍କ ୱିକେଟ ନେଇ ଭାରତର ବ୍ୟାଟିଂ ଲାଇନ ଅପକୁ ଛିନଛତ୍ର କରି ଦେଇଥିଲେ। ଧ୍ରୁବ ଜୁରେଲ(୦), କାମଚଳା ଅଧିନାୟକ ଋଷଭ ପନ୍ତ(୭), ରବୀନ୍ଦ୍ର ଜାଡେଜା (୬) ଓ ନୀତୀଶ କୁମାର ରେଡ୍ଡୀ (୧୦)ଙ୍କ ୱିକେଟ ତାଙ୍କ ଖାତାକୁ ଯାଇଥିଲା। ଭାରତକୁ ୟାନସେନ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଦଳୀୟ ସ୍କୋର ୧୨୨/୭ ଥିବା ବେଳେ ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବ ଲଢେଇ କରି ଫଲୋଅନ ଏଡ଼ାଇବାକୁ ଚେଷ୍ଟା କରିଥିଲେ। ଭାରତକୁ ବିଶାଳ ୨୮୯ କରି ଫଲୋଅନ ଏଡ଼ାଇବାର ଥିଲା। ସୁନ୍ଦର ଓ କୁଲଦୀପ ଯୋଡ଼ି ନିଜ କ୍ଷମତା ଅନୁସାରେ ବହୁତ ଚେଷ୍ଟା କଲେ। ଉଭୟ ପ୍ରାୟ ୩୫ ଓଭର ବ୍ୟାଟିଂ କରି ଦଳର ସ୍କୋରକୁ ୧୯୪ରେ ପହଞ୍ଚାଇଥିଲେ।

ହେଲେ ପ୍ରଥମ ମ୍ୟାଚରେ ହିରୋ ହାର୍ମର ୪୮ ରନ କରିଥିବା ସୁନ୍ଦରଙ୍କୁ ଆଉଟ କରି ଏହି ଯୋଡ଼ିକୁ ଭାଙ୍ଗିଥିଲେ। ପରବର୍ତ୍ତୀ ଓଭରରେ ୟାନସେନ ଆସି କୁଲଦୀପ (୧୯)ଙ୍କୁ ଆଉଟ କରିଥିଲେ। ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ ଶେଷ ୱିକେଟ ପାଇଁ ୭ ରନ ଯୋଡ଼ିବାରୁ ଦଳୀୟ ସ୍କୋର ୨୦୧ରେ ପହଞ୍ଚିଥିଲା। ଏହି ସମୟରେ ୟାନସେନ ୫ ରନ କରିଥିବା ବୁମ୍ରାଙ୍କୁ ଆଉଟ କରି ଭାରତର ପ୍ରଥମ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ଭାରତ ଫଲୋଅନ ଖାଇଥିଲେ ହେଁ ଦକ୍ଷିଣ ଆଫ୍ରିକା ପୁଣି ବ୍ୟାଟିଂ କରିବାକୁ କହି ନଥିଲା। ଭାରତ ବଦଳରେ ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସ ଆଜି ଆରମ୍ଭ କରିଛି। ତୃତୀୟ ଦିନରେ ଦଳ ୮ ଓଭରରେ ୨୬ ରନ କରିବା ସହ ଲିଡକୁ ୩୧୪ ରନରେ ପହଞ୍ଚାଇ ଦେଇଛି।

# ସମ୍ବଲପୁର ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ



**ସମ୍ବଲପୁର,୨୪।୧୧ (ମହାଭାରତ) :** 'ସାଂସଦ ଖେଳ ମହୋତ୍ସବ' ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନା ପ୍ରସୂତ ଏକ ଅଭିନବ ପ୍ରୟାସ, ଯାହାର ମୂଳ ଲକ୍ଷ୍ୟ ହେଉଛି ଅନେକ ପ୍ରତିଭାବାନ ଖେଳାଳିଙ୍କୁ ତୃଣମୂଳ ସ୍ତରରୁ ଜାତୀୟ ସ୍ତରକୁ ନେବା । ଏହି ମହୋତ୍ସବ ଅନେକ ଦକ୍ଷ କ୍ରୀଡ଼ାବିତ୍ ମାନଙ୍କୁ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ସୋମବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ 'ସାଂସଦ ଖେଳ ମହୋତ୍ସବ - ୨୦୨୫'ର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ମହୋତ୍ସବରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ସମ୍ବଲପୁର ବାସ୍ତବରେ କ୍ରୀଡ଼ାର ସହର । ଫୁଟବଲ୍, ସୁଇମିଂ, କବାଡ଼ି ସମେତ ଆଥ୍ଲେଟିକ୍ସର ବିଭିନ୍ନ ବିଭାଗରେ ଅନେକ ଖେଳାଳି ଭାଗ ନେଇ ନିଜର ଦକ୍ଷତା ପ୍ରକାଶ କରି ଆମ ଅଞ୍ଚଳର ଗୌରବ ବଢ଼ାଇଛନ୍ତି । ସମସ୍ତ ବିଷୟକୁ 'ସ୍ପୋର୍ଟସ୍ ମ୍ୟାନ୍ ସ୍ପିରିଟ୍' ଭାବରେ ଗ୍ରହଣ କରିବା ଏବଂ ତାକୁ ଉତ୍ସବ ଭାବରେ ପାଳନ କରିବା ସମ୍ବଲପୁରର ଲୋକଚରିତ୍ର । ଖେଳକୁ ଆମକୁ ପ୍ରାଥମିକତାର ବିଷୟ ଭାବରେ ଗ୍ରହଣ କରିବାକୁ ହେବ। ସମାଜ ଖେଳିଲେ ହିଁ ସୁସ୍ଥ ଓ ସମୃଦ୍ଧ ରହିବ । ୨୦୩୬ ଅଲିମ୍ପିକ୍ସ ପାଇଁ ଭାରତ ପ୍ରାକ୍ ପ୍ରସ୍ତୁତ ହେଉଥିବା ବେଳେ ଆମ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏପ୍ରକାର ପ୍ରତିଯୋଗିତା ସେମାନଙ୍କର ଖେଳୁଆଡ଼ ମନୋଭାବକୁ ଆହୁରି ଅଧିକ ପ୍ରସ୍ଫୁଟିତ କରିବ । ଆଗାମୀ ଦିନରେ ସମ୍ବଲପୁର ଜିଲ୍ଲାରେ ଥିବା ବିଭିନ୍ନ ଷ୍ଟାଡିୟମକୁ ଆକର୍ଷଣୀୟ କରାଯିବା ସହ କ୍ରୀଡ଼ା ଭିତ୍ତିଭୂମିକୁ ମଜଭୂତ୍ କରାଯିବ ।

ସେ କହିଛନ୍ତି ଯେ ସମ୍ବଲପୁର ଲୋକସଭା କ୍ଷେତ୍ରରେ ବିଭିନ୍ନ ବ୍ଲକରେ ଆୟୋଜିତ 'ସାଂସଦ ଖେଳ ମହୋତ୍ସବ - ୨୦୨୫'ରେ ମୋଟ ୫୩ ହଜାର ୬୧୯ ଜଣ ଖେଳାଳି ପଞ୍ଜୀକୃତ କରିଥିଲେ । ସେଥିମଧ୍ୟରୁ ଛାତ୍ରମାନଙ୍କ ସଂଖ୍ୟା ୨୭,୪୫୫ ଏବଂ ଛାତ୍ରୀମାନଙ୍କ ସଂଖ୍ୟା ୨୬,୧୫୯ । ନଭେମ୍ବର ୭ରୁ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ମୋଟ ୧୮ ଦିନ ଧରି ଆୟୋଜିତ ଏହି ମହୋତ୍ସବ ଦେବଗଡ଼ରୁ ଆରମ୍ଭ ହୋଇଥିଲା ଏବଂ ଆଜି ସମ୍ବଲପୁରରେ ଉଦଯାପନୀ ଉତ୍ସବ ଆୟୋଜନ ହୋଇଛି । 'ବିକଶିତ ଭାରତ ପାଇଁ ସୁସ୍ଥ ରହିବେ ଯୁବ ବର୍ଗ' ଥିମରେ ଆୟୋଜିତ ଏହି ମହୋତ୍ସବରେ କନିଷ୍ଠ ବିଭାଗ (୧୪ ରୁ ୧୭ ବର୍ଷ) ଓ ବରିଷ୍ଠ ବିଭାଗ (୧୮ ରୁ ୨୩ ବର୍ଷ) ବର୍ଗର ଖେଳାଳୀମାନେ ନିଜର ଉନ୍ନତମାନର ଦକ୍ଷତା ପ୍ରଦର୍ଶନ କରିଥିଲେ । କନିଷ୍ଠ ବର୍ଗରେ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ୍ ଥ୍ରୋ, ସଟପୁଟ୍ ଏବଂ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ବିଭାଗ (୧୮ ରୁ ୨୩ ବର୍ଷ) ବର୍ଗର ଖେଳାଳୀମାନେ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ୍ ଥ୍ରୋ, ସଟପୁଟ୍ ଏବଂ କବାଡ଼ି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି ଖେଳକୁମ୍ଭର ସଫଳ ଆୟୋଜନ ପାଇଁ ଶ୍ରୀ ପ୍ରଧାନ ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀର ସମସ୍ତ ଖେଳାଳି, ସ୍ୱେଚ୍ଛାସେବୀ ଏବଂ ଆୟୋଜକ ମଣ୍ଡଳୀକୁ ଧନ୍ୟବାଦ ଜଣାଇଛନ୍ତି ।

ଏହି ଉଦଯାପନୀ ସମାରୋହରେ ଓଡ଼ିଶାର କ୍ରୀଡ଼ା ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ ଏବଂ ଜିଲ୍ଲା ପ୍ରଶାସନ ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ।

# ତାଇକୋଣ୍ଡୋରେ ଧର୍ମଶାଳା ଖେଳାଳୀଙ୍କ କୃତିତ୍ୱ

**ଧର୍ମଶାଳା,୨୪।୧୧ (ମହାଭାରତ) :** ଉତରପ୍ରଦେଶ ବରେଲି ସ୍ଥିତ ସ୍ପୋର୍ଟସ ଷ୍ଟାଡିୟମ୍ ଇଣ୍ଡୋର ହଲରେ ଅନୁଷ୍ଠିତ ୪୧ ତମ ସିନିୟର୍ ଓ ଅଷ୍ଟମ କ୍ୟାଡେଟ କ୍ୟୁରୋଗି ଏବଂ ପୁମସେ ତାଇକୋଣ୍ଡୋ ଫେଡେରେସନ ଅଫ ଇଣ୍ଡିଆ ଆନୁକୁଲ୍ୟରେ ଜାତୀୟ ତାଇକୋଣ୍ଡୋ ଚାମ୍ପିୟନସିପରେ ଧର୍ମଶାଳା ଅଂଚଳର ଖୋଳାଳୀମାନେ କୃତିତ୍ୱ ହାସଲ କରିଛନ୍ତି । ନଭେମ୍ବର ୨୦ ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୯ ଟି ରାଜ୍ୟର ମୋଟ ୮୫୦ ଜଣ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରିଥିଲେ ।

ସେଥିମଧ୍ୟରୁ ଓଡ଼ିଶାରୁ ୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥି ମଧ୍ୟରୁ ଧର୍ମଶାଳା ତାଇକୋଣ୍ଡୋ ଏକାଡେମୀରୁ ୪ ଜଣ ପ୍ରତିଯୋଗୀ ଅଂଶଗ୍ରଣକରି ୧ ଟି ସ୍ୱର୍ଣ୍ଣ, ୨ଟି ରୋପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରି ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ପୁମସେ ସିନିୟର୍ ବିଭାଗରେ ସୌମ୍ୟ ସ୍ୱରୂପ ସ୍ୱର୍ଣ୍ଣ ଓ କ୍ୟାଡେଟ ବିଭାଗରେ ସୁଧାଂଶୁ ସାହୁ ରୋପ୍ୟ ପଦକ ହାସଲ କରିଛନ୍ତି । ସେହିପରି କ୍ୟୁରୋଗିରେ ଓମ୍ କ୍ରିଷ୍ଣା ରୋପ୍ୟ ଓ ଆଦିତ୍ୟ କୁମାର ନାୟକ କାଂସ୍ୟ ପଦକ ହାସଲ କରିଛନ୍ତି। ଯାଜପୁର ଜିଲ୍ଲାରୁ ଜାତୀୟସ୍ତର ଖେଳରେ ପ୍ରଥମଥର ପୁମସେରେ ସୌମ୍ୟ ସ୍ୱରୂପ ଓ ସୁଧାଂଶୁ ସାହୁ ନିଜ ନିଜ ବିଭାଗରେ ବିଜୟ ଲାଭ କରିଥିବାରୁ ଓଡ଼ିଶା ତାଇକୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ,ଯାଜପୁର ଟାଇକୋଣ୍ଡୋ ଆସୋସେଶନ ସମ୍ପାଦକ ଯଯାତି କେଶରୀ ଧଳ,ଧର୍ମଶାଳା ତାଇକୋଣ୍ଡୋ ଏକାଡେମୀର ସମ୍ପାଦକ ସନ୍ତୋଷ କୁମାର ସାହୁ ଓ ସହ ସମ୍ପାଦକ ସୁଶାନ୍ତ କୁମାର ବେହେରା କୃତିତ୍ୱ ହାସଲ କରିଥିବା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଧର୍ମଶାଳା ତାଇକୋଣ୍ଡୋ ଏକାଡେମୀ ମୁଖ୍ୟ ପ୍ରଶିକ୍ଷକ ସମର ସିଂହଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଖେଳାଳିମାନେ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ଥିବା ଧର୍ମଶାଳା ତାଇକୋଣ୍ଡୋ ଏକାଡେମୀରୁ ପ୍ରଶିକ୍ଷଣ ନେଉଥିବା ଜଣାପଡିଛି ।

# ବାପାଙ୍କ ପରେ ଡାକ୍ତରଖାନାରେ ଭର୍ତ୍ତି ହେଲେ ସ୍ମୃତିଙ୍କ ଭାବି ସ୍ୱାମୀ

**ମୁମ୍ବାଇ,୨୪।୧୧(ଏଜେନ୍ସି):** ଭାରତୀୟ ମହିଳା କ୍ରିକେଟ ଦଳର ଷ୍ଟାର ବ୍ୟାଟ୍ସମାନ୍ ସ୍ମୃତି ମନ୍ଧାନାଙ୍କ ଉପରେ ଭାଙ୍ଗିଲା ଦୁଃଖର ପାହାଡ଼। ବାପାଙ୍କ ପରେ ଡାକ୍ତରଖାନାରେ ଭର୍ତ୍ତି ହେଲେ ଭାବିସ୍ୱାମୀ। ସ୍ମୃତି ମନ୍ଧାନା ଏବଂ ସଂଗୀତକାର ପଲାଶ ମୁଚ୍ଛଲ ନଭେମ୍ବର ୨୩ ତାରିଖରେ ବିବାହ କରିବାର ଥିଲା। କିନ୍ତୁ, ତାହା ହୋଇପାରିଲା ନାହିଁ। ବାପାଙ୍କର ହୃଦଘାତ ଲକ୍ଷଣ ଦେଖାଯିବାରୁ ଦୁହିଁଙ୍କ ବିବାହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚିଥିଲା। ଏବେ ଡାକ୍ତରଖାନାରେ ସ୍ମୃତିଙ୍କ ବାପା ଶ୍ରୀନିବାସ ମନ୍ଧାନାଙ୍କ ଚିକିତ୍ସା ଚାଲିଛି। ତେବେ ବାପାଙ୍କ ଦେହ ଖରାପ ହେବା ପରେ ପଲାଶ ମଧ୍ୟ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ଜଣାଯାଇଛି। ସୂଚନା ମୁତାବକ, ପଲାଶଙ୍କୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ତାଙ୍କର ପେଟରେ ସଂକ୍ରମଣ ହେବା ସହ ଏସିଡିଟି ହୋଇଯାଇଥିଲା। ଏହି କାରଣରୁ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନିଆଯାଇଥିବା ବେଳେ ସେ ଏବେ ସୁସ୍ଥ ଥିବା ଜଣାଯାଇଛି। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବାରୁ ତାଙ୍କୁ ହସ୍ପିଟାଲରୁ ହୋଟେଲକୁ ଅଣାଯାଇଛି। ସ୍ମୃତି ମନ୍ଧାନାଙ୍କ ଡାକ୍ତର ନମନ ଶାହ କହିଛନ୍ତି ଯେ, ଡାକ୍ତରୀ ଦଳ ସ୍ମୃତିଙ୍କ ପିତାଙ୍କ ଉପରେ ନଜର ରଖିଛନ୍ତି। ରବିବାର ଅପରାହ୍ନ ୧:୩୦ ସମୟରେ ଶ୍ରୀନିବାସ ମନ୍ଧାନାଙ୍କ ବାମ ପାର୍ଶ୍ୱ ଛାତିରେ ଯନ୍ତ୍ରଣା ଅନୁଭବ ହୋଇଥିଲା।

# ୬ ୱିକେଟ ନେଇ ଇତିହାସ ରଚିଲେ ମାର୍କୋ ୟାନସେନ



**ନୂଆଦିଲ୍ଲୀ,୨୪।୧୧(ଏଜେନ୍ସି):** ଇତିହାସ ରଚିଛନ୍ତି ଦକ୍ଷିଣ ଆଫ୍ରିକାର ଯୁବ ଅଲରାଉଣ୍ଡର ମାର୍କୋ ୟାନସେନ। ସେ ଭାରତ ବିପକ୍ଷ ଗୁହାଟୀ ଟେଷ୍ଟରେ ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ସେ ଭାରତ ବିପକ୍ଷ କୌଣସି ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିବା ସହ ୬ ୱିକେଟ ଦଖଲ କରିବାରେ ଦକ୍ଷିଣ ଆଫ୍ରିକାର ପ୍ରଥମ ଖେଳାଳି ବନିଯାଇଛନ୍ତି।

୨୫ ବର୍ଷୀୟ ମାର୍କୋ ୟାନସେନ ୪୮ ରନ ଦେଇ ୬ ୱିକେଟ ଦଖଲ କରିବା ସହ ପ୍ରଥମ ଇନିଂସରେ ୯୩ ରନ କରିଥିଲେ। ୟାନସେନଙ୍କ ଘାତକ ପ୍ରଦର୍ଶନ ଯୋଗୁ ଦକ୍ଷିଣ ଆଫ୍ରିକା ଗୁହାଟୀ ଟେଷ୍ଟକୁ ସଂପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣରେ ରଖିବାକୁ ସକ୍ଷମ ହୋଇଛି। ଭାରତ ମ୍ୟାଚ୍ ବଞ୍ଚାଇବାକୁ ସଂଘର୍ଷ କରୁଛି। ମାର୍କୋ ୟାନସେନଙ୍କ ଖେଳ ଏବେ ଭାରତ ମାଟିରେ ଅତ୍ୟନମ ଶ୍ରେଷ୍ଠ ପ୍ରଦର୍ଶନ ବନି ଯାଇଛି।

ଭାରତୀୟ ପରିବେଶ ଓ ପିଚ ସାଧାରଣତଃ ସ୍ପିନରଙ୍କୁ ସୁହାଇଥାଏ। କିନ୍ତୁ ବାମହାତୀ ଦ୍ରୁତ ବୋଲର ଭାବେ ୟାନସେନ ନୂଆ ସଫଳତା ସାଉଁଟିଛନ୍ତି। ଗୁହାଟୀ ପିଚ୍ ବ୍ୟାଟରଙ୍କୁ ସୁହାଇଥାଏ। ହେଲେ ଏଠାରେ ୟାନସେନ ନିଜ ଦକ୍ଷତାର ଯାଦୁ ଦେଖାଇ ଭାରତୀୟ ବ୍ୟାଟରଙ୍କୁ ଘାଇଲା କରିଛନ୍ତି।

ଗୁହାଟୀ ପ୍ରଦର୍ଶନ ପରେ ୟାନସେନ ନିଜକୁ ବିରଳ ରେକର୍ଡ ତାଲିକାର ୧ନଂ ସ୍ଥାନରେ ରଖିବାକୁ ସକ୍ଷମ ହୋଇଛନ୍ତି। ଭାରତ ମାଟିରେ ୨୦୦୦ ମସିହା ପରଠାରୁ କୌଣସି ଭ୍ରମଣକାରୀ ଦଳର ଖେଳାଳି ଅର୍ଦ୍ଧଶତକ ହାସଲ କରିବା ଓ ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେବା ତାଲିକାରେ ୟାନସେନ ୧ନଂ ସ୍ଥାନ ଦଖଲ କରିଛନ୍ତି। ନିକି ଓ ହୋଲ୍ଡର ୫ଟି ଲେଖାଏ ୱିକେଟ ନେଇଥିବା ବେଳେ ଅର୍ଦ୍ଧଶତକ ହାସଲ କରିଥିଲେ। କିନ୍ତୁ ୟାନସେନ ଗୋଟିଏ ପାଦ ଆଗକୁ ଯାଇ ୬ ୱିକେଟ ଦଖଲ କରିନେଇଛନ୍ତି।

## କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ନାମେଣ୍ଟ

# ମକୁନ୍ଦ ପ୍ରସାଦ ଓ ଅଟ୍ରି ବିଜୟୀ



**ଖୋର୍ଦ୍ଧା,୨୪।୧୧ (ମହାଭାରତ) :** ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ମ୍ୟାଚରେ ମକୁନ୍ଦ ପ୍ରସାଦ ଦଳ କୁମାରବସ୍ତ ଦଳ କୁ ୪ ୱିକେଟରେ ପରାସ୍ତ କରିଛି ?। କୁମାରବସ୍ତ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୧୧୧ ରନ୍ ସଂଗ୍ରହ କରିଥିଲେ ।।ଜବାବ ରେ ମକୁନ୍ଦ ପ୍ରସାଦ ଦଳ ୧୪ ଓଭର ରେ ଆବଶ୍ୟକ ୧୧୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା ।ଶ୍ରେଷ୍ଠ ଖେଳାଳି ପଙ୍କଜ ନାୟକ ଙ୍କୁ ସମାଜସେବୀ ସଂଗ୍ରାମ ରାମଚନ୍ଦ୍ର ଛୋଟରାୟ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ (ନନ ଆଧାର) ଟସ୍ ରେ ବିଜୟ ଲାଭ କରି ଅଟ୍ରି ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା ।ପ୍ରଥମେ ବ୍ୟାଟିଂ କରି ଅଟ୍ରି ଦଳ ନିର୍ଦ୍ଧାରିତ ୨୦ ଓଭର ରୁ ସମସ୍ତ ୱିକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲେ ।ଦଳ ପକ୍ଷରୁ ପ୍ରଦୀପ ରାଉତ ୫୮ ରନ୍ ସଂଗ୍ରହ କରିଥିଲେ। ଜବାବରେ ଭୁବନେଶ୍ୱର ଦଳ ନିର୍ଦ୍ଧାରିତ ୨୦ଓଭର ରେ ୭ ୱିକେଟ ହରାଇ ୧୭୫ ରନ୍ ରେ ସିମିତ ରହି ପରାଜିତ ହୋଇଥିଲା ।ଦଳ ପକ୍ଷରୁ ରିତିକ ମହାନ୍ତି ୩ ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ରାମଚନ୍ଦ୍ର ସାମନ୍ତରାୟ ଙ୍କ ଠୁ ପୁରସ୍କାର ଗ୍ରହଣ କରିଥିଲେ ।ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ,ସୋଭାକର ପାତ୍ର ଓ ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା,ପ୍ରଶାନ୍ତ ନାଟୁଆ ଓ ଅମିୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ ।୨୫/୧୧/୨୫ପ୍ରଥମ ମ୍ୟାଚ୍ ଗଙ୍ଗପଡ଼ା ବନାମ ଯଦୁପୁର ଏବଂ ଦ୍ୱିତୀୟ ମ୍ୟାଚ ଢେଙ୍କାନାଳ ବନାମ ମଞ୍ଚେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଦୁର୍ଯ୍ୟୋଧନ ପରିଡା ଜଣାଇଛନ୍ତି।

# ଭଞ୍ଜ ଟ୍ରଫି : ଉଦଘାଟନୀ ମ୍ୟାଚରେ ବିହାର ବିଜୟୀ

**ଭଞ୍ଜନଗର,୨୪।୧୧ (ମହାଭାରତ) :** ଗଞ୍ଜାମ ଜିଲା ଭଞ୍ଜନଗର ଜେଲ ପଡିଆରେ ସୋମବାରଠାରୁ ଭଞ୍ଜ ଟ୍ରଫି-୨୦୨୫ ସର୍ବ ଭାରତୀୟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । ଉଦଘାଟନୀ ମ୍ୟାଚ ଆୟୋଜକ ଭଞ୍ଜନଗର ଫୁଟବଲ ଏକାଡେମୀ ଓ ବକ୍ସର (ବିହାର) କାମାକ୍ଷା ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବିହାର ୨ -୧ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରଥମ ଦଳ ଭାବେ ପହଞ୍ଚିଛି। ଆଜିର ମ୍ୟାଚର ରେଫରୀ ଶିବ ଶଙ୍କର ପଣ୍ଡା ଥିବାବେଳେ ଲାଇନ୍ସ ମ୍ୟାନ୍ ଦେବବ୍ରତ ବେହେରା, ସୁଜି ରାଜହଂସ, ଦିଲ୍ଲୀପ କୁମାର ରାଉତ, ମ୍ୟାଚ କମିଶନର ପି ଆନନ୍ଦ ରାଓ ଓ ପି ରମେଶ ଥିଲେ। ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଇଛି। ସେଗୁଡିକ ହେଲା ଆଜିର ଦୁଇ ଟିମ୍ ସହ କୋରାପୁଟ, ସୁନ୍ଦରଗଡ଼, ସମ୍ବଲପୁର, ଭଞ୍ଜନଗର ମରାଠା ଏକାଦଶ, ଫୁଲବାଣୀ ଓ ହାଇଦ୍ରାବାଦ। ମଙ୍ଗଳବାର କୋରାପୁଟ ବ୍ରଦରସ ଫୁଟବଲ କ୍ଲବକୁ ସୁନ୍ଦରଗଡ଼ ଦୋସ୍ତି ଫୁଟବଲ କ୍ଲବ ଭେଟିବ। ପ୍ରତ୍ୟେକ ଦିନ ଅପରାହ୍ନ ୨ ଟା ୩୦ରେ ଖେଳ ହେଉଛି। ଆଜିର ପ୍ରଥମ ମ୍ୟାଚରେ ନାଇଜେରିଆନ ଖେଳାଳିଙ୍କୁ ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଦର୍ଶକମାନେ ଉତ୍ସାହିତ ଥିଲେ। ଉଦଘାଟନୀ ମ୍ୟାଚକୁ ଭଞ୍ଜନଗର ଏନ୍.ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁ ପ୍ରସାଦ ପ୍ରଧାନ, ନରୀସଭା ନାୟକ ଯୋଗ ଦେଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ